RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-58 ◆FRIDAY ◆22 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୫୮ ◆ଶୁକ୍ରବାର ◆୨୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

▶ପୃଷ୍ଠା ୧୧ ଦେଖନ୍ତୁ...

## ସମୂହ ଜୀବନ ହାରିଲେ ପରିବାରର ୫ ସଦସ୍ୟ



ଋଣ ଚାପ

■ **ହାଇଦରାବାଦ୍, ୨୧।୮ (ଏଜେନ୍ସି):** ହାଇଦରାବାଦ୍‌ରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାର ୫ ଜଣ ସଦସ୍ୟଙ୍କ ମୃତଦେହ ସନ୍ଦେହଜନକ ଭାବେ ଗୋଟିଏ ଘରୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ ଦୁଇ ବର୍ଷର ଶିଶୁ ମଧ୍ୟ ରହିଛି। ମୃତକଙ୍କ ମଧ୍ୟରେ ଜଣେ ପୁରୁଷ (୬୦), ତାଙ୍କ ପତ୍ନୀ (୫୫), ଝିଅ (୨୪), ଜ୍ୱାଇଁ (୩୨)ଓ ଦୁଇବର୍ଷର ଶିଶୁ ରହିଛନ୍ତି। ମିୟାପୁର ପୁଲିସ ଥାନ୍ ଅନ୍ତର୍ଗତ ମକଥା ମେହବୁବପେଟ୍‌ରେ ଏହି ଘଟଣା ଘଟିଛି। ପଡୋଶୀଙ୍କଠାରୁ ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଏହି ପରିବାର କର୍ଣ୍ଣାଟକର ଗୁଲବର୍ଗା ଜିଲ୍ଲାର ଆସି ଏଠାରେ ଗତ ୬ ବର୍ଷ ହେବ ରହୁଥିଲେ। ଏମାନେ ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ମୃତଦେହଗୁଡ଼ିକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘରର ମୁଖ୍ୟ ଲକ୍ଷ୍ମୀମାଇଆ ଜଣେ ଶ୍ରମିକ ଭାବେ କାର୍ଯ୍ୟକରନ୍ତି। ପୂର୍ବରୁ କିଛି ଋଣ କରିଥିବାରୁ ଓ ଏହାକୁ ପରିଶୋଧ କରିବା ଉଦ୍ଦେଶ୍ୟରେ ରୋଜଗାର ପାଇଁ ଏହି ପରିବାର ହାଇଦରାବାଦ ସ୍ଥାନାନ୍ତର ହୋଇଥିଲେ। ଆର୍ଥିକ ଅନାଟନ ପାଇଁ ସମସ୍ତେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ଓ ତଦନ୍ତ ସରିବାର ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

## ଭାରତ-ପାକ୍ ଏସିଆ କପ୍ ମ୍ୟାଚ୍‌କୁ ସବୁଜ ସଙ୍କେତ



■ **ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି):** ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲଟେଜ ଏସିଆ କପ୍ କ୍ରିକେଟ୍ ମ୍ୟାଚକୁ କେନ୍ଦ୍ର କ୍ରୀଡ଼ା ବିଭାଗର ସବୁଜ ସଙ୍କେତ ମିଳିଛି। ନୂଆ ନୀତି ଅନୁଯାୟୀ ଭାରତ କୌଣସି ଦ୍ୱିପାକ୍ଷିକ ସିରିଜ କିମ୍ବା ଇଭେଣ୍ଟରେ ପାକିସ୍ତାନ ସହ ଖେଳିବ ନାହିଁ। କିନ୍ତୁ ଅନ୍ତର୍ଜାତୀୟ ଇଭେଣ୍ଟରେ ଯେଉଁଥିରେ ପାକିସ୍ତାନ ଦଳ ଓ ଖେଳାଳି ଅଂଶଗ୍ରହଣ କରୁଥିବେ ସେଥିରେ ଭାରତୀୟ ଖେଳାଳି ଏବଂ ଦଳକୁ ଖେଳିବା ଲାଗି ବାରଣ କରାଯିବ ନାହିଁ। କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯିବା ପରେ ଏସିଆ କପ୍ କ୍ରିକେଟ୍‌ରେ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଦୀର୍ଘଦିନ ହେବ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରର ୧୭ତମ ସଂସ୍କରଣ ସେପ୍ଟେମ୍ବର ୯ରୁ ୟୁଏଇରେ ଆରମ୍ଭ ହେବ। ପ୍ରକାଶଯୋଗ୍ୟ, ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ଓ ପରେ ଭାରତର 'ଅପରେସନ ସିନ୍ଦୁର'କୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିଲା। ଏପରିକି ପାକିସ୍ତାନ ସହ କୌଣସି ଅନ୍ତର୍ଜାତୀୟ ମ୍ୟାଚ ନ ଖେଳିବା ଲାଗି ଦେଶରୁ ସ୍ୱରଉତ୍ତୋଳନ ହୋଇଥିଲା।

# ହଟିବ ୧୨%, ୨୮% ଜିଏସ୍‌ଟି ସ୍ଲାବ୍

**ବିଳାସ ସାମଗ୍ରୀ ଉପରେ ଲାଗିବ ୪୦% ଟିକସ**

- ମନ୍ତ୍ରୀ ସ୍ତରୀୟ ବୈଠକରେ ପ୍ରସ୍ତାବକୁ ମଞ୍ଜୁରୀ
- ଜିଏସ୍‌ଟି ସରଳୀକରଣକୁ ମିଳିଲା ସହମତି
- ଶସ୍ତା ହେବ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ





■ **ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି):** ଚାରିଟି ଜିଏସ୍‌ଟି ସ୍ଲାବ ବଦଳରେ ଏଣିକି ଦୁଇଟି ଜିଏସ୍‌ଟି ସ୍ଲାବ୍ ରହିବ । ପ୍ରଚଳିତ ବ୍ୟବସ୍ଥାରେ ଥିବା ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ଟିକସ ସ୍ଲାବରୁ ୧୨ ପ୍ରତିଶତ ଓ ୧୮ ପ୍ରତିଶତକୁ ଟିକସକୁ ପ୍ରତ୍ୟାହାର କରାଯିବ। ଯେଉଁ ସାମଗ୍ରୀଗୁଡ଼ିକରୁ ୨୮% ଟିକସ ନିଆଯାଉଥିଲା, ତାହାକୁ ୧୮% ବର୍ଗରେ ରଖାଯିବ ଏବଂ ୧୨% ଟିକସ ବର୍ଗକୁ ୫ ପ୍ରତିଶତକୁ ହ୍ରାସ କରାଯିବ। ଯାହା ଫଳରେ ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। ଜିଏସ୍‌ଟି ପରିଷଦର ମନ୍ତ୍ରୀଗୋଷ୍ଠୀ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଏହା ଲାଗୁ ହେଲେ ସିମେଣ୍ଟ, ପ୍ରସାଧନ ସାମଗ୍ରୀ, ସାଧାରଣ ପରିବହନରେ ବ୍ୟବହୃତ ବାହନ, କୃଷି ଯନ୍ତ୍ରାଂଶ, ସୌର ପ୍ୟାନେଲ, ଟାୟାର ଆଦିର ମୂଲ୍ୟ ହ୍ରାସ ପାଇବ।

ସମ୍ପ୍ରତି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ସାରା ଦେଶରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଉପରେ ଏଥିପାଇଁ ଚାପ ବଢ଼ୁଛି। ଅନ୍ୟପକ୍ଷରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବଜାର କାରବାର ଦ୍ରୁତ କରାଯିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଦରଦାମ ତାତିରୁ ଖାଉଟିଙ୍କୁ ରିହାତି ନ ମିଳିଲେ ଦେଶର ଅର୍ଥନୀତି ଆଗକୁ ବଢ଼ିବ ନାହିଁ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି। ତେଣୁ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାକୁ ଆହୁରି ସରଳ କରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଜି ଅନୁଷ୍ଠିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ବୈଠକରେ କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଜିଏସ୍‌ଟି ସରଳୀକରଣକୁ ସହମତି ମିଳିଛି। ଯାହାଫଳରେ ଜିଏସ୍‌ଟି ବ୍ୟବସ୍ଥାରେ ରହିଥିବା ୧୨% ଏବଂ ୨୮% ସ୍ଲାବ୍ ହଟିବ ବୋଲି ଆଶା କରାଯାଉଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବସିଥିବା ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଗୋଷ୍ଠୀର ସୁପାରିସକୁ ଅନୁମୋଦନ ମିଳିଲେ ନୂତନ ଟିକସ ହାର ୨୦୨୬ ପ୍ରାରମ୍ଭ ସୁଦ୍ଧା କାର୍ଯ୍ୟକାରୀ ହୋଇପାରେ ବୋଲି କୁହାଯାଉଛି।

ବୈଠକର ନିଷ୍ପତ୍ତି ଅନୁସାରେ ଜିଏସ୍‌ଟି ହାରକୁ କେବଳ ଦୁଇଟି ସ୍ଲାବରେ ବିଭକ୍ତ କରାଯିବ। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୫% ହାର ଲାଗୁ ହେବ ଏବ ଅନ୍ୟ ସେବାମୂଳକ ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ସ୍ଲାବ୍ ରହିବ। ପୂର୍ବରୁ ୧୨% ଟିକସ ଲାଗୁ ହେଉଥିବା ପ୍ରାୟ ୯୯% ସାମଗ୍ରୀ ଏବେ ୫% ସ୍ଲାବ ଅଧୀନକୁ ଆସିବ। ଅନ୍ୟପକ୍ଷରେ ପୂର୍ବରୁ ୨୮% ଟିକସ ଲାଗୁ ହେଉଥିବା ପ୍ରାୟ ୯୦% ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବୈଠକରେ ମନ୍ତ୍ରୀ ଗୋଷ୍ଠୀ ଏହା ମଧ୍ୟ ପ୍ରସ୍ତାବ ଦେଇଛି ଯେ, ବିଳାସପୂର୍ଣ୍ଣ କାରଗୁଡ଼ିକ ଉପରେ ୪୦% ହାରରେ ଟିକସ ଲାଗୁ କରାଯିବା ଉଚିତ। ଏହାସହିତ, କିଛି ହାନୀକାରକ ଦ୍ରବ୍ୟକୁ ମଧ୍ୟ ଏହି ସ୍ଲାବରେ ▶ପୃଷ୍ଠା-୭

# ଅଚଳାବସ୍ଥା ମଧ୍ୟରେ ସରିଲା ଅଧିବେଶନ

### ଲୋକସଭା ଚାଲିଲା ୩୭ ଘଣ୍ଟା, ରାଜ୍ୟସଭା ୪୧ ଘଣ୍ଟା



**ଲୋକସଭାର ୧୨, ରାଜ୍ୟସଭାରେ ୧୫ ବିଲ୍ ପାସ**

■ **ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଅରକୁ ନେଇ ଅଚଳ ରହିଥିବା ସଂସଦର ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି। ଅପରେସନ ସିନ୍ଦୂର ଆଲୋଚନାକୁ ଛାଡ଼ିଦେଲେ ଆଉ କୌଣସି ଦିନ ସଂସଦ ଚାଲିପାରି ନାହିଁ। ଏକ ମାସ ଧରି ଚାଲିଥିବା ସଂସଦର ଏହି ଅଧିବେଶନରେ ଆଲୋଚନା ପାଇଁ ୧୨୦ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ଲୋକସଭାରେ ମାତ୍ର ୩୭ ଘଣ୍ଟା ଆଲୋଚନା ହୋଇଥିବା ବେଳେ ରାଜ୍ୟସଭାରେ ୪୧ ଘଣ୍ଟା ପାଇଁ ଆଲୋଚନା ହୋଇଛି। ଅନ୍ୟ ସମୟ ସବୁ ପ୍ରବଳ ହଟ୍ଟଗୋଳ ଓ ୱାକଆଉଟ୍ ଯୋଗୁଁ ଧୋଇ ହୋଇଯାଇଛି। ତେବେ ଯେତେ ସମୟ ଧରି ସଂସଦ ଚାଲିଲା, ତାହା ମଧ୍ୟରେ ଲୋକସଭାରେ ୧୨ଟି ବିଲ୍ ଗୃହୀତ ହୋଇଥିବା ବେଳେ ରାଜ୍ୟସଭାରେ ୧୫ଟି ବିଲ୍ ଗୃହୀତ ହୋଇପାରିଛି। ତେବେ ଏହି ଅଧିବେଶନରେ ସବୁଠାରୁ ଚର୍ଚ୍ଚିତ ଘଟଣା ଥିଲା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା। ୨୧ ତାରିଖରେ ସଂସଦ ଅଧିବେଶନ ଆରମ୍ଭ ହେବାପରେ ସନ୍ଧ୍ୟା ବେଳେ ସେ ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ୍ୟ ପ୍ରକୃତ କାରଣ ଏବେ ବି ରହସ୍ୟରେ ରହିଛି।

ସଂସଦ ଅଧିବେଶନର ପ୍ରଥମ ସପ୍ତାହ ବିହାର ଭୋଟର ତାଲିକା ସଂଶୋଧନ ▶ପୃଷ୍ଠା-୭

## ସେପ୍ଟେମ୍ବର ୧୮ ରୁ ମୌସୁମୀ ଅଧିବେଶନ



### ୨୫ରେ ସରିବ ଅଧିବେଶନ, ରହିଛି ୭ଟି କାର୍ଯ୍ୟ ଦିବସ

**ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ ପାଇଁ ବିରୋଧୀଙ୍କ ସଜବାଜ**

**ଆଇନଶୃଙ୍ଖଳା, ମହିଳାଙ୍କ ସୁରକ୍ଷା ପାଲଟିବ ମୁଖ୍ୟ ପ୍ରସଙ୍ଗ**

**ସରକାରଙ୍କ ଦମ୍ଭୋକ୍ତି, ଗଠନମୂଳକ ଆଲୋଚନା ପାଇଁ ପ୍ରସ୍ତୁତ**

■ **ଭୁବନେଶ୍ୱର, ୨୧।୮ (ସମିସ):** ସେପ୍ଟେମ୍ବର ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ। ବିଧାନସଭା ସଚିବାଳୟ ସୂତ୍ରରୁ ଜଣାପଡ଼ିଛି। ଅଧିବେଶନରେ ୧୮ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୭ଟି କାର୍ଯ୍ୟ ଦିବସ ରହିଥିବା ବେଳେ ଏକାଧିକ ପ୍ରସଙ୍ଗକୁ ନେଇ ଗୃହ ସରଗରମ ରହିବା ନେଇ ଅନୁମାନ କରାଯାଉଛି। ଆସନ୍ତା ଅଧିବେଶନ ରାଜ୍ୟ ସରକାରଙ୍କ ପାଇଁ ସହଜ ହୋଇନପାରେ। ନିକଟରେ ଏକାଧିକ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମହିଳା ସୁରକ୍ଷାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିପାରନ୍ତି ବୋଲି ଆକଳନ କରୁଛନ୍ତି ରାଜନୈତିକ ସମୀକ୍ଷକ। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଚାଷୀ ସମସ୍ୟା, ପରୀକ୍ଷା କେଲେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ▶ପୃଷ୍ଠା-୭

### ୧୭ ଆଇପିଏସ୍, ୧୩ ଓପିଏସ୍‌ଙ୍କ ବଦଳି

## ପ୍ରତ୍ୟୁଷ ଦିବାକର ବାଲେଶ୍ୱର ଏସ୍‌ପି

■ **ଭୁବନେଶ୍ୱର, ୨୧।୮ (ସମିସ):** ରାଜ୍ୟ ସରକାର ଆଇପିଏସ୍ ଓ ଓପିଏସ୍ ସ୍ତରରେ ଏକ ବଡ଼ ଅଦଳବଦଳ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତିରେ ୧୭ଜଣ ଆଇପିଏସ୍ ଏବଂ ୧୩ ଓପିଏସ୍‌ଙ୍କୁ ବଦଳି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଏସ୍‌ସିଆରବି ନିର୍ଦ୍ଦେଶକ ଥିବା ୧୯୯୫ ବ୍ୟାଚ୍‌ର ଆଇପିଏସ୍ ସନ୍ତୋଷ ବାଲାଙ୍କୁ ଏସ୍‌ଏଫଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଥିବା ୨୦୦୨ ବ୍ୟାଚର ଆଇପିଏସ୍ ଏସ୍.ପ୍ରବୀନ କୁମାରଙ୍କୁ ଆଇଜି ପ୍ରୋଭିଜନିଂକୁ ବଦଳି କରାଯାଇଛି। ସେହିପରି ହେଡ୍‌କ୍ୱାର୍ଟରରେ ଥିବା ଗଜଭିଏ ଶତିଶ୍ କୁମାରଙ୍କୁ ଆଇଜି ସ୍ପେଶାଲ ଆର୍ମି ପୁଲିସକୁ ବଦଳି କରାଯାଇଛି। ଭିଜିଲାନ୍ସ ଆଇଜି ଥିବା ୨୦୦୩ ବ୍ୟାଚ୍‌ର ଆଇପିଏସ୍ ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଆଇଜି ଭାବେ ବଦଳି କରାଯାଇଛି। ସ୍ପେଶାଲ ଆର୍ମ୍ ପୁଲିସ ଆଇଜି ଥିବା ୨୦୦୭ ବ୍ୟାଚ୍‌ର ଅଭିନାଶ କୁମାରଙ୍କୁ ରାଜ୍ୟ ଅପରାଧ ନଥି ଶାଖାର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ▶ପୃଷ୍ଠା-୭

# ରାଜ୍ୟରେ ସାର କଳାବଜାର

### ଚାରିଗୁଣ ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ



**୧୦ ବସ୍ତା ସ୍ଥାନରେ ମିଳୁଛି ଗୋଟିଏ ବସ୍ତା**

**ରାଜ୍ୟସାରା ଅସୁବିଧା; ସରକାର ବେଫିକର୍**

■ **ଭୁବନେଶ୍ୱର, ୨୧।୮ (ସମିସ):** ଚାଷୀ ପଞ୍ଜିକରଣଠାରୁ ଆରମ୍ଭ କରି ସାର ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ପଞ୍ଜିକରଣ ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ଏବେ ଧାନ ରୋଇବା ପରେ ସାର ଅଭାବ ଚାଷୀଙ୍କୁ ନାକରେ କନ୍ଦାଇ ସାରିଲାଣି। ରାଜ୍ୟବ୍ୟାପୀ ଲାମ୍ପସ୍ ଓ ସମବାୟ ଆଗରେ ଚାଷୀମାନେ ଯାଇ ଧାରଣ ଆନ୍ଦୋଳନ କରୁଛନ୍ତି କେବେ ସାର ମିଳିବ, ତା'ର ଉତ୍ତର ମିଳୁନାହିଁ। ଯେଉଁ ୟୁରିଆ ସାର ସରକାରୀ ଭାବେ ୨୬୬ଟଙ୍କା ବାହାରେ ୭ଶହରୁ ୮ଶହ ଟଙ୍କାରେ ବିକ୍ରି ହେଉଛି। ଏତେ ଟଙ୍କା ଦେଇ ଚାଷୀମାନେ କିଣିବାକୁ ସକ୍ଷମ ହେଉନାହାନ୍ତି।

ସାରା ରାଜ୍ୟରେ ୟୁରିଆ ସାର ଅଭାବ। ସାଲେପୁରରୁ ସମ୍ବଲପୁର, ସୁନ୍ଦରଗଡ଼ରୁ କୋରାପୁଟ ସବୁଠି ସାର ଅଭାବକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ସରକାର କହୁଛନ୍ତି, କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରନ୍ତୁ। ଚାଷୀଙ୍କ ପାଖକୁ ଯାଇ ସମସ୍ୟା ବୁଝି ସମାଧାନ କରନ୍ତୁ। ଅନ୍ୟପଟେ ଚାଷୀ ବାଧ୍ୟହୋଇ ଚାଷ ସମୟରେ ବିଲବାଡ଼ି ଛାଡ଼ି ପ୍ରତିବାଦ, ଆନ୍ଦୋଳନରେ ସାମିଲ ହେଉଛନ୍ତି। କ୍ଷେତରେ ଫସଲ ଉଜୁଡ଼ିଯିବାକୁ ବସିଲାଣି। ଅଧିକାଂଶ ପ୍ୟାକ୍ସରେ ସାର ଆଦୌ ନାହିଁ। ଯେଉଁଠି ଅଛି, ଆଧାର କାର୍ଡ ଦେଖାଇଲେ, ଗୋଟିଏ ବସ୍ତା ସାର ଦେଉଛନ୍ତି। ପ୍ରତ୍ୟେକ ଚାଷୀ ଏକର, ଦୁଇ ଏକର ଲେଖାଁଏ ଚାଷ କରିଛନ୍ତି, ସେଠି ଗୋଟିଏ ବସ୍ତା ସାର ନେଇ କିଭଳି ନିଜର ଆବଶ୍ୟକତା ପୂରଣ କରିବୁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଜଣେ ପ୍ୟାକ୍ସ ସଭାପତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ପର୍ଯ୍ୟାପ୍ତ ସାର ଯୋଗାଡ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ସରକାର ଆମକୁ ନ ▶ପୃଷ୍ଠା-୭

# କେନ୍ଦ୍ର ନିୟନ୍ତ୍ରଣରେ ନାହିଁ ଏଫ୍‌ସିଆଇ

### ମିଲ୍‌ରେ ଚାଉଳ ଭର୍ତ୍ତି; ଖରିଫ ଧାନ ଉଠିବ କେମିତି

**ଏଫ୍‌ସିଆଇ ମନମାନୀକୁ ସ୍ୱୀକାର କଲେ ରାଜସ୍ୱ ମନ୍ତ୍ରୀ**

■ **ଭୁବନେଶ୍ୱର, ୨୧।୮ (ସମିସ):** ଓଡ଼ିଶା ପ୍ରତି ପାତରଅନ୍ତର ମନୋଭାବ ପୋଷଣ କରୁଛି ଏଫ୍‌ସିଆଇ। ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଏଫ୍‌ସିଆଇ ଯେଉଁପରି ମନୋଭାବ ଦେଖାଉଥିଲା, ଏବେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ମଧ୍ୟ ଅନୁରୂପ ମନୋଭାବ ଦେଖାଉଛି। ସେତେବେଳେ ତତ୍‌କାଳୀନ ରାଜ୍ୟ ସରକାର, ବିଜେଡ଼ିର ସାଂସଦମାନେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ରାଜ୍ୟରୁ ନିର୍ବାଚିତ ଶାସକ ଦଳର ୨୦ ସାଂସଦ ଏ ପ୍ରସଙ୍ଗରେ ନିରବ ଥିବାବେଳେ କେବଳ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଏହାକୁ ନେଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫ୍‌ସିଆଇ ଓଡ଼ିଶାରୁ ଅଧିକ ଚାଉଳ ଉଠାଇବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଖରିଫ୍ ଋତୁରେ ରାଇସ ମିଲ୍ ଗୋଦାମ ଖାଲି ନ ହେଲେ ଅସୁବିଧା ହେବ। ଏଫସିଆଇ ଧାନ ଉଠାଣ ନେଇ ସମସ୍ୟା ଅଛି। କିଛି ନିୟମର ପରିବର୍ତ୍ତନ ଆବଶ୍ୟକ ରହିଛି। ଓଡ଼ିଶାରୁ କିପରି ଏଫସିଆଇ ଧାନ ଉଠାଇବ, ତାହା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ପଡ଼ୋଶୀ ରାଜ୍ୟମାନେ ଆସି ଓଡ଼ିଶାରେ ଧାନ ବିକ୍ରି କରୁଛନ୍ତି। କିଛି ତ୍ରୁଟିବିଚ୍ୟୁତି ରହିଛି। ତେଣୁ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ବିଜେଡ଼ି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ। ସେ କହିଛନ୍ତି ଯେ ଯେଉଁମାନେ ବିରୋଧୀରେ ଥିଲେ, ସେମାନେ ସରକାର ଅଛନ୍ତି। କ୍ଷମତାକୁ ଆସିଲା ପରେ ▶ପୃଷ୍ଠା-୭

**ଆସିବ ସ୍ୱତନ୍ତ୍ର ନୀତି**

# ହାତୀ ସଂରକ୍ଷଣରେ ମଡେଲ ହେବ ଓଡ଼ିଶା





**କରିଡର୍ ମ୍ୟାପିଙ୍ଗ୍, ଜଙ୍ଗଲ ପୁନରୁଦ୍ଧାର ଉପରେ ଗୁରୁତ୍ୱ**

■ **ଭୁବନେଶ୍ୱର, ୨୧।୮ (ସମିସ):** ରାଜ୍ୟରେ ହାତୀମାନଙ୍କୁ କେବଳ ପଶୁ ଭାବେ ବିବେଚନା କରାଯାଏ ନାହିଁ। ସେମାନେ ଆମର ପରିଚୟ, ଇତିହାସ ଏବଂ ଆଧ୍ୟାତ୍ମିକତାର ଅଂଶ। ଜାତୀୟ ଐତିହ୍ୟ ପ୍ରାଣୀ ଭାବରେ ହାତୀ ପ୍ରକୃତରେ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶ ଯୋଗୁଁ ହାତୀଙ୍କ ବାସସ୍ଥାନ ହ୍ରାସ ହେଉଛି। ଏଥିପାଇଁ ମଣିଷ-ହାତୀ ସଂଘର୍ଷ ବଢ଼ୁଛି। ଏହି ସଂଘର୍ଷ ରୋକିବା ସହ ହାତୀଙ୍କ ସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ନୀତି ଆସିବ। ଏହାସହିତ ଆଗାମୀ ଦିନରେ ଓଡ଼ିଶା ହାତୀ ସଂରକ୍ଷଣ କ୍ଷେତ୍ରରେ ଏକ ମଡେଲ୍ ରାଜ୍ୟ ହେବ ଓ ବିଶ୍ୱକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଭୁବନେଶ୍ୱରରେ ହାତୀ-ମଣିଷ ସହାବସ୍ଥାନରେ ସର୍ବୋତ୍ତମ ଅଭ୍ୟାସ ଉପରେ ଏକ ଆନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମଣିଷ ଏବଂ ହାତୀ ମଧ୍ୟରେ ଶାନ୍ତିପୂର୍ଣ୍ଣ ଜୀବନଯାପନ ସୁନିଶ୍ଚିତ କରିବାକୁ ବିଶ୍ୱସ୍ତରୀୟ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାର ଚନ୍ଦକାରେ ପ୍ରତିଷ୍ଠା ହେବାକୁ "ଏସୀୟ ହାତୀ ପ୍ରଜାତି ପ୍ରଜାତି ବଞ୍ଚାଅ କେନ୍ଦ୍ର' ସମ୍ପର୍କରେ ସୂଚନା ଦେଇଥିଲେ। ଏହି କେନ୍ଦ୍ର କେବଳ ଓଡ଼ିଶା ପାଇଁ ନୁହେଁ; ସମଗ୍ର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆ ପାଇଁ ଗବେଷଣା, ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିବ। ଏହି ପଦକ୍ଷେପ ଏସୀୟ ହାତୀ ସଂରକ୍ଷଣରେ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହାତୀ କରିଡର୍‌ରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଓଡ଼ିଶାରେ ଏବେ ୨୧ଶହ ହାତୀ ଥିବାରୁ ଏ କ୍ଷେତ୍ରକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେବେ ସହରୀକରଣ, ଭିତ୍ତିଭୂମି, କୃଷିର ସଂପ୍ରସାରଣ ଫଳରେ ହାତୀ ମଣିଷ ଲଢ଼େଇ ହେବା ଅତ୍ୟନ୍ତ ▶ପୃଷ୍ଠା-୭



# ମହାକାଶରେ ଡର ଲାଗୁଥିଲା

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଆକ୍ସିଅମ-୪ ମିଶନରେ ସାମିଲ ହୋଇ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ୍)ରେ ଦୁଇ ସପ୍ତାହ ବିତାଇଥିଲେ। ସେ ମିଶନ ପାଇଲଟ ଭାବେ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଥିଲେ। ଆଇଏସ୍ଏସ୍‌ରେ ଦୁଇ ସପ୍ତାହ ରହିବା ମଧ୍ୟରେ ସେ ଏକାଧିକ ପରୀକ୍ଷା ନିରୀକ୍ଷା କରିଥିଲେ। ଏଥିପାଇଁ ସେ ଉଚ୍ଚକୋଟୀର ପ୍ରଶିକ୍ଷଣ ନେଇଥିଲେ। ମହାକାଶରେ ସମୟ ବିତାଇବା ନିଶ୍ଚିତ ଭାବେ ଏକ ଭିନ୍ନ ପ୍ରକାର ଅନୁଭବ ଥିଲା ବୋଲି ସେ ଦିଲ୍ଲୀର ମିଡିଆ ସେଣ୍ଟରରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି କହିଛନ୍ତି। ଏହି ଅବସରରେ ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଭାରତ ସରକାରଙ୍କ ପ୍ରମୁଖ ମୁଖପାତ୍ର ଧିରେନ୍ଦ୍ର ଓଝା, ଇସ୍ରୋ ମୁଖ୍ୟ ଡ. ଭି ନାରାୟନନ, ଭାରତୀୟ ବାୟୁସେନା ଉଡାନ ପ୍ରଶିକ୍ଷକ ତଥା ଟେଷ୍ଟ ପାଇଲଟ ପ୍ରଶାନ୍ତ ଭି ନାଏର ଉପସ୍ଥିତ ଥିଲେ। ଆଇଏସ୍ଏସ୍‌ରେ ରହିବା ବେଳେ ଭୟ ଲାଗୁଥିଲା। ଯଦି ଆମେ କହିବା ଡର ଲାଗୁ ନଥିଲା, ତାହେଲେ ଏହା ଭୁଲ ହେବ। ସମସ୍ତଙ୍କୁ ଭୟ ଲାଗିଥାଏ। କିନ୍ତୁ ଆମ ପଛରେ ଏକ ଭରସାଯୋଗ୍ୟ ଟିମ୍ ରହିଥାଏ ଓ ଏହି ଟିମ୍‌କୁ ଆମେ ଆମର ଜୀବନ ବିଶ୍ୱାସର ସହିତ ଅର୍ପଣ କରିଥାଉ। ତେଣୁ ଭୟ ଓ ଚାପକୁ ନିୟନ୍ତ୍ରଣ କରିବାରେ ଆମେ ବହୁ ପରିମାଣରେ ସମର୍ଥ ହୋଇଥାଉ। ଆଇଏସଏସ୍‌ରେ ରହିବା ବେଳେ ଆମକୁ ଅତିରିକ୍ତ ଜ୍ଞାନ ମିଳିଥାଏ ଓ ଏହା ବହୁତ ମୂଲ୍ୟବାନ। ଆଗକୁ ଏହି ଜ୍ଞାନ ଭାରତର ଗଗନଯାନ ମିଶନ ଓ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ପାଇଁ ବେଶ୍ ଉପାଦେୟ ହେବ ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ଆମେ ଆମ ରକେଟ ଓ ନିଜ ମାଟିରୁ ଯେକୌଣସି ବ୍ୟକ୍ତିଙ୍କୁ ଅନ୍ତରୀକ୍ଷ ପଠାଇବୁ ବୋଲି ସେ କହିଛନ୍ତି। ଶୁଭାଂଶୁଙ୍କ ଆଗାମୀ ମିଶନ ଗଗନଯାନ ହେବ ଓ ସେ ଏଥିପାଇଁ ପସ୍ତୁତ କରିବେ ବୋଲି କହିଛନ୍ତି।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ରାଜ୍ୟପାଳ ଦାୟିତ୍ୱରେ ଅବହେଳା କଲେ କୋର୍ଟ କ'ଣ ଚୁପ୍ ବସିବେ?

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ କୌଣସି ନିଷ୍ପତ୍ତି ନନେଇ ରାଜ୍ୟପାଳ ବସି ରହିଲେ, ଏହାର ସମାଧାନ ବାଟ କଣ? ସାମ୍ବିଧାନିକ ପଦବୀରେ ବସିଥିବା ଜଣେ ବ୍ୟକ୍ତି ତାର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକଲେ ସାମ୍ବିଧାନିକ କୋର୍ଟ କ'ଣ ହାତ ବାନ୍ଧି ବସିବେ? ସୁପ୍ରିମକୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ ଏଭଳି ପ୍ରଶ୍ନ କରିଛନ୍ତି।

### ସବୁ ସମସ୍ୟାର ସମାଧାନ କୋର୍ଟ ନୁହେଁ: କେନ୍ଦ୍ର



ବିଲ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ କି? ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଥିଲେ। ପ୍ରଧାନ ବିଚାରପିତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି। ଆଜି ଶୁଣାଣି ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି କରିଥିଲେ ଯେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ ନାହିଁ। ସମ୍ବିଧାନରେ କୋର୍ଟ, ସଂସଦ ଓ କାର୍ଯ୍ୟପାଳିକା ପାଇଁ ସୀମା ଧାର୍ଯ୍ୟ କରାଯାଇଛି ଏବଂ କେହି ଏହାର ଉଲ୍ଲଂଘନ କରିପାରିବେ ନାହିଁ। ଏହା ହେଲେ ବଡ଼ଧରଣର ବିଭ୍ରାଟ ସୃଷ୍ଟି ହେବ। ଏହାର ଜବାବ ଦେବାକୁ ଯାଇ ବେଞ୍ଚ ପ୍ରଶ୍ନ କରିଥିଲେ ଯେ ସାମ୍ବିଧାନିକ ପଦବୀରେ ବସିଥିବା ଜଣେ ବ୍ୟକ୍ତି ତାର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକଲେ କୋର୍ଟ କଣ ଚୁପ୍ ହୋଇବସିବେ। ଏଭଳି ପରିସ୍ଥିତିରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ କରିବା କଣ ଭୁଲ? ଯଦି ଏହା ଭୁଲ, ତାହାହେଲେ ଏହାର ସମାଧାନ ବାଟ କଣ? ଏହି ସମୟରେ ତୁଷାର ମେହେଟ୍ଟା କହିଥିଲେ ଯେ ସମସ୍ତ ସମସ୍ୟାର ସମାଧାନ କୋର୍ଟରେ ହୋଇପାରିବ ନାହିଁ। ଗଣତନ୍ତ୍ରରେ ସମାଧାନ ପାଇଁ କଥାବାର୍ତ୍ତାକୁ ଗୁରୁତ୍ୱ ଦିଆଯିବା ଉଚିତ।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ରାଜ୍ୟପାଳ ସେମାନଙ୍କ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ଟାଳଟୁଳ କରୁଛନ୍ତି ଏବଂ ବିଭିନ୍ନ ରାଜ୍ୟରେ ଏହାକୁ ନେଇ ଭିନ୍ନ ପରିସ୍ଥିତି ଦେଖାଯାଉଛି। ଯଦି ଏକ କ୍ଷତିଗ୍ରସ୍ତ ରାଜ୍ୟ ନିରୁପାୟ ହୋଇ କୋର୍ଟର ଆଶ୍ରୟ ନିଏ., ତାହାହେଲେ କୋର୍ଟ କଣ ଏହାର ଶୁଣାଣି କରିବେ ନାହିଁ। ତାହାହେଲେ ଆଉ କଣ ରାସ୍ତା ରହିଛି, କୁହ। ସଲିସିଟର ଜେନେରାଲ କହିଲେ ଯେ, ରାଜ୍ୟପାଳ କୌଣସି ବିଲ ଉପରେ ନିଷ୍ପତ୍ତି ନନେଇ ବସି ରହିଲେ ଏହାର ରାଜନୈତିକ ସମାଧାନ ହୋଇପାରିବ। ଅତୀତରେ ଏଭଳି ଅନେକ ଘଟଣା ଘଟିଛି, ଯେଉଁଠାରେ କି ବିଲ୍ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ଏପରିକି ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି ଏବଂ ଏହାର ସମାଧାନ ବାଟ ବାହାରିଛି। ସବୁ କଥାରେ ରାଜ୍ୟ ସରକାର କୋର୍ଟଙ୍କ ଆସରା ନେବା ଠିକ୍ ନୁହେଁ ବୋଲି ମେହେଟ୍ଟା କହିଥିଲେ।

ତେବେ ସବୁକଥା ସ୍ପଷ୍ଟ କରିବାକୁ ଯାଇ ପ୍ରଧାନ ବିଚାରପତି କହିଲେ ଯେ କୌଣସି ତ୍ରୁଟି ଥିଲେ, ତାହାର ସମାଧାନ ବାଟ ରହିଛି। ଅଦାଲତ ହେଉଛି ସମ୍ବିଧାନର ରକ୍ଷକ ଏବଂ ବିଭିନ୍ନ ପ୍ରସଙ୍ଗରେ ଏହା ସମ୍ବିଧାନର ବ୍ୟାଖ୍ୟା କରିପାରିବ। ତାଙ୍କ ସହ ଏକମତ ହୋଇ ଜଷ୍ଟିସ କାନ୍ତ କହିଲେ ଯେ ସମ୍ବିଧାନର ବ୍ୟାଖ୍ୟା କରିବା ଲାଗି ସୁପ୍ରିମକୋର୍ଟଙ୍କୁ କ୍ଷମତା ମିଳିଛି ଏବଂ କୋର୍ଟରେ ଆଇନର ବ୍ୟାଖ୍ୟା ହେଲେ କୌଣସି ଅସୁବିଧା ନାହିଁ। ଜଷ୍ଟିସ ନରସିଂହା କହିଲେ ଯେ ଯଦି କୋର୍ଟ କିଛି କରିପାରିବେ ନାହିଁ ବୋଲି ସରକାର ଯୁକ୍ତି କରିବେ, ତାହାହେଲେ ସମ୍ବିଧାନ ଚାଲିପାରିବ ନାହିଁ। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚରେ ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏ. ଚନ୍ଦୁରକର ମଧ୍ୟ ଅଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ ଘଟଣା: ହଟିଲେ ଦିଲ୍ଲୀ ପୁଲିସ କମିସନର

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ କରାଯିବାର ଗୋଟିଏ ଦିନ ପରେ ଦିଲ୍ଲୀ ପୁଲିସ କମିଶନର ଶଶି ଭୁଷଣ କୁମାର (ଏସ୍‌ବିକେ) ସିଂଙ୍କୁ ପଦରୁ ହଟାଯାଇଛି। ତାଙ୍କ ସ୍ଥାନରେ ୧୯୯୨ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସତୀଶ ଗୋଲଚାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏସ୍‌ବିକେ ସିଂ ହୋମ ଗାର୍ଡର ଡିଜି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଦିଲ୍ଲୀ ପୁଲିସ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ଅଗଷ୍ଟ ୧ରେ ହିଁ କମିଶନର ଭାବେ ଦାୟିତ୍ୱ ନେଇଥିଲେ। ଏସ୍‌ବିକେ ହେଉଛନ୍ତି ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ। ଅନ୍ୟପଟେ ଗୋଲ୍‌ଚା ଦିଲ୍ଲୀ ପୁଲିସ ପାଇଁ ବିଭିନ୍ନ ପଦରେ ରହି ଦାୟିତ୍ୱ ସମ୍ପାଦନ କରିଛନ୍ତି। ସେ ଦିଲ୍ଲୀରେ ଡେପୁଟି କମିଶନର, ଜଏଣ୍ଟ କମିଶନର, ସ୍ପେଶାଲ କମିଶନର ଭାବେ କାର୍ଯ୍ୟ କରିଛନ୍ତି। ୨୦୨୦ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ବେଳେ ସେ ସ୍ପେସିଆଲ କମିଶନର ଥିଲେ। ଗତବର୍ଷ ଏପ୍ରିଲରେ ସେ କାରାଗାର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ୨୦୨୨ ଫେବୃଆରୀରୁ ୨୦୨୩ ପର୍ଯ୍ୟନ୍ତ ସେ ଅରୁଣାଚଳ ପ୍ରଦେଶର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଥିଲେ। ଏହାପରେ ତାଙ୍କୁ ଦିଲ୍ଲୀ ଡକାଯାଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ କେନ୍ଦ୍ର ସରକାର ଜେଡ ବର୍ଗର ଭିଆଇପି ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ସୁରକ୍ଷାରେ ୨୨ରୁ ୨୫ ଜଣ ବନ୍ଧୁକଧାରୀ ଯବାନ ନିୟୋଜିତ ରହିବେ। ଏବେ ଅର୍ଦ୍ଧସୈନିକ ବଳ ତାଙ୍କ ବାସଭବନର ସୁରକ୍ଷା ଦାୟିତ୍ୱ ହାତକୁ ନେବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ସୋନିଆ ଗାନ୍ଧୀ, ରାହୁଲ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଏହି ବର୍ଗର ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ରାଜେଶ ସାକୋରିଆ ନାମକ ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲା। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଥିବା ବେଳେ ଅଭିଯୁକ୍ତ ତାଙ୍କ ହାତ ଟାଣି ଦେଇଥିଲା ଓ ଟେବୁଲରେ ମୁଣ୍ଡ ବାଡେଇ ଦେଇଥିଲା। ଘଟଣା ପରେ ରାଜେଶକୁ ତୁରନ୍ତ ଗିରଫ କରାଯାଇଥିଲା।

# ୟୁକ୍ରେନ ଉପରେ ୫୭୪ ଡ୍ରୋନ୍, ୪୦ କ୍ଷେପଣାସ୍ତ୍ର ଆକ୍ରମଣ

କିଭ୍, ୨୧।୮(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ କୂଟନୈତିକ ପ୍ରୟାସ ଜାରି ରଖିଛନ୍ତି। ଆଲାସ୍କାରେ ଟ୍ରମ୍ପଙ୍କ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁତିନ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କି ଜଣକ ପରେ ଜଣେ ଆଲୋଚନା କରିବା ପରେ ଶାନ୍ତିର ରାସ୍ତା ଫିଟିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦୁଇ ଦେଶ ପଛକୁ ହଟିବାକୁ ପ୍ରସ୍ତୁତ ନାହାନ୍ତି। ରୁଷିଆ ଇତିମଧ୍ୟରେ ବର୍ଷର ତୃତୀୟ ବୃହତ୍ ଆକ୍ରମଣ କରିଛି ବୋଲି ୟୁକ୍ରେନ ଗୁରୁବାର ଦାବି କରିଛି। ଗତ ରାତିରେ ରୁଷିଆ ୫୭୪ଟି ଡ୍ରୋନ ଓ ୪୦ଟି ମିସାଇଲ ମାଡ଼ କରିଛି ବୋଲି ୟୁକ୍ରେନ୍ ବାୟୁସେନା ଦାବି କରିଛି। ଏହି ଆକ୍ରମଣରେ ଜଣେ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ପଶ୍ଚିମାଞ୍ଚଳକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ୟୁକ୍ରେନ ତରଫରୁ କୁହାଯାଇଛି। ଏହି ଆକ୍ରମଣ ଶାନ୍ତି ପ୍ରୟାସକୁ ବାଟବଣା କରିବ ବୋଲି ଆଶଙ୍କା କରାଯାଉଛି।

# ଇମ୍ରାନ ଖାନ୍‌ଙ୍କୁ ୮ଟି ମାମଲାରେ ଜାମିନ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ପାକିସ୍ତାନ ସୁପ୍ରିମକୋର୍ଟ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ୨୦୨୩ ମେ ୯ ତାରିଖରେ ହୋଇଥିବା ଦଙ୍ଗା ସହିତ ଜଡିତ ୮ଟି ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ଏହି ଦିନ ଇମ୍ରାନଙ୍କ ସମର୍ଥକମାନେ ରାୱଲପିଣ୍ଡିର ସେନା ଜେନରାଲ ମୁଖ୍ୟାଳୟରେ ଓ ଲାହୋରସ୍ଥିତ ସେନା ଅଧିକାରୀଙ୍କ ବାସଭବନ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଇମ୍ରାନ ଷଡ଼ଯନ୍ତ୍ର ରଚିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟ ୩ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଜାମିନ ନେଇ ଶୁଣାଣି କରି ଏହି ନିଷ୍ପତ୍ତି ନେଇଛନ୍ତି। ଇମ୍ରାନ ଏବେ ରାୱଲପିଣ୍ଡର ଆଡିଆଲା ଜେଲ୍‌ରେ ରହିଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ସତ୍ତ୍ୱେ ଇମ୍ରାନ ଜେଲ୍‌ରୁ ମୁକ୍ତ ହେବେ ନାହିଁ। କାରଣ ତାଙ୍କ ନାମରେ ଆହୁରି ଏକାଧିକ ମାମଲା ରୁଜୁ କରାଯାଇଛି। ସେ ମଧ୍ୟ ୫୦ ଶହ କୋଟି ଟଙ୍କାର ଦୁର୍ନୀତି ମାମଲାରେ ୧୪ ବର୍ଷର ଜେଲ ଦଣ୍ଡ କାଟୁଛନ୍ତି। ଦଙ୍ଗାବେଳେ ଇମ୍ରାନ ଜେଲରେ ଥିବାରୁ ତାଙ୍କୁ ଏଥିପାଇଁ ଦାୟୀ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଓକିଲ ଦଲିଲ ଦେ ଇଥିଲେ। ଇମ୍ରାନ ଏହି ଦଙ୍ଗା ପାଇଁ ସମର୍ଥକଙ୍କୁ ଉସ୍‌କାଇଥିଲେ ବୋଲି ଅଭିଯୋଗ ହୋଇଥିଲା।

# ମାଲାୟଲମ୍ ଅଭିନେତ୍ରୀଙ୍କ ଅଭିଯୋଗ ପରେ ଇସ୍ତଫା ଦେଲେ କଂଗ୍ରେସ ବିଧାୟକ

ତିରୁଅନନ୍ତପୁରମ, ୨୧।୮(ଏଜେନ୍ସି): ମାଲାୟଲମ ଅଭିନେତ୍ରୀ ରିନି ଅନ୍ ଜର୍ଜ କେରଳ ଯୁବ କଂଗ୍ରେସ ସଭାପତି ତଥା ପଲକ୍କାଡ ବିଧାୟକ ରାହୁଲ ମାମାକୁଟ୍ଟାଥିଲିଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ରାହୁଲ ତାଙ୍କୁ ଆପତ୍ତିଜନକ ମେସେଜ ଦେବା ସହ ହୋଟେଲକୁ ଡାକିଥିଲେ ବୋଲି ରିନି ଅଭିଯୋଗ କରିଛନ୍ତି। ଏ ନେଇ ରାହୁଲ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କିନ୍ତୁ ବରୋଧୀ ଦଳ ତରଫରୁ ଚାପ ପ୍ରୟୋଗ ହେବା ପରେ ସେ ଗୁରୁବାର ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହ ରାହୁଲଙ୍କ ବିରୋଧରେ କଂଗ୍ରେସ ପାର୍ଟି ଆଭ୍ୟନ୍ତରୀଣ ଯାଞ୍ଚ ଆରମ୍ଭ କରିଛି। ବିଜେପି, ସପିଆଇ(ଏମ୍), ଡିୱାଇଏଫ୍‌ଆଇର ଯୁବ ମୋର୍ଚ୍ଚା ଏହି ମାମଲାରେ ରାହୁଲଙ୍କ ଇସ୍ତଫା ଦାବି କରିଥିଲେ। ରାହୁଲ ଗତ ୩ ବର୍ଷ ହେବ ମୋ ସହିତ ଅଶାଳୀନ ବ୍ୟବହାର କରୁଥିଲେ ବୋଲି ରିନି କହିଛନ୍ତି। ରାହୁଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେରଳ କଂଗ୍ରେସ ବିଧାୟକ ଦଳର ନେତା ଭିଡି ସତୀଶାନ କହିଛନ୍ତି।

### ଆସାମରେ ଅନୁପ୍ରବେଶ ରୋକିବାକୁ ନୂଆ ପ୍ରୟାସ

# ୧୮ ବର୍ଷରୁ ଅଧିକ ବୟସ୍କଙ୍କୁ ଆଧାରକାର୍ଡ ମନା

ଦିସପୁର, ୨୧।୮(ଏଜେନ୍ସି): ଆସାମରେ ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତା ବିଶ୍ୱଶର୍ମା ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ଏବେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଧାରକାର୍ଡ ଦିଆଯିବ ନାହିଁ। ଏ ନେଇ ଆସାମ କ୍ୟାବିନେଟ ଗୁରୁବାର ନିଷ୍ପତ୍ତି ନେଇଛି। ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଲୋକଙ୍କୁ ଭାରତୀୟ ନାଗରିକତା ଗ୍ରହଣ କରିବାରୁ ରୋକିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ୧୮ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଆଧାର କାର୍ଡ ପାଇଁ ଆବେଦନ କରିବାକୁ ଗୋଟିଏ ମାସର ସମୟ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ଅନୁସୂଚିତ ଜାତି ଓ ଜନଜାତି ଏବଂ ଚା ଜନଜାତିର ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଅଧାରକାର୍ଡ ଆବେଦନ କରିବାକୁ ଗୋଟିଏ ବର୍ଷର ସମୟ ଦିଆଯାଇଛି। ଏହା ଦ୍ୱାରା ନାଗରିକମାନଙ୍କର ପ୍ରକୃତ ପରିଚୟ ମିଳିପାରିବ ଓ ଅନୁପ୍ରବେଶକାରୀଙ୍କୁ ମଧ୍ୟ ଚିହ୍ନଟ କରାଯାଇପାରିବ। ସେହିପରି ବିଶେଷ ପ୍ରକାର ସ୍ଥିତିରେ ଡେପୁଟି କମିଶନର ହିଁ ନୂଆ ଆଧାରକାର୍ଡ ଜାରି କରିପାରିବେ। ଏହାଦ୍ୱାରା ଅବୈଧ ଅନୁପ୍ରବେଶକାରୀ ଆସାମରେ ଆଧାରକାର୍ଡ ପାଇବେ ନାହିଁ ବୋଲି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ମେଘାଳୟର ଭାରତ-ବାଂଲା ସୀମାରେ କର୍ଫ୍ୟୁ

ଶିଲଂ, ୨୧।୮(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ଇଷ୍ଟ ଖାସୀ ହିଲ୍ସ ଜିଲ୍ଲାରେ ଭାରତ- ବାଂଲାଦେଶ ସୀମା ନିକଟରେ ଏକ କିମି ଅଞ୍ଚଳ ମଧ୍ୟରେ କର୍ଫ୍ୟୁ ଜାରି କରାଯାଇଛି। ଅଗଷ୍ଟ ୮ରେ କେତେକ ସଶସ୍ତ୍ର ବ୍ୟକ୍ତି ଅନୁପ୍ରବେଶ କରିବା ପରେ ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍ ଆରଏମ୍ କୁର୍ବାହ ଏ ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଆଦେଶ ଅନୁସାରେ ପ୍ରତିବନ୍ଧିତ ଅଞ୍ଚଳ ଅର୍ଥରାତ ନୋଟିଫାଏ ଜୋନ୍‌ରେ ରାତି ୮ରୁ ସକାଳ ୬ଟା ପର୍ଯ୍ୟନ୍ତ ଲୋକଙ୍କ ଯିବା ଆସିବା ନିଷେଧ କରାଯାଇଛି। ଅନ୍ତରାଷ୍ଟ୍ରୀୟ ସୀମା ପାର କରିବା କିମ୍ବା ୫ରୁ ଅଧିକ ଲୋକ ଏକାଠି ହେବା ଓ ଅସ୍ତ୍ର କିମ୍ବା ଅସ୍ତ୍ର ଭଳି କୋଣସି ଜିନିଷ ନେବାକୁ ବାରଣ କରାଯାଇଛି।

# ଲେପୁଲେଖ ଗିରିପଥ ଦେଇ ଭାରତ-ଚୀନ୍ ବାଣିଜ୍ୟକୁ ନେପାଳର ବିରୋଧ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଉତ୍ତରାଖଣ୍ଡର ଲେପୁଲେଖ ଗିରିପଥ ଦେଇ ଭାରତ ଓ ଚୀନ୍ ପୁଣିଥରେ ବାଣିଜ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୧୮ ଓ ୧୯ ରେ ଚୀନର ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତ ଗସ୍ତ ଅବସରରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିଲା। ଲେପୁଲେଖ ସମେତ ଶିପକି ଲା ଓ ନାଥୁ ଲା ଗିରିପଥ ଦେଇ ମଧ୍ୟ ଦୁଇ ଦେଶ ବାଣିଜ୍ୟ ବେପାର କରିବାକୁ ସହମତି ପ୍ରକାଶ



କରିଛନ୍ତି। କିନ୍ତୁ ନେପାଳ ଏହାକୁ କଡ଼ା ବିରୋଧ କରିଛି। ଫଳରେ ଭାରତ ଓ ନେପାଳ ମଧ୍ୟରେ ପୁଣି ଲେପୁଲେଖକୁ ନେଇ ବିବାଦ ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଲେପୁଲେଖ, ଲିମ୍ପଅଧୁରା ଓ କଳାପାଣି କ୍ଷେତ୍ର ଆମର ବୋଲି ନେପାଳ ଦାବି କରିଛି। ତେଣୁ ଏହି ଅଞ୍ଚଳରେ ଭାରତ ଓ ଚୀନ୍ କୌଣସି ଗତିବିଧି ନ କରିବାକୁ ନେପାଳ ନିବେଦନ କରିଛି। ଭାରତ ମଧ୍ୟ ଏହାର କଡ଼ା ଜବାବ ରଖିଛି। ଲେପୁଲେଖ ଗିରିପଥ ଦେଇ ୧୯୫୪ରୁ ବେପାର ହେଉଛି। କିନ୍ତୁ ଗତକିଛି ବର୍ଷ ହେବ କରୋନା ଓ ଅନ୍ୟାନ କାରଣ ପାଇଁ ଏହା ବନ୍ଦ ଥିଲା। ଏବେ ପୁଣି ଥରେ ଏହି ପଥ ଦେଇ ବାଣିଜ୍ୟ କରାଯିବ। ନେପାଳର ଏହି ଦାବି ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବସିତ ନୁହଁ। ଏକତରଫା ଭାବେ ଏହି ଦାବିକୁ ଗ୍ରହଣ କରିହେବ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ନେପାଳ ସହ ସୀମା ବିବାଦକୁ କୂଟନୀତି ଜରିଆରେ ସମାଧାନ କରିବାକୁ ଭାରତ ଆଗ୍ରହ ପ୍ରକାଶ କରିଛି। ୧୦ ବର୍ଷ ତଳେ ମଧ୍ୟ ନେପାଳ ଲେପୁଲେଖ ପଥ ନେଇ ବିରୋଧ କରିଥିଲା। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆସନ୍ତାମାସରେ ଭାରତ ଆସିବେ। ସେ ଚୀନ୍‌ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପରେ ହିଁ ଭାରତ ଆସିବେ ଓ ଏ ସଂକ୍ରାନ୍ତରେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବ ବୋଲି ଆଶା କାରାଯାଉଛି। ଲେପୁଲେଖ ଗିରିପଥ ହିମାଳୟରେ ସମୁଦ୍ରପତନଠାରୁ ୧୭ ହଜାର ଫୁଟ ଉଚ୍ଚରେ ଉତ୍ତରାଖଣ୍ଡ ଓ ତିବତ୍ତ ସୀମାରେ ଅବସ୍ଥିତ। ପାରମ୍ପାରିକ ଭାବେ ଏହି ପଥ ଦେଇ ବାଣିଜ୍ୟ ହୋଇଥାଏ ଓ ତୀର୍ଥଯାତ୍ରୀମାନେ ଯିବା ଆସିବା କରିଛନ୍ତି। ଭାରତର କୁମାଉଁ କ୍ଷେତ୍ର ସହ ତିପତ୍ତର ତକଲାକୋଟକୁ ଏହି ପଥ ସଂଯୋଗ କରିଥାଏ।



# ଉପରାଷ୍ଟ୍ରପତି ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲ କଲେ ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଉପରାଷ୍ଟ୍ରପତି ପଦ ପାଇଁ ଗୁରୁବାର ବିରୋଧୀ ମେଣ୍ଟ ଇଣ୍ଡିଆ ପ୍ରାର୍ଥୀ ତଥା ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରେଡ୍ଡୀ ୪ଟି ସେଟ୍‌ରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସମେତ ୨୦ ଜଣ ବିରୋଧୀ ଦଳ ନେତା ପ୍ରସ୍ତାବକ ଦାୟିତ୍ୱ ତୁଲାଇଥିଲେ। ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ପ୍ରାର୍ଥିପତ୍ର ଦାଖଲ ବେଳେ ବିରୋଧୀ ମେଣ୍ଟ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରତ ପାୱାରଙ୍କ ସମେତ ଏକାଧିକ ଆଗଧାଡିର ନେତା ଉପସ୍ଥିତ ଥିଲେ। ପ୍ରାର୍ଥିପତ୍ର ଦାଖଲ କରିବା ପୂର୍ବରୁ ରେଡ୍ଡୀ ସଂସଦ ପରିସରରେ ଥିବା ପ୍ରେରଣା ସ୍ଥଳରେ ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହେବ। ପ୍ରାର୍ଥିପତ୍ର ଦାଖଲ କରିବା ପରେ ରେଡ୍ଡୀ କହିଛନ୍ତି ଯେ, ଏହା କେବଳ ଏକ ପଦ ବା ବ୍ୟକ୍ତିଙ୍କ ନିର୍ବାଚନ ନୁହଁ। ଏହା ଭାରତର ବିଚାର ସହିତ ଜଡିତ ସଂସଦୀୟ ଗଣତନ୍ତ୍ରର ପରମ୍ପରା ଓ ସ୍ୱତନ୍ତ୍ରତାର ସମ୍ମାନ ପାଇଁ ଏକ ପ୍ରକ୍ରିୟା। ଯଦି ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚିତ ହୁଏ, ତେବେ ଏହି ଗରମାମୟ ପଦର ନିରପେକ୍ଷତା, ମର୍ଯ୍ୟାଦା ଓ ଶିଷ୍ଟାଚାରକୁ ପୂରା ସଚ୍ଚୋଟତାର ସହ ସମ୍ପାଦନ କରିବି ବୋଲି ରେଡ୍ଡୀ କହିଛନ୍ତି। ଏବେ ଉପରାଷ୍ଟ୍ରପତି ପଦ ପାଇଁ ଶାସକ ଏନ୍‌ଡିଏର ପ୍ରାର୍ଥୀ ସିପି ରାଧାକୃଷ୍ଣନ ଓ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେବ।

# ଭାରତ ସହ ସମ୍ପର୍କ ଖରାପ ହେବା ବଡ଼ ଭୁଲ: ଟ୍ରମ୍ପଙ୍କୁ ହିଲିଙ୍କ ସତର୍କବାଣୀ

ୱାସିଂଟନ, ୨୧।୮(ଏଜେନ୍ସି): ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ନିକ୍କି ହିଲି ଭାରତ ସହ ଆମେରିକାର ସମ୍ପର୍କ ଖରାପ ହେବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାଇଛନ୍ତି। ଭାରତ ସହ ସମ୍ପର୍କ ଖରାପ ହେଲେ ଗତ ୨୫ ବର୍ଷର ପରିଶ୍ରମ ପାଣିରେ ପଡ଼ିବ। ଏପରି ହେଲ ଏହା ଏକ ରଣନୈତିକ ତ୍ରୁଟି ହେବ। ବୁଧବାର ନ୍ୟୁଜ୍ ୱିକ୍‌ରେ ପ୍ରକାଶିତ ନିଜ ସ୍ତମ୍ଭରେ ନିକ୍କି ଏ ନେଇ ଉଲ୍ଲେଖ କରିଛନ୍ତି। ଭାରତ ଉପରେ ଟ୍ରମ୍ପ ୫୦ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ରାଜନୈତିକ ଓ କୂଟନୈତିକ ସମ୍ପର୍କର ଅବନତୀକୁ ଦୃଷ୍ଟିରେ ରଖି ସେ ଏହି ସ୍ତମ୍ଭ ଖେଖିଛନ୍ତି। ଭାରତକୁ ଏକ ଗଣତାନ୍ତ୍ରିକ ଭାଗିଦାରୀ ଭାବେ ଆମେରିକା ଗ୍ରହଣ କରୁ ବୋଲି ସେ ଟ୍ରମ୍ପ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଭାରତ ସହିତ ସମ୍ପର୍କ ଦୃଢ଼ କରିବା ଆମେରିକା ପାଇଁ ନିହାତି ଜରୁରି। ଏହା ଦ୍ୱାରା ଚୀନ୍‌କୁ ସନ୍ତୁଳନକୁ ଅଣାଯାଇ ପାରିବ। ଭାରତ ଏକ ଗଣତାନ୍ତ୍ରିକ ଦେଶ ହୋଇଥିବାରୁ ଏହା ଉନ୍ନତି ବିଶ୍ୱ ପାଇଁ ଆଦୌ ବିପଦ ସୃଷ୍ଟି କରିବ ନାହିଁ। ଭାରତ



### ବିଶ୍ୱାସ ଭାଙ୍ଗିଲେ ୨୫ ବର୍ଷର ପରିଶ୍ରମ ପାଣିରେ ପଡ଼ିବ

ଓ ଆମେରିକାର ରାସ୍ତ ଅଲଗା ହୋଇଥିଲେ ମଧ୍ୟ ଲକ୍ଷ୍ୟ ଗୋଟିଏ ବୋଲି ସେ କହିଛନ୍ତି। ଏହିକ୍ରମରେ ନିକ୍କି ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଉଦାହରଣ ଦେଇଛନ୍ତି। ୧୯୮୨ରେ ରେଗାନ ହ୍ୱାଇଟ ହାଉସ୍‌ରେ ଇନ୍ଦିରାଙ୍କୁ ନୈଶ୍ୟ ଭୋଜି ପାଇଁ ନିମନ୍ତ୍ରଣ କରିଥିଲେ। ସେତେବେଳେ ଭାରତ ଓ ଆମେରିକା ଦୁଇଟି ସ୍ୱାଧିନ ଗଣତାନ୍ତ୍ରିକ ଦେଶ ବୋଲି ରେଗାନ କହିଥିଲେ। ବେଳେ ବେଳେ ଦୁଇ ଦେଶର ରାସ୍ତା ଭିନ୍ନ ହୋଇପାରେ କିନ୍ତୁ ଲକ୍ଷ୍ୟ ଗୋଟିଏ ବୋଲି ରେଗାନ କହିଥିଲେ। କିନ୍ତୁ ଏବେ ଦୀର୍ଘ ୪ ଦଶନ୍ଧି ପରେ ଭାରତ ଓ ଆମେରିକାର ମଧ୍ୟରେ ପ୍ରଥମଥର ପାଇଁ ସମ୍ପର୍କ ଖରାପ ହୋଇଛି। ରୁଷିଆଠାରୁ ଭାରତ ଓ ଚୀନ ଦୁଇ ଦେଶ ତୈଳ କ୍ରୟ କରୁଛନ୍ତି। କିନ୍ତୁ ଭାରତ ଉପରେ ଟାରିଫ୍ ଲାଗୁ କରାଯାଇଥିବା ବେଳେ ଚୀନ୍ ଉପରେ ଲାଗୁ କରାଯାଇ ନାହିଁ। ତେଣୁ ଭାରତ ସହ ସମ୍ପର୍କ ଉପରେ ଆମେରିକାର ଗମ୍ଭୀର ଭାବେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଚୀନ୍‌କୁ ସମ୍ନା କରିବାକୁ ହେଲେ ଆମେରିକା ଭାରତକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଚୀନ୍ ଓ ଇସ୍ରାଏଲକୁ ଆମେରିକା ଯେପରି ଗୁରୁତ୍ୱ ଦେଉଛି, ସେହିପରି ଭାରତକୁ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଘର ନିକଟରୁ ୪୩ ଭୋଟ ପରିଚୟ ପତ୍ର ଉଦ୍ଧାର

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଟିକମଗଡ଼ର ସିଭିଲ ଲାଇନ୍ ରୋଡସ୍ଥିତ କେନ୍ଦ୍ରମନ୍ତ୍ରୀ ବିରେନ୍ଦ୍ର କୁମାରଙ୍କ ବାସଭବନ ନିକଟରୁ ମଙ୍ଗଳବାର ରାତିରେ ୪୩ଟି ଭୋଟ ପରିଚୟ ପତ୍ର ଉଦ୍ଧାର ହୋଇଛି। ଏହି ପରିଚୟ ପତ୍ରଗୁଡିକ ମଧ୍ୟ କେତେକ ଜଳି ଯାଇଛି। ଏଗୁଡିକୁ ଜଳାଇବାକୁ ପ୍ରୟାସ କରାଯାଇଛି ବୋଲି ଆଶଙ୍କା କରାଯାଉଛି। ସୂଚନା ମିଳିବା ପରେ ସ୍ଥାନୀୟ ତହସିଲଦାର, ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ପରିଚୟ ପତ୍ରଗୁଡିକୁ ଉଦ୍ଧାର କରାଯାଇଛି। ପୂରା ଘଟଣାର ତଦନ୍ତ କରାଯାଉଛି। ତହସିଲଦାର ସତ୍ୟେନ୍ଦ୍ର ସିଂ ଗୁର୍ଜର ଏହି ଭୋଟ ପରିଚୟ ପତ୍ରଗୁଡିକର ବେଆଇନ ବ୍ୟବହାର କରାଯାଇଥିବା ଆଶଙ୍କା କରିଛନ୍ତି। ଏହି ଘଟଣାରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ରୁଦ୍ରପ୍ରୟାଗରେ ଭୂସ୍ଖଳନ, ବଦ୍ରିନାଥ-ଗଙ୍ଗୋତ୍ରୀ ରାଜପଥ ବନ୍ଦ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଦେଶ ସାରା ମୌସୁମୀ ବର୍ଷା ଜାରି ରହିଛି। ଦେଶର ପଶ୍ଚିମ ଭାଗରେ ଯଥା ମହାରାଷ୍ଟ୍ର ଓ ଗୁଜରାଟ୍‌ରେ ବର୍ଷା କାରଣରୁ ଜନଜୀବନ ପ୍ରଭାବିତ ହୋଇଛି। ଏହି ଦୁଇଟି ରାଜ୍ୟରେ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶରେ ଯମୁନା ନଦୀ କାରଣରୁ କେତୋଟି ଜିଲ୍ଲାରେ ବନ୍ୟା ଆସିଛି। ଯମୁନାର ପାଣି ତାଜମହଲ ପର୍ଯ୍ୟନ୍ତ ପହଞ୍ଚିଛି। ୪୦ଟି ଗାଁକୁ ସତର୍କତା ଜାରି କରାଯାଇଛି। ମଥୁରାରେ କେତୋଟି ସ୍ଥାନରେ ଯମୁନା ନଦୀ ନିଜର ଗତିପଥରୁ ହଟିଯିବା ସହ ୨ କିମି ଦୂରରେ ବହିବାର ଦେଖାଯାଇଛି। ସେହିପରି ଉତ୍ତରାଖଣ୍ଡରେ ରୁଦ୍ରପ୍ରୟାଗରେ ଭୂସ୍ଖଳନ କାରଣରୁ ରାଜପଥ ବନ୍ଦ ହୋଇଛି। ବଦ୍ରିନାଥ- ଗଙ୍ଗୋତ୍ରୀ ରାଜପଥ ବନ୍ଦ ହୋଇଛି। ଏବେ ମଧ୍ୟ ଏହି ରାଜ୍ୟର ବିଭିନ୍ନ ସ୍ଥାନରୁ ଆବର୍ଜନା ହଟାଯାଉଛି। ସେପଟେ ଗୁଜରାଟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ କ୍ରମାଗତ ବର୍ଷା କାରଣରୁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ଜୁନାଗଡ଼ ଜିଲ୍ଲାରେ ଗତ ୧୨ ଘଣ୍ଟା ମଧ୍ୟରେ ୩୩୧ ମିମି ବର୍ଷା ହୋଇଛି।

## କେନ୍ଦ୍ର ଜଙ୍ଗଲ ଓ ଆଦିବାସୀ ବିଭାଗର ମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

# ମାଲକାନଗିରିର ଆଦିବାସୀଙ୍କ ଅଧିକାର ରକ୍ଷା କରୁ କେନ୍ଦ୍ର

ଭୁବନେଶ୍ୱର,୨୧।୮ (ସମିସ): ପୋଲାଭରମ ପ୍ରକଳ୍ପକୁ ନେଇ ମାଲକାନଗିରି ଜିଲ୍ଲାର ବ୍ୟାପକ କ୍ଷତି ହେବାକୁ ଥିବା ବେଳେ ଏହାକୁ ନେଇ ନିଜର ଅଭିଯାନକୁ ଆହୁରି ଶାଣିତ କରିଛି ବିଜେଡି। ବୁଧବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରୀୟ ଜଳ କମିଶନ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିବାବେଳେ ଗୁରୁବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମାଲକାନଗିରି ଜିଲ୍ଲାର ହଜାର ହଜାର ଆଦିବାସୀଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ଦୃଢ଼ ଦାବି କରିଛି ବିଜେଡି। ପୋଲାଭରମ୍ ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରାଯିବା ସହ ପ୍ରକଳ୍ପର ପଛୁଆ ଜଳ ପ୍ରଭାବ ସମ୍ପର୍କରେ ଅଧ୍ୟୟନ କରାଯାଇ ନାହିଁ। ଯାହାଫଳରେ ମାଲକାନଗିରି ଜିଲ୍ଲାର ଏକ ବୃହତ୍ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅତଏବ ଉଭୟ ମନ୍ତ୍ରୀଙ୍କ ନିକଟରେ ବିଜେଡି ୪ ସୂତ୍ରୀ ଦାବି ଉପସ୍ଥାପନ କରିଥିବା ବେଳେ ଏହାକୁ ତାତ୍କାଳିକ ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଛି। ଯେପର୍ଯ୍ୟନ୍ତ ଏହି ଘଟଣାରେ ନ୍ୟାୟ ନମିଳିଛି, ସେଯାଏଁ ବିଜେଡି ବିଭିନ୍ନ ଫୋରମରେ ନିଜ ଲଢ଼େଇ ଜାରି ରଖିବ ବୋଲି ସ୍ପଷ୍ଟ ଭାବେ କହିଛି।

ଏହି ଅବସରରେ ମନ୍ତ୍ରୀଦ୍ୱୟଙ୍କ ନିକଟରେ ଏକାଧିକ ଦାବି ରଖିଛି ଓଡ଼ିଶା। ମାଲକାନଗିରି ଏବଂ ପଡ଼ୋଶୀ ଆଦିବାସୀ ଅଞ୍ଚଳ ଉପରେ ପ୍ରକଳ୍ପର ପ୍ରକୃତ ପ୍ରଭାବ ମୂଲ୍ୟାଙ୍କନ ପାଇଁ ଜଙ୍ଗଲ ଓ ପରିବଶ ମନ୍ତ୍ରାଳୟ ଦ୍ୱାରା ଏକ ନୂତନ ତଥା ସ୍ୱାଧୀନ ଭାବେ ପଛୁଆ ଜଳ ପ୍ରଭାର ସମ୍ପୂର୍ଣ୍ଣ ଅଧ୍ୟୟନ ତୁରନ୍ତ ଆରମ୍ଭ କରାଯାଉ। ସେହିପରି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନାର ଆଦିବାସୀ ଜନସଂଖ୍ୟା ପ୍ରତି ବିଶେଷ ଧ୍ୟାନ ଦେଇ ପରିବେଶଗତ ଏବଂ ସାମାଜିକ ପ୍ରଭାବ ସମ୍ପର୍କରେ ଏକ ସ୍ୱଚ୍ଛ ତଥା ନିରପେକ୍ଷ ସମୀକ୍ଷା କରାଯାଉ। କୋୟା, ସାନ୍ତାଳ, ବଞ୍ଜାରା, ଦୁରୁଆ, ଭୂମିଆ, ବୋଣ୍ଡା, ଗଡାବା, କୋଟିଆ, ଦିଦାୟୀ, କୋଣ୍ଡା ଡୋରା, ପରଜା, ହାଲୱା, କନ୍ଧ, ମାଟିଆ ଏବଂ କୋଣ୍ଡା ରେଡ୍ଡୀ ଭଳି ଆଦିବାସୀ ସମ୍ପ୍ରଦାୟର



ଜୀବନ,ଜୀବିକା ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ପ୍ରକଳ୍ପର ପ୍ରଭାବ ମୂଲ୍ୟାଙ୍କନ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କରାଯାଉ ବୋଲି ଦାବି କରିଛି ବିଜେଡି ପ୍ରତିନିଧି ମଣ୍ଡଳୀ। ପ୍ରତିନିଧି ମଣ୍ଡଳୀ ଆହୁରି ମଧ୍ୟ କହିଛି ଯେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ, ତାହା ବିଚାରକୁ ନିଆନଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଛି। ନିକଟରେ କେନ୍ଦ୍ର ସରକାର

- ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରାଯାଉଥିବା ନେଇ କ୍ଷୋଭ
- ତ୍ୱରିତ୍ ସମାଧାନ ପାଇଁ ପ୍ରତିନିଧି ଦଳ ରଖିଲା ୪ଟି ପ୍ରମୁଖ ଦାବି
- ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼ିବାକୁ ବିଜେଡି ପ୍ରତିଶ୍ରୁତିବଦ୍ଧ

ପୋଲାଭରମ ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟନ୍ୱୟନ ପାଇଁ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କ ଚିନ୍ତାକୁ ବୃଦ୍ଧି କରିବା ସହ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ପ୍ରତିନିଧି ଦଳ ଆହୁରି ମଧ୍ୟ କହିଛି ଯେ ଗତ ଫେବ୍ରୁଆରୀ ୨୮ ତାରିଖରେ ମାଲକାନଗିରି ଜିଲ୍ଲାର ମୋଟୁ ଅଞ୍ଚଳରେ ପୋଲାଭରମ କାର୍ଯ୍ୟକାରୀ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ଅଂଶୀଦାର ସହ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଆଦିବାସୀ ଲୋକେ ଉପସ୍ଥିତ ଥିଲେ। ସମ୍ମିଳନୀରେ ମାଲକାନଗିରି ଏବଂ ପ୍ରଭାବିତ ହେବାକୁ ଥିବା ଏହାର ସଂଲଗ୍ନ ଆନ୍ଧ୍ର ଓ ଛତିଶଗଡ଼ ଅଞ୍ଚଳରେ ଲୋକଙ୍କ ଜୀବନ, ଜୀବିକା, ପରିବେଶ ଓ ବିସ୍ଥାପନ ସମସ୍ୟାର କ୍ଷତି ସମ୍ପର୍କରେ ଗମ୍ଭୀର ଚିନ୍ତା ପ୍ରକାଶ ପାଇଥିଲା। ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ ସମେତ ସମ୍ପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଲୋକଙ୍କ ପ୍ରତି କରାଯାଉଥିବା ନିଷ୍ଠୁର ଆଚରଣ ଓ ଉଦାସୀନତାକୁ ନେଇ ମଧ୍ୟ ସମ୍ମିଳନୀରେ ଗଭୀର କ୍ଷୋଭ ପ୍ରକାଶ ପାଇଥିଲା ବୋଲି ପ୍ରତିନିଧି ମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁଜିବୁଲ୍ଲା ଖାନ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ମାଝୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆସୁଛି ଲଘୁଚାପ; ୨୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୧।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ଏଥିଯୋଗୁଁ ଆଗକୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅନ୍ୟପଟେ ଘୂର୍ଣ୍ଣିବଳୟ ଯୋଗୁଁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଶୁକ୍ରବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ। ଏଥିପାଇଁ ଏହି ଜିଲ୍ଲାକୁ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ଯାଜପୁର, ଖୋର୍ଦ୍ଧା, ପୁରୀ, ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ସମ୍ଭାବ୍ୟ ଲଘୁଚାପ ଓ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଜୁନ୍ ପହିଲାରୁ ଏବେ ସୁଦ୍ଧା ରାଜ୍ୟରେ ହାରାହାରି ୭୬୪.୦ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୮୧୧.୯ ମିମି ତୁଳନାରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ଜିଲ୍ଲାୱାରୀ ଦେଖିଲେ, ଏହି ସମୟ ମଧ୍ୟରେ ୭ଟି ଜିଲ୍ଲାରେ ନିଅଣ୍ଟିଆ ସ୍ଥିତି ରହିଥିବା ବେଳେ କଳାହାଣ୍ଡି ଓ ରାୟଗଡ଼ାରେ ସର୍ବାଧିକ ୩୦ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ବଲାଙ୍ଗିରରେ ୨୮ ପ୍ରତିଶତ, ଗଜପତିରେ ୨୭ପ୍ରତିଶତ, ପୁରୀରେ ୨୮ ପ୍ରତିଶତ, ଖୋର୍ଦ୍ଧା ଓ ଯାଜପୁରରେ ୨୧ ପ୍ରତିଶତ ଲେଖାଏଁ କମ୍ ବର୍ଷା ରେକର୍ଡ ହୋଇଛି। ଏଥିସହ ୨ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ୨୧ଜିଲ୍ଲାରେ ବର୍ଷା ସ୍ୱାଭାବିକ ରେକର୍ଡ ହୋଇଛି।

## ଦୁର୍ଘଟଣାରେ ଦୁଇ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୧।୮ (ସମିସ): ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଫାୟାରଷ୍ଟେସନ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା ତାଳବଣିଆର ଦେବୀ ପ୍ରସାଦ ପରିଡ଼ା ଏବଂ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଞ୍ଚଳର ଅନ୍ୱେଷ ସତ୍ୟଦର୍ଶନ ଦାସ।

ଉଭୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର। ନୂଆପଲ୍ଲୀ ଥାନା ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଗାଡି ଜବତ କରି ତଦନ୍ତ କରୁଛି। ପୁଲିସ୍ ସୂଚନାନୁଯାୟୀ, ଗତ ରାତିରେ ଦୁହେଁ ଭୋଜି କରିବାକୁ ଷ୍ଟୁଡିଓ ଛକ ନିକଟରେ ରହୁଥିବା ଏକ ସାଙ୍ଗ ରୁମ୍‌କୁ ଯାଇଥିଲେ। ସେଠାରେ ଭୋଜି କରିବା ସହ ନିଶା ସେବନ କରିଥିଲେ। ସେମାନେ ଷ୍ଟୁଡିଓ ଛକରୁ ବାହାରିବା ପରେ ଗାଡ଼ିର ବେଗ ଅଧିକ ରହିଥିଲା। ଷ୍ଟୁଡିଓ ଛକରୁ ଫାୟାର୍ ଷ୍ଟେସନ୍ ଯିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ-୨ ଗେଟ୍ ନିକଟରେ ଥିବା ହମ୍ପସ୍ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ହେଲ୍‌ମେଟ୍ ପିନ୍ଧି ନଥିବାରୁ ସେମାନଙ୍କ ମୁଣ୍ଡ ମାଡ଼ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଶବଦ୍ୱୟକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏହାସହ ପୁଲିସ ସେମାନଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଖବର ଦେଇଥିଲା। ସକାଳୁ ବ୍ୟବଚ୍ଛେଦ ପରେ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ୧ କୋଟିର ଗଞ୍ଜେଇ ଜବତ; ଜଣେ ଗିରଫ

### ମୋହନାରୁ ପୁରୀ ଚାଲାଣ ହେଉଥିବା ୩୫ ବସ୍ତା ଗଞ୍ଜେଇ ଜବତ

ଖୋର୍ଦ୍ଧା, ୨୧।୮ (ସମିସ): ୧୬ନଂ ଜାତୀୟ ରାଜପଥ ଚଣ୍ଡେଶ୍ୱର ଫ୍ଲାଏଓଭର୍ ନିକଟରୁ ବାଲୁଗାଁ ଅବକାରୀ ପୁଲିସ ଆଜି ୧୦ କ୍ୱିଣ୍ଟାଲ ୫୦ କେଜି ଗଞ୍ଜେଇ ବୋଝେଇ ଏକ ପିକ୍-ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏହି ଘଟଣାରେ ଅବକାରୀ ଟିମ୍ ପୁରୀ ଜିଲ୍ଲା ପିପିଲି ନୂଆଶାସନ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମ ଗୋକୁଳପୁରର ପ୍ରିୟରଞ୍ଜନ ପଣ୍ଡା (୪୮)ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧ କୋଟି ୫ ଲକ୍ଷ ଟଙ୍କା ହେବ। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗଜପତି ମୋହନାରୁ ପୁରୀ ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଜଗି ରହିଥିଲା। ଭୋର୍ ପ୍ରାୟ ୫ଟାରେ ଚଣ୍ଡେଶ୍ୱର ଫ୍ଲାଏଓଭର୍ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଉପରେ ସନ୍ଦେହ



ହେବାରୁ କର୍ମଚାରୀମାନେ ତାକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ବସ୍ତା ଭର୍ତ୍ତି ହୋଇଥିବା ଦେଖିବାକୁ ପାଇଥିଲେ। ଗାଡ଼ିରେ ଥିବା ପ୍ରିୟରଞ୍ଜନଙ୍କୁ ପଚରାଉଚରା କରିବାରୁ ସେ ଉକ୍ତ ଗଞ୍ଜେଇକୁ ପୁରୀକୁ ଚାଲାଣ କରୁଥିବା କହିଥିଲା। ଏନେଇ ବାଲୁଗାଁ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ୧୧୯/୨୫ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି।

## ହରିଣ ଓ ବାର୍‌ହା ମାଂସ ଜବତ; ଶିକାରୀ ଗିରଫ



ମହୁଲଡିହା, ୨୧।୮ (ସମିସ): ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ନିକଟ ସାତକୋଶିଆ (ଗାଡ଼ା ସାହି)ରେ ଚଢ଼ଉ କରି ବନ କର୍ମଚାରୀମାନେ ଆଜି ବିପୁଳ ପରିମାଣର ହରିଣ ଓ ବାର୍‌ହା ମାଂସ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ଜଣେ ଶିକାରୀକୁ ଗିରଫ କରିଛନ୍ତି। ସେ ହେଲା, ପୀତାମ୍ବର ଲେୟାଙ୍ଗି (୪୫)। ସେ ନିଜ ଘରେ ଏହି ମାଂସ ବିକ୍ରି କରୁଥିଲା। ତା' ପାଖରୁ ଗୋଟିଏ ହରିଣ ମୁଣ୍ଡ ସହ ୭ କେଜି ମାଂସ, ଗୋଟିଏ ବାରହା ମୁଣ୍ଡ ସହ ୧୦ କେଜି ମାଂସ, ଛୁରି, ବୁଢ଼ିଆ, ରକ୍ତଲଗା କାଠ ଓ ତାରପୋଲିନ ଜବତ ହୋଇଛି। ବନ ବିଭାଗ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଚଢ଼ଉରେ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ, ବନପାଳ ବିଜୟ କୁମାର ମହାନ୍ତ, ବିଶ୍ୱଜିତ ମହାନ୍ତ, ଚିତ୍ରମଣି ହୋ, ବନରକ୍ଷୀ ସନତ କୁମାର ମହାନ୍ତ, ପଞ୍ଚାନନ ଗିରି, ଯୋଗେଶ୍ୱର କୁଲ୍ଲଡି, ମକରଧ୍ୱଜ ନାଏକ, ପଦ୍ମାବତୀ ପାତ୍ର ଓ ସବୁଜ ବାହିନୀର କର୍ମକର୍ତ୍ତା ସାମିଲ ଥିଲେ।

### ପାର୍ବଣ ପୂର୍ବରୁ ପରିବହନ ବିଭାଗ ତତ୍ପର

## ପୂଜା ମଣ୍ଡପରେ ରହିବ ସଡକ ସୁରକ୍ଷା ସଚେତନତା ବାର୍ତ୍ତା

କଟକ,୨୧।୮ (ସମିସ): କ୍ରମବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଥିବା ବେଳେ ଆସନ୍ତା ପାର୍ବଣକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ପାର୍ବଣରେ ପୂଜା ମଣ୍ଡପ ଗୁଡିକ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିବେ। ଏଥିପାଇଁ ସମସ୍ତ ମଣ୍ଡପଗୁଡ଼ିକରେ କିଭଳି ସଚେତନତା ବାର୍ତ୍ତା ପ୍ରସାର କରାଯିବ, ସେନେଇ ରାଜ୍ୟ ପରିବହନ ପ୍ରାଧିକରଣ ଆୟୁକ୍ତ ଅମିତାଭ ଠାକୁର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପି ମାନଙ୍କୁ ପତ୍ର ଲେଖିଛନ୍ତି। ମା'ଙ୍କ ଆଶୀର୍ବାଦ ସହ ପରିବାରର ସୁରକ୍ଷା ପାଇଁ କିଭଳି ସମସ୍ତେ ସଚେତନ ହେବେ, ଏଥିପାଇଁ ସମସ୍ତ ପୂଜା କମିଟିଙ୍କୁ ଅନୁରୋଧ କରାଯିବ। କେବଳ ସେତିକି ନୁହେଁ, ନିଜ ଅଞ୍ଚଳକୁ ଦୁର୍ଘଟଣା ମୁକ୍ତ କରିବା ଦିଗରେ ସହଯୋଗ କରିବାକୁ ସାହି ମୁରବିଙ୍କୁ ମଧ୍ୟ ନିବେଦନ କରାଯିବ। ପାର୍ବଣ ସଂପର୍କିତ ସମନ୍ୱୟ ବୈଠକରେ ପୂଜା କମିଟିମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ କୁହାଯାଇଛି। ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ପାଲଟିଛି। ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାର୍ବଣ ସମୟରେ ବିଭିନ୍ନ ପୂଜା ମଣ୍ଡପରେ ବିପୁଳ ସଂଖ୍ୟାରେ

**ଜିଲ୍ଲାପାଳ ଓ ଏସପି ମାନଙ୍କୁ ଚିଠି ଲେଖିଲେ ପରିବହନ ଆୟୁକ୍ତ**

ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ସମୟରେ ଅନେକ ଲୋକଙ୍କ ପାଖରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚା ଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟିମାନଙ୍କୁ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ଅନୁରୋଧ କରାଯିବ। ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଯାତ୍ରା ପାଇଁ ନିୟମ ପାଳନର ଗୁରୁତ୍ୱ ସଂପର୍କରେ ବାର୍ତ୍ତା ପ୍ରଦର୍ଶିତ ହେବ। ସେହିଭଳି ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଦର୍ଶକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଅନୁରୋଧ କରାଯିବା ଦିଗରେ ପଦକ୍ଷେପ ନିଆଯିବ। ସାଧାରଣତଃ ସାହି ମୁରବିଙ୍କ କଥାକୁ ଯୁବପିଢ଼ିମାନେ ପାଳନ କରିଥା'ନ୍ତି। ପୂଜା ସରିଲା ପରେ ମଧ୍ୟ ନିଜ ଅଞ୍ଚଳକୁ ସଡ଼କ ଦୁର୍ଘଟଣାମୁକ୍ତ କରିବା ଦିଗରେ ସେମାନେ ଉଦ୍ୟମ କରିପାରିବେ। କେବଳ ଦୁର୍ଗାପୂଜା ନୁହେଁ, ସମସ୍ତ ପ୍ରମୁଖ ପର୍ବପର୍ବାଣିରେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାରକୁ ଗୁରୁତ୍ୱ ଦେବାକୁ ପରିବହନ ଆୟୁକ୍ତ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ଓ ଏସପି ମାନେ ଏ ଦିଗରେ ପୂଜା କମିଟିମାନଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ସକ୍ରିୟ ଭାବରେ ଏହି ଅଭିଯାନରେ ସାମିଲ ହେବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ■ କୃଷି ସଚିବଙ୍କ କଡ଼ା ନିର୍ଦ୍ଦେଶନାମା

## ବଦଳି ଖିଲାପ କଲେ ଦରମା ବନ୍ଦ

ଭୁବନେଶ୍ୱର, ୨୧।୮ (ସମିସ): ପଦୋନ୍ନତିପ୍ରାପ୍ତ/ ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନକରି ସେମାନଙ୍କର ନିଯୁକ୍ତ ସ୍ଥାନରେ ଯୋଗଦେବା ଉଚିତ। କୌଣସି ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯିବ ନାହିଁ। ଅଗଷ୍ଟ ୩୧, ୨୦୨୫ ସୁଦ୍ଧା ତାଙ୍କ ନିଯୁକ୍ତ ସ୍ଥାନରେ ଯୋଗଦେବାରେ ବିଫଳ ହେଉଥିବା ଯେକୌଣସି ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ। ଏପରିକି, ଅଧିକାରୀମାନଙ୍କର ଦରମା ଆସନ୍ତା ସେପ୍ଟେମ୍ବରରୁ ବନ୍ଦ କରାଯିବ। ପୋଷ୍ଟିଂ ଆଦେଶର ପରିବର୍ତ୍ତନ ପାଇଁ ଅନୈତିକ ବାହ୍ୟ ପ୍ରଭାବ ଆଣିବାର ପ୍ରୟାସ କଲେ, କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୃଷି ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏକ ଆଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶାଳୟ, କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ, ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବାକୁ ଏବଂ କାର୍ଯ୍ୟସ୍ଥଳରେ ଯୋଗ ଦେଉନଥିବା ମାମଲାଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତୃଣମୂଳସ୍ତରରେ କାର୍ଯ୍ୟାଳୟଗୁଡ଼ିକର ସୁଗମ କାର୍ଯ୍ୟ ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି।

### ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟି ବୈଠକ

# ପୁଣି ଧରାପଡ଼ିଲେ ୧୧ ଜଣ

ବ୍ରହ୍ମପୁର,୨୧।୮ (ସମିସ): ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର୍‌ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର୍ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋଟ ୨୭ଟି ମାମଲାର ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୧୧ଟି ମାମଲାର ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ବେଳେ ଅନ୍ୟ ୧୬ଟି ମାମଲାର ଶୁଣାଣି ହୋଇଥିଲା। ଗୁରୁବାର ହୋଇଥିବା ମାମଲା ମୁଖ୍ୟତଃ ନବରଙ୍ଗପୁର ଓ ଗଜପତି ଜିଲ୍ଲାର ରହିଥିଲା। ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବା ୧୧ଟି ମାମଲାରେ ସମସ୍ତ ୧୧ଜଣ ବ୍ୟକ୍ତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି। ସେମାନେ ନକଲି ବା ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ସ୍ପଷ୍ଟ ହୋଇଛି। ସେଥିମଧ୍ୟରୁ ଗଜପତି ଜିଲ୍ଲାର ୬ଜଣ ଓ ନବରଙ୍ଗପୁର ଜିଲ୍ଲାର ଅବଶିଷ୍ଟ ୫ଜଣ ଥିବା ଜଣାପଡ଼ିଛି। ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୪ଜଣ ଶିକ୍ଷକ, ଜଣେ ରାଜସ୍ୱ ନିରୀକ୍ଷକ, ଜଣେ ଫରେଷ୍ଟ ଗାର୍ଡ, ଜଣେ ରିଜର୍ଭ ବ୍ୟାଙ୍କ କିରାଣି, ଦୁଇଜଣ ବରିଷ୍ଠ କିରାଣି, ଜଣେ ପୂର୍ବତନ ସରପଞ୍ଚ ଏବଂ ଜଣେ ଚାଷୀ ଥିବା ଜଣାପଡ଼ିଛି।

**ଶିକ୍ଷକ, ରିଜର୍ଭ ବ୍ୟାଙ୍କ କିରାଣୀ, ରାଜସ୍ୱ ନିରୀକ୍ଷକ ସାମିଲ**



ଧରାପଡ଼ିଥିବା ବ୍ୟକ୍ତିଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନା ବ୍ଲକର ଦଧିଆମ୍ବ ପଞ୍ଚାୟତର ପୂର୍ବତନ ସରପଞ୍ଚ ନର୍ମଦା ଦଳେଇ ଅନ୍ୟତମ। ନର୍ମଦା ଜାତିରେ କ୍ଷତ୍ରୀୟ ହୋଇଥିବା ବେଳେ ସେ ନିଜକୁ କନ୍ଧ ଦର୍ଶାଇ ଜାଲ୍ ଜାତିଗତ ପ୍ରମାଣପତ୍ର ଦାଖଲ କରି ନିର୍ବାଚନ ଲଢ଼ିଥିଲେ। ଯାହାକୁ ନେଇ ପରବର୍ତ୍ତୀ ସମୟରେ ଅଭିଯୋଗ ହୋଇଥିଲା।

ସେହିଭଳି, ଗୁରୁବାର ଅନୁଷ୍ଠିତ ଯାଞ୍ଚ କମିଟିରେ ଶୁଣାଣି ହୋଇଥିବା ଅନ୍ୟ ୧୬ଟି ମାମଲା ମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ୧୫ଟି ଓ ଗଜପତି ଜିଲ୍ଲାର ଗୋଟିଏ ମାମଲା ଥିଲା। ସେଥିମଧ୍ୟରେ ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଜଣେ ଓଆର୍‌ଏସ୍, ୨ ଜଣ ବରିଷ୍ଠ କିରାଣି, ଜଣେ ମୁଖ୍ୟ କିରାଣି, ଜଣେ ଫରେଷ୍ଟ ଏକ୍ସଟେନ୍‌ସନ୍ ଅଧିକାରୀ, ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ, ଦୁଇଜଣ କନେଷ୍ଟବଳ ଓ ୨ ଜଣ ଶିକ୍ଷକଙ୍କ ସମେତ ଜଣେ ପୂର୍ବତନ ସରପଞ୍ଚ ଓ ଜଣେ ବର୍ତ୍ତମାନର ସମିତିସଭ୍ୟ ଥିବା ଜଣାପଡ଼ିଛି। ସେହିଭଳି ଜଣେ ସରକାରୀ ପିଅନଙ୍କ ସମେତ ସୁନାବେଡ଼ାସ୍ଥିତ 'ହାଲ୍'ର ଜଣେ ବରିଷ୍ଠ ମାଷ୍ଟର ଟେକ୍ନିସିଆନଙ୍କ ମାମଲା ବିଚାରାଧୀନ ରହିଛି। ଜାଲ୍ ଜାତିଗତ ପ୍ରମାଣପତ୍ର ନେଇ ଅଭିଯୋଗ ହୋଇଥିବା ପୂର୍ବତନ ସରପଞ୍ଚଜଣଙ୍କ ହେଉଛନ୍ତି, ନବରଙ୍ଗପୁର ଜିଲ୍ଲାର ଖୁଟୁବାଇ ପଞ୍ଚାୟତର। ସେହିଭଳି ଗଜପତି ଜିଲ୍ଲାର ରାଜପୁରର ବର୍ତ୍ତମାନର ନିର୍ବାଚିତ ସମିତିସଭ୍ୟଙ୍କ ବିରୁଦ୍ଧରେ ମଧ୍ୟ ରହିଛି ଅନୁରୂପ ତଥା ସଙ୍ଗୀନ ଅଭିଯୋଗ। ଗୁରୁବାର ଅନୁଷ୍ଠିତ ଯାଞ୍ଚ କମିଟିରେ ମୋଟ ୨୭ଟି ମାମଲା ପଡ଼ିଥିବା ବେଳେ ଏଥିସହିତ ମୋଟ ୬୭୧ଟି ମାମଲାର ନିଷ୍ପତ୍ତି ହୋଇସାରିଛି। ଫଳରେ ୨୦୧୦ ମସିହାରୁ ଆଜି ପର୍ଯ୍ୟନ୍ତ ପଡ଼ି ରହିଥିବା ମୋଟ ୧୪୫୯ଟି ଅଭିଯୋଗ ବା ମାମଲା ମଧ୍ୟରୁ ଆଉ ମାତ୍ର ୭୮୮ଟି ମାମଲାର ନିଷ୍ପତ୍ତି ହେବାକୁ ବାକି ରହିଥିବା ଆର୍‌ଡିସିଙ୍କ କାର୍ଯ୍ୟାଳୟର ଏସ୍‌ସି ଆଣ୍ଡ ଏସ୍‌ଟି ଉନ୍ନୟନ ବିଭାଗ ଉପ-ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

ଯାଞ୍ଚ କମିଟିର ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଉଭୟ ଗଜପତି ଓ ନବରଙ୍ଗପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉଭୟ ଜିଲ୍ଲାର ମଙ୍ଗଳ ଅଧିକାରୀ, ତହସିଲଦାର, ଏସ୍‌ସି ଆଣ୍ଡ ଏସ୍‌ଟି ରିସର୍ଚ୍ଚ ଟ୍ରେନିଂ ସେଣ୍ଟରର ସହକାରୀ ନିର୍ଦ୍ଦେଶକଙ୍କ ସମେତ ଉଭୟ ଜିଲ୍ଲାର ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳା ନିବାସରେ ଅଗ୍ନିକାଣ୍ଡ

### ଅଳ୍ପକେ ବର୍ତ୍ତିଲେ ଅନ୍ତେବାସୀ



ବ୍ରହ୍ମପୁର,୨୧।୮ (ସମିସ): ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପରିଚାଳିତ କର୍ମଜୀବୀ ମହିଳା ନିବାସରେ ଗୁରୁବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ମାତ୍ର ସୌଭାଗ୍ୟବଶତଃ ଏକ ବଡ଼ ଅଘଟଣରୁ ଅନ୍ତେବାସୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ମହିଳା ନିବାସର ୧୨ନମ୍ବର ପ୍ରକୋଷ୍ଠର ଅନ୍ତେବାସୀଜଣଙ୍କ ନିଜ ରୁମ୍‌ରେ ଗ୍ୟାସ ଚୁଲାରେ କ୍ଷୀର ଗରମ କରିବା ବେଳେ ହଠାତ୍ ସିଲିଣ୍ଡର୍‌ରେ ନିଆଁ ଲାଗି ଯାଇଥିଲା। ତେଣୁ, ଜୀବନ ବିକଳରେ ସେ ସେଠାରୁ ଦୌଡ଼ି ପଳାଇଥିଲେ। ଏହି ଖବର ପ୍ରଘଟ ହେବା ପରେ ଅନ୍ତେବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ କର୍ମଜୀବୀ ମହିଳା ନିବାସ ଦାୟିତ୍ୱରେ ଥିବା ବିଏମ୍‌ସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ତେବେ ମହିଳା କର୍ମଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ଜଣାପଡ଼ିଛି। ତୁରନ୍ତ ଏଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ ଅନ୍ତେବାସୀମାନଙ୍କ ପକ୍ଷରୁ ଦାବି କରାଯାଇଛି।

# ବିଶ୍ୱ ଯୁବ ଦିବସ ପାଳିତ




ଧର୍ମଶାଳା,୨୧।୮ (ସମିସ): ଜାରକାସ୍ଥିତ ଇନରହୁଇଲ କ୍ଲବ୍ ତରଫରୁ ସ୍ଥାନୀୟ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗଦେଇ ବିଶ୍ୱ ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବାସହ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉତ୍ସବରେ କ୍ଲବର ସମ୍ପାଦକ ପ୍ରଭାତନଳିନୀ ସାହୁ ବିଶ୍ୱ ଯୁବ ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ସଭାପତି ଇଂ ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଦୀପକ କୁମାର ଜେନା, ଇନରହୁଇଲ କ୍ଲବ ତରଫରୁ ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ, କଳ୍ପନା ପରିଡା, ବିଶ୍ୱମିତ୍ରା ସାହୁ, ଅର୍ଚ୍ଚନା ସ୍ୱାଇଁ, ସରୋଜିନୀ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ସଭାପତି ଶୁଭଲକ୍ଷ୍ମୀ କର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ରେ ଦଶରଥପୁର ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘର ୨ୟ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର

ମଙ୍ଗଳପୁର,୨୧।୮ (ସମିସ): ଦଶରଥପୁର ବ୍ଲକର ମଙ୍ଗଳପୁର ବଜାରସ୍ଥିତ ମହାଲକ୍ଷ୍ମୀ ମିଷ୍ଟାନ୍ନ ଭଣ୍ଡାର (ମଣ୍ଡପ)ରେ ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘର ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ଜୟପ୍ରକାଶ ନାୟକ, କୋଷାଧ୍ୟକ୍ଷ ରାକେଶ କୁମାର ସାହୁ, ବରିଷ୍ଠ ସଭ୍ୟ ସୀତାଂଶୁ ଶେଖର ଯେନା, ସରୋଜ ପଣ୍ଡା, ସରୋଜ ପୃଷ୍ଟି, ସଞ୍ଜୟ ରାୟ, ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଅଗଷ୍ଟ ମାସ ୨୪ ତାରିଖରେ ଉତ୍କଳ ସାମ୍ବାଦିକ ସଂଘ ଦଶରଥପୁର ଶାଖା ପକ୍ଷରୁ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ରରେ ଅତିଥିଭାବେ ମୁଖ୍ୟତ ଓଡ଼ିଶା ବିଧାନସଭା ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ଜିଲ୍ଲାର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକର ସାମ୍ବାଦିକମାନେ ଯୋଗ ଦେବେ ବୋଲି ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ ସୂଚନା ଦେଇଥିଲେ।

# ଆଦି କର୍ମଯୋଗୀ ଅଭିଯାନ ପାଇଁ ବୈଠକ

ଯାଜପୁର,୨୧।୮ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମଙ୍ଗଳ ବିଭାଗ ଆନୁକୁଲ୍ୟରେ ଆଦି କର୍ମଯୋଗୀ ଅଭିଯାନ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର କହିଲେ ଅନୁସୂଚିତ ଜନଜାତି ମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ "ଆଦି କର୍ମଯୋଗୀ ଅଭିଯାନ' ନାମରେ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଚଳିତ ବର୍ଷ ତଥା ୨୦୨୫ ଅଗଷ୍ଟରୁ ଓଡିଶାର ୨୨ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଜିଲ୍ଲାମାନଙ୍କ ଭିତରେ ଯାଜପୁର ଜିଲ୍ଲା ଅନ୍ତର୍ଭୁକ୍ତ ଅଛି। ଜିଲ୍ଲାର ୫ଟି ବ୍ଲକର ୬୭ଟି ଆଦିବାସୀ ବହୁଳ ଗ୍ରାମରେ ଯଥା ସୁକିନ୍ଦା ବ୍ଲକ୍ର ୩୪ଟି ଗ୍ରାମ, ଦାନଗଦି ବ୍ଲକ୍ର ୧୬ ଟି ଗ୍ରାମ, କୋରେଇ ବ୍ଲକର ୫ଟି ଗ୍ରାମ, ଧର୍ମଶାଳା ବ୍ଲକର ୫ଟି ଗ୍ରାମ ଏବଂ ବଡ଼ଚଣା ବ୍ଲକ୍ର ୭ଟି ଗ୍ରାମରେ ଏହି ଅଭିଯାନର ସଫଳ ରୂପାୟନ ହେବାକୁ ଯାଉଛି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଓ ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ଗତ ଅକ୍ଟୋବର



୨ରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ସ ଅଭିଯାନ ଶୁଭାରମ୍ଭ କରାଯାଇଥିଲା। ଆଦି କର୍ମଯୋଗୀ ଅଭିଯାନ ଏହି ଯୋଜନାର ପୂର୍ଣ୍ଣାଙ୍ଗ ପରିପ୍ରକାଶ। ଅଭିଯାନରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପଞ୍ଚାୟତ ଓ ପାନୀୟଜଳ, ଗ୍ରାମ ଉନ୍ନୟନ, କୃଷି, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ ପରିବେଶ ଓ ସର୍ବୋପରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସହଭାଗିତାରେ ଅନୁସୂଚିତ ଜନଜାତି ବହୁଳ ଗ୍ରାମମାନଙ୍କରେ ତୃଣମୂଳସ୍ତରରେ ପ୍ରଶାସନକୁ ପହଁଚାଇବା। ଏଥିସହିତ ଯୋଜନାର ପ୍ରଚାର ପ୍ରସାର ଓ ଅତ୍ୟାବଶ୍ୟକ ସେବାର ଉପଲବ୍ଧତା କରାଇବା ପାଇଁ ପ୍ରତ୍ୟେକ ଗ୍ରାମରେ ୨୦ ଜଣ ବିଶିଷ୍ଟ ଆଦିବାସୀ କ୍ୟାଡର ସୃଷ୍ଟି କରାଯିବ। ଏମାନଙ୍କୁ ଆଦି କର୍ମଯୋଗୀ, ଆଦି ସହଯୋଗୀ ଏବଂ ଆଦି ସାଥୀ ନାମରେ ଅବିହିତ କରାଯାଇ ସରକାର ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରେ ଏକ ସେତୁ ସୃଷ୍ଟି କରାଯିବ ଏବଂ କାର୍ଯ୍ୟକ୍ରମ ରୂପାୟନ କରାଯିବ। ପ୍ରତ୍ୟେକ ଗ୍ରାମରେ ଏକ ସେବା କେନ୍ଦ୍ର ଚିହ୍ନଟ କରାଯିବ। ସାଧାରଣ ଭାବରେ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ସେବା କେନ୍ଦ୍ର କାର୍ଯ୍ୟକରିବ। ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ ପରେ ଏହି ଅଭିଯାନର କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ବିଭିନ୍ନ ଯୋଜନାକୁ ଅଧୀନ କରି ପ୍ରତ୍ୟେକ ଗ୍ରାମ ନିମନ୍ତେ ଗ୍ରାମ୍ୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ତଦ୍‌ନୁଯାୟୀ କାର୍ଯ୍ୟର ସଫଳ ରୂପାୟନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କର ପ୍ରକାଶ କରିଥିଲେ। ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପ୍ରିଣ୍ଟ ଏବଂ ଇଲେକଟ୍ରୋନିକ୍ ମିଡିଆର ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ପୁଲିସ ଡିଏସ୍‌ପିଙ୍କ ଘରୁ ସୁନାଗହଣା ଲୁଟ୍


ଯାଜପୁର,୨୧।୮ (ସମିସ):



ଜଣେ ଅବସରପ୍ରାପ୍ତ ପୁଲିସ ଡିଏସ୍‌ପିଙ୍କ ଘରୁ ଗୁରୁବାର ଦିନ ଲକ୍ଷାଧିକ ଟଙ୍କାର ସୁନାଗହଣା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯାଜପୁର ଜିଲ୍ଲା ଟାଉନ୍ ଥାନା ଅଧୀନ ନରହରିପୁର ଗ୍ରାମର ଅବସରପ୍ରାପ୍ତ ପୁଲିସ ଡିଏସ୍‌ପି ବିରଜା କିଙ୍କର ପତି ତାଙ୍କ ସ୍ତ୍ରୀଙ୍କ ସହ ଝିଅ ଘର ବ୍ରହ୍ମପୁରକୁ ଯାଇଥିଲେ। ସେଠାରୁ ସେ ରାଉରକେଲା ଏବଂ ସମ୍ବଲପୁର ଯାଇଥିଲେ। ଗତ ୨୦ତାରିଖ ଦିନ ତାଙ୍କ ଘରର ମୁଖ୍ୟ ଗ୍ରିଲ୍ କାଟିବା ସହ ଘରର କବାଟ ଭାଙ୍ଗି ୨ଟି ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଦୁର୍ବୃତ୍ତମାନେ ଲୁଟିନେଇଥିଲେ। ଘରକୁ ପୂଜା କରିବାକୁ ଆସୁଥିବା ଦିପୁନା ନାମକ ଜଣେ ପୂଜକ ଏହି ଘଟଣା ବିଷୟରେ ଅବସରପ୍ରାପ୍ତ ପୁଲିସ ଡିଏସପିଙ୍କ ପତ୍ନୀଙ୍କୁ ଫୋନ କରି ଜଣାଇଥିଲେ। ଏହି ଘଟଣା ଜାଣିବା ପରେ ତାଙ୍କ ସ୍ତ୍ରୀ ନରହରିପୁର ଗ୍ରାମକୁ ଆସି ୨ଟି ଆଲମିରାକୁ ଭଙ୍ଗାଯାଇ ଆସବାବପତ୍ରକୁ ଏଣେତେଣେ ଫୋପଡା ଯାଇଛି ଏବଂ ଆଲମିରାରେ ଥିବା ନଗଦ ୫ହଜାର ଟଙ୍କା ସହ ୩୦ ଗ୍ରାମର ସୁନା ଚେନ୍, ୨୫ ଗ୍ରାମ୍‌ର ଜଗନ୍ନାଥ ଲକେଟ୍ ଲାଗିଥିବା ସୁନା ହାର, ୧୨ଗ୍ରାମର ସୁନା କାନଫୁଲ, ୩୦ଗ୍ରାମର ସୁନା ଖଡୁ, ୯ଗ୍ରାମର ସୁନା କାନଫୁଲ, ୫ଗ୍ରାମର ସୁନା ମୁଦି ପ୍ରାୟ ୨ଶହ ଗ୍ରାମର ସୁନା ଅଳଙ୍କାର, ୨ଟି ରୂପା ପାଉଁଜି, ୩ଟି ରୂପା ମୁଦି, ୨ଟି ଘଣ୍ଟା ଇତ୍ୟାଦି ମୂଲ୍ୟବାନ ଜିନିଷ ଲୁଟ ହୋଇଥିବା ଦେଖିଥିଲେ। ଏନେଇ ସେ ୨୧ ତାରିଖ ଦିନ ବିରଜା ଯାଜପୁରଟାଉନ୍ ଥାନାରେ ଅଭିଯୋଗ କରିବା ପରେ ଯାଜପୁର ପୁଲିସ ଥାନା କେସ୍ ନଂ୩୯୪/୨୦୨୫ ରୁଜୁ କରି ତଦନ୍ତକାରୀ ଅଫିସର ଭାବେ ସବ୍ ଇନ୍ସପେକ୍ଟର ସୁବାଷ ଚନ୍ଦ୍ର ମୁଦୁଲିଙ୍କୁ ଦାୟିତ୍ୱ ଦେଇଛନ୍ତି। ସେ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଲଗାଇ ତଦନ୍ତ ଜାରି ରଖିଥିବା ବେଳେ ଜଣକୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ଗୋଟିଏ ରାତିରେ ବିଦ୍ୟାଳୟ ଓ ମନ୍ଦିରରୁ ଚୋରି

ବାଲିଚନ୍ଦ୍ରପୁର,୨୧।୮ (ସମିସ):ବଡ଼ଚଣା ବ୍ଲକ୍ ତଥା ବାଲିଚନ୍ଦ୍ରପୁର ଥାନା ଅଧୀନ ଦୁଇଟି ଅନୁଷ୍ଠାନରୁ ଗତ ୧୯ ତାରିଖ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନାନୁଯାୟୀ, ନାନପୁର ଗ୍ରାମ ସ୍ଥିତ ଶିରିଡି ସାଇ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମନ୍ଦିର ଭିତରେ ଥିବା ଗୋଟିଏ ଟେବୁଲ ଫ୍ୟାନ ସହିତ ବାବାଙ୍କ ମଥାରେ ଲଗା ଯାଇଥିବା ଗୋଟିଏ ଚାନ୍ଦି ମୁକୁଟ, ଚାନ୍ଦି ଚେନ, ବାସନକୁସନ ସହିତ ଅନ୍ୟାନ୍ୟ ସାମଗ୍ରୀକୁ ଲୁଟି ନେଇଛନ୍ତି। ଯାହାର ମୂଲ୍ୟ ୪୦ ହଜାରରୁ ଅଧିକ ଟଙ୍କା ହେବ ବୋଲି କୁହାଯାଇଛି। ତେବେ ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯିବା ପରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିବା ସହିତ ମନ୍ଦିର ନିକଟସ୍ଥ ଜଣଙ୍କ ଘରୁ ଚୋରି ଫ୍ୟାନକୁ ଜବତ ପୂର୍ବକ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଥିବା ନେଇ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଏହି ଥାନା ଅଧୀନ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଦୁଇଟି ପାଣି ଟାଙ୍କି ମଟର ଓ ସ୍କୁଲ ପରିସରରେ ଲଗାଯାଇଥିବା ୨୫ଟି ଷ୍ଟିଲ ପାଣି ଟ୍ୟାପକୁ ସେହି ୧୯ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଚୋରି ଯାଇଥିବା ଉଭୟ ଅନୁଷ୍ଠାନର ସାମଗ୍ରୀ ଜବତ ସହିତ ଚୋରମାନଙ୍କୁ ତୁରନ୍ତ ଧରିବା ସହିତ ଏହି ଥାନା ଅଞ୍ଚଳରେ ଚୋରି ଡକାୟତି ଓ ଲୁଟ ଆଦିକୁ ରୋକିବା ଦିଗରେ ଥାନା ପକ୍ଷରୁ ଦୃଢ଼ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି।



# ସେରପୁର ପଞ୍ଚାୟତରେ ବାରମ୍ବାର ଚୋରି

ବରୀ,୨୧।୮ (ସମିସ): ଯାଜପୁର ଜିଲ୍ଲାର ବରୀ ବ୍ଲକ୍ ଅଧୀନ ସେରପୁର ପଞ୍ଚାୟତ କୃଷ୍ଣ ନଗର ଗ୍ରାମର ଯୁବ ବ୍ୟବସାୟୀ ଲକ୍ଷ୍ମୀଧର ସାହୁଙ୍କ ଘରେ ଚୋରି ହୋଇଥିବା ର ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ତାଙ୍କର ଏକ ଦ୍ରୁତବେଗ ଯୁକ୍ତ ମଟର ସାଇକଲ ଓ ମୋବାଇଲ ଫୋନ ନେଇ ଯାଇଛନ୍ତି। ଏପରିକି ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରି କମିସନରେଟ ପୁଲିସ ଅଧୀନରେ ୧ ହଜାର ଟଙ୍କାର ଚାଲାଣ ମଧ୍ୟ କଟିଛି ବୋଲି ଲକ୍ଷ୍ମୀଧରଙ୍କ ମୋବାଇଲକୁ ମେସେଜ ଆସିଛି। ଚଳିତ ମାସରେ ଏହି ପଞ୍ଚାୟତର ସେରପୁର ଓ ଶୁକ୍ଳ ସାହି ଗାଁରୁ ଗୋଟିଏ ମଟର ସାଇକଲ ଓ ଗୋଟିଏ ସ୍କୁଟି ଚୋରି ହୋଇଛି। ତେବେ ଏମାନେ ପୁଲିସରେ ଅଭିଯୋଗ କରିନାହାନ୍ତି। ପୁଲିସ ଘଟଣାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଗତ ବର୍ଷ ମଧ୍ୟ ଲକ୍ଷ୍ମୀଧରଙ୍କ ଘରେ ଚୋରମାନେ ପଶି ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ।

# ବିରଜା ଆଇନ ମହାବିଦ୍ୟାଳୟରେ ନବାଗତଙ୍କ ପ୍ରବେଶ ଉତ୍ସବ

ଯାଜପୁର,୨୧।୮ (ସମିସ): ବିରଜା ଆଇନ ମହାବିଦ୍ୟାଳୟରେ ନବାଗତଙ୍କ ପ୍ରବେଶ ଉତ୍ସବ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ବଟକୃଷ୍ଣ ମହାପାତ୍ର ମୁଖ୍ୟଅତିଥି, ଅଧ୍ୟାପିକା ମହେଶ୍ୱତା ଉପାଧ୍ୟାୟ ଓ ଅଧ୍ୟାପକ ସୌମ୍ୟରଂଜନ ଦାଶ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ମହାବିଦ୍ୟାଳୟର ଐତିହ୍ୟ, ପ୍ରତିଷ୍ଠା, ଓ ଜନଜୀବନରେ ଆଇନର ଆବଶ୍ୟକତା ସଂପର୍କରେ ଆଲୋକପାତ କରିବା ସହିତ ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧ ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଦିଗ୍ଦର୍ଶନ ଦେଇଥିଲେ। ମହାବିଦ୍ୟାଳୟର କର୍ମଚାରୀ କାମାକ୍ଷା ପ୍ରସାଦ ନନ୍ଦ ଓ ତପନ କୁମାର ନାୟକ, ହେମନ୍ତ କୁମାର ନନ୍ଦ ଓ ମଦନ ଜେନା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ଏବଂ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୋନାଲିସା ତ୍ରିପାଠୀ ସ୍ୱାଗତ ଭାଷଣ, ସତ୍ୟବ୍ରତ କର ପରିଚୟ ପ୍ରଦାନ, ସାଇ ସ୍ମାରକୀ ଦାଶ ବିବରଣୀ ପାଠ ଓ ଜ୍ୟୋତି ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।




# ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ ପ୍ରସ୍ତୁତି

ଯାଜପୁର,୨୧।୮ (ସମିସ): ଭାରତର ପ୍ରାକ୍ତନ ରାଷ୍ଟ୍ରପତି ତଥା ମହାନ୍ ଦାର୍ଶନିକ ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୮ ତମ ଜନ୍ମବାର୍ଷିକ ଉପଲକ୍ଷେ ରାଜ୍ୟସ୍ତରୀୟ ଗୁରୁସମ୍ବର୍ଦ୍ଧନା ସମାରୋହ-୨୦୨୫ ଆସନ୍ତା ସେପ୍ଟେମ୍ବର ୫ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ହେବ। ସମାରୋହକୁ ଯାଜପୁର ବିଧାୟିକା ସୁଜାତା ସାହୁ ଶୁଭ ଉଦ୍‌ଘାଟନ କରୁଥିବା ବେଳେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟଅତିଥି, ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନ ମୁଖ୍ୟବକ୍ତା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୌତମ ରାୟ ଓ କଳିଙ୍ଗନଗର ଜନଜୀବନ ସୁରକ୍ଷା ପରିଷଦ ସଭାପତି ପ୍ରଶାନ୍ତ ରାୟ ବିଶିଷ୍ଟ ଅତିଥି, ଓଡ଼ିଶା ଡିଏଭି ସ୍କୁଲ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଓ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ ବରେଣ୍ୟ ଅତିଥି, ବାଲେଶ୍ୱରର ପ୍ରାକ୍ତନ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଓ କବି ହେମନ୍ତ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନା ନିମନ୍ତେ ଓଡ଼ିଶାର ୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବ। ଏତଦ୍ଭିନ୍ନ ଦକ୍ଷତାର ସହିତ ଶିକ୍ଷାଦାନ ନିମନ୍ତେ "ଆଦର୍ଶ ଗୁରୁ ସମ୍ମାନ-୨୦୨୫' ଓ ସମାଜସେବା ଓ ଜନହିତକର କାମରେ କାର୍ଯ୍ୟରତ ସାହିତ୍ୟାନୁରାଗୀ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ "ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ "ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚ'ର ସଭାପତି ସାହିତ୍ୟିକ ଘନ ପରିଡାଙ୍କ ପୌରୋହିତ୍ୟରେ ଯାଜପୁର ଟାଉନସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ପୂର୍ବାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ଉଦୟ ନାଥ ମାଝୀ, ବିଜୟ ମୋହନ ରାୟ, ଡ. ସୁଦର୍ଶନ ବେହେରା, କାମାକ୍ଷା ପ୍ରସାଦ ନନ୍ଦ, ସେକ୍ ଅବଦୁଲ ସାଜିଦ୍, କବି ପ୍ରଭାତ ମଲ୍ଲିକ, ଗାଳ୍ପିକ ରମେଶ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସମାରୋହର ସଫଳ ରୂପାୟନ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହେଲା। ଏଥିରେ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ ଅଧ୍ୟକ୍ଷ, ସାହିତ୍ୟିକ ଘନ ପରିଡ଼ା ମହାସଚିବ, ଶିକ୍ଷାବିତ୍ ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ସମାଜସେବୀ ଦେବେନ୍ଦ୍ର ପଣ୍ଡା, ଡ ରବୀନ୍ଦ୍ର କୁମାର ପରିଡ଼ା, ଗାଳ୍ପିକ ରମେଶ ପଣ୍ଡା ଓ ଆଇନଜୀବୀ ସମରେନ୍ଦ୍ର ଦାସଙ୍କୁ ଉପାଧ୍ୟକ୍ଷ, ଡ. ସୁଦର୍ଶନ ବେହେରା ସାଧାରଣ ସଂପାଦକ, କାମାକ୍ଷା ପ୍ରସାଦ ନନ୍ଦଙ୍କୁ ସଂଗଠନ ସଂପାଦକ ଓ ଗୁରୁପ୍ରସାଦ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଏହି ସମାରୋହରେ ରାଜ୍ୟର ୨ ଶହ ପ୍ରତିନିଧି ଯୋଗଦେବେ ଓ ସେମାନଙ୍କ ରାତ୍ରରହଣି ଓ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା କରାଯିବ ବୋଲି କମିଟିର ମହାସଚିବ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ।




# ପ୍ରମିଳାଙ୍କ ହସ୍ତକ୍ଷେପ ଫଳରେ ଚାଷୀଙ୍କୁ ମିଳିଲା ବୀମା

ପ୍ରୀତିପୁର,୨୧।୮ (ସମିସ): ବିଞ୍ଝାରପୁର ବ୍ଲକ୍‌ର କେତେକ ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ ଚୂଡ଼ାନ୍ତ ହୋଇ ନଥିବା ଅଞ୍ଚଳର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହେବାପାଇଁ ନାନାଦି ସମସ୍ୟାର ସାମ୍ନା କରୁଥିଲେ। ବିଗତ ବର୍ଷରେ ଅଫଲାଇନ୍‌ରେ ବୀମା କରିବା ପାଇଁ କେତେକ ଚାଷୀ ସୁଯୋଗ ପାଇଥିବା ବେଳେ କେତେକ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ ଫସଲବୀମାର ସମୟ ଜୁଲାଇ ୩୧ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ପୁନଶ୍ଚ ବନ୍ଦୋବସ୍ତ ଚୂଡ଼ାନ୍ତ ହୋଇ ନଥିବା ଅଞ୍ଚଳର ଚାଷୀମାନଙ୍କର ଅଫଲାଇନ୍‌ରେ ବୀମା କରିବା ନିମନ୍ତେ ନୀତିଗତ ଗାଇଡ୍‌ଲାଇନ ନଥିବା ଯୋଗୁ ଏହି ଅଞ୍ଚଳର ଚାଷୀମାନେ ଜୁଲାଇ ୩୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିବାରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ବୀମା କରିବାର ଅବଧି ବୃଦ୍ଧି ହେବାରୁ ବୀରଭଦ୍ର ସାମଲଙ୍କ ନେତୃତ୍ୱରେ ପର୍ଶୁରାମ ସାହୁ, ଆକୁଳି ସାହୁ, କମଳାକାନ୍ତ ପଣ୍ଡା, ଅଞ୍ଜନ ପତି, ଅକ୍ଷୟ ଜେନା ପ୍ରମୁଖ ଚାଷୀମାନେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସାକ୍ଷାତକରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏନେଇ ବିଧାୟିକା ପ୍ରମିଳା ମଲ୍ଲିକ ପ୍ରଶାସନ ଓ ବୀମା କମ୍ପାନୀ ସହିତ ଯୋଗାଯୋଗ କରାଯାଇଥିଲା। ପରେ ବୀମା କମ୍ପାନୀ ପକ୍ଷରୁ କର୍ମଚାରୀ ପଠାଯାଇ ବିଞ୍ଝାରପୁର ବ୍ଲକ ପରିସରରେ ଚାଷୀମାନଙ୍କ ଠାରୁ ଆବେଦନପତ୍ର ସହିତ ଆନୁସଙ୍ଗିକ କାଗଜପତ୍ର ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି। ଚୀଷୀମାଙ୍କର ବୃହତ୍ ସ୍ୱାର୍ଥ ରକ୍ଷାରେ ପ୍ରଶାସନ ଓ ବିଧାୟିକାଙ୍କର ପ୍ରମୁଖ ଭୂମିକା ପାଇଁ କୃଷକନେତା ବୀରଭଦ୍ର ସାମଲ, ତରୁଣ କୁମାର ସ୍ୱାଇଁ, ଆକୁଳି ସାହୁ, ପ୍ରଶାନ୍ତ କୁମାର ନାୟକ, ବିଜୟ ରାଉତ, ସୁଶାନ୍ତ କୁମାର ମଲ୍ଲିକ, ହରେକୃଷ୍ଣ ଦାସ, ବାସୁଦେବ ସାମଲ, ଦେବେନ୍ଦ୍ର କୁମାର ସ୍ୱାଇଁ, ସନାତନ ମଲିକଙ୍କ ସମେତ ଶତାଧିକ ଚାଷୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅନଲାଇନ୍ ଗେମ୍‌ରେ ହାରିବାରୁ ଜୀବନ ହାରିଲେ ଯୁବକ

ବରୀ,୨୧।୮ (ସମିସ): ଯାଜପୁର ଜିଲ୍ଲା ବରୀ ଥାନା ଅଧୀନ ବାଇଁଶିରିଆ ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି। ୧୦ ନମ୍ବର ୱାର୍ଡର କାଳନ୍ଦୀ ସାହୁଙ୍କ ଏକମାତ୍ର ପୁଅ ସୋମନାଥ ସାହୁ (୩୫) ଅନଲାଇନ୍ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହାରିଯିବା ପରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ସୋମନାଥ ଗତକାଲି ରାତିରେ ଘର ପାଖ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଆଜି ସକାଳୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେପଟେ ଖବରପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି। ସୋମନାଥ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅ ହୋଇଥିବା ବେଳେ ତାଙ୍କ ବିୟୋଗରେ ପୁରା ପରିବାର ଭାଙ୍ଗି ପଡିଛନ୍ତି। ସୋମନାଥଙ୍କର ୬ ବର୍ଷର ଗୋଟିଏ ପୁଅ ଥିବା ଜଣାପଡିଛି।

## ଗାନ୍ଧୀ ବିଚାର: ସବୁ ସମସ୍ୟାର ଉପଚାର ଶୀର୍ଷକ ଆଲୋଚନାଚକ୍ର

# ଗାନ୍ଧିଜୀ ବିଂଶ ଶତକର ସର୍ବଶ୍ରେଷ୍ଠ ମାନବ

ଯାଜପୁର,୨୧।୮ (ସମିସ):

ଗାନ୍ଧୀଙ୍କର ବିବେଚନା ଏକ ଆତ୍ମିକ ଶକ୍ତିର ଉତ୍ସ। ଏଥିପାଇଁ ଗାନ୍ଧୀ ବିଚାରର ବିଭିନ୍ନ ଦିଗକୁ ନେଇ ସମଗ୍ର ବିଶ୍ୱରେ ଚାଲିଛି ବ୍ୟାପକ ଗବେଷଣା ଓ ପ୍ରୟୋଗ। ତେଣୁ ଗାନ୍ଧୀଜୀଙ୍କୁ ବିଂଶ ଶତକର ସର୍ବଶ୍ରେଷ୍ଠ ମାନବ ରୂପେ ବିବେଚନା କରାଯାଇଛି ବୋଲି ବହୁ ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି। ଗାନ୍ଧୀଜୀଙ୍କର ଦ୍ୱିତୀୟବାର ଓଡ଼ିଶାଗସ୍ତର ଶତବାର୍ଷିକୀ ଉପଲକ୍ଷେ "ବିରଜା ସଂସ୍କୃତିକ ପରିଷଦ' ପକ୍ଷରୁ "ଗାନ୍ଧୀ ବିଚାର ସବୁ ସମସ୍ୟାର ଉପଚାର' ଶୀର୍ଷକ ଏକ ଆଲୋଚନାଚକ୍ର ଗତକାଲି ବୁଧବାର ସଂଧ୍ୟାରେ ସ୍ଥାନୀୟ ଯାଜପୁର ଟାଉନସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ସାହିତ୍ୟିକ ନିତ୍ୟାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ "କ୍ରାନ୍ତି କାମୋଦୀ କଳ୍କୀ'ର ସଂପାଦକ ଘନପରିଡ଼ା ମୁଖ୍ୟ ଅତିଥି ଓ "ରକ୍ ପେବୁଲ୍ସ'ର ସଂପାଦକ ଉଦୟନାଥ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନୁରୋଧକ୍ରମେ "ଉତ୍କଳ ଟେନେରୀ' ପରିଦର୍ଶନ କରିବାକୁ ଗାନ୍ଧୀଜୀ ମୁଖ୍ୟତଃ ଓଡ଼ିଶାକୁ ଦ୍ୱିତୀୟବାର ଆସିଥିବାବେଳେ ଅଗଷ୍ଟ ୧୯ ତାରିଖରେ କଟକ ଚାଉଳିଆଗଞ୍ଜ ଠାରେ ଖଦିବୁଣାକେନ୍ଦ୍ର ଓ ସ୍ୱରାଜ୍ୟ ଆଶ୍ରମରେ ଥିବା ସୂତା କଟାକେନ୍ଦ୍ର ପରିଦର୍ଶନ କରିଥିଲେ ଓ ଅଗଷ୍ଟ ୨୦ ତାରିଖରେ କଟକ ମ୍ୟୁନିସ୍ପାଲିଟି ହତାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର ରାୟ, ଧରଣୀଧର ମହାପାତ୍ର, କବି ପ୍ରଭାତ ମଲ୍ଲିକ, ଡ. ସୁଦର୍ଶନ ବେହେରା, ସେକ୍ ଅବଦୁଲ ସାଜିଦ୍ ଓ କାମାକ୍ଷା ପ୍ରସାଦ ନନ୍ଦ ପ୍ରମୁଖ ଗାନ୍ଧୀ ବିଚାର ଓ ଦର୍ଶନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ।



# ଥାଲାସେମିଆ ରୋଗ ନିୟନ୍ତ୍ରଣ ପାଇଁ ଜନସଚେତନା ଆବଶ୍ୟକ

ଯାଜପୁର,୨୧।୮ (ସମିସ): ଶିଶୁମାନଙ୍କ ସୁସ୍ଥ ଜୀବନଯାପନ ପାଇଁ ଜାତୀୟ ଏବଂ ରାଜ୍ୟସ୍ତରରେ ସେମାନଙ୍କ ପାଇଁ ପୋଲିଓ, ଟିଟାନସ୍, ହୁପିଂ କାଶ, ଡିପ୍ଥେରିଆ ଇତ୍ୟାଦି ରୋଗର ନିୟନ୍ତ୍ରଣ ଓ ପ୍ରତିରୋଧ ମୁଳକ କାର୍ଯ୍ୟକ୍ରମ ଓ ଯୋଜନା ବ୍ୟବସ୍ଥା ରହିଛି। କିନ୍ତୁ ଦୀର୍ଘ ୩୦ବର୍ଷ ହେଲା ବିଭିନ୍ନ ଜିଲ୍ଲାରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଯାଇଛି। ଏହି ମାରାତ୍ମକ ରୋଗ ହେତୁ ଅକାଳରେ କେତେକ ପିଲା ମୃତ୍ୟୁବରଣ କରୁଛନ୍ତି। କେବଳ ଯାଜପୁର ଜିଲ୍ଲାରେ ୩୨୫ଟି ଚିକିତ୍ସିତ ଥାଲାସେମିଆ ରୋଗୀ ମଧ୍ୟରେ ୧୨ଜଣଙ୍କର ଅକାଳରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କର ଜୀବନ ରକ୍ଷା ପାଇଁ ସରକାରଙ୍କ ତରଫରୁ କୌଣସି ଯୋଜନା କିମ୍ବା କାର୍ଯ୍ୟକ୍ରମ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଗତ ୨୦ବର୍ଷ ହେଲା ଯାଜପୁର ଜିଲ୍ଲାର ରୋଟାରିଆନ ବିଶେଷଜ୍ଞ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ରେଡକ୍ରସ ବ୍ଲଡ୍ ବ୍ୟାଙ୍କ ମେଡିକାଲ ଅଫିସର ବଦାନ୍ୟ ବ୍ୟକ୍ତି ମାନଙ୍କ ଉଦ୍ୟମରେ ଜିଲ୍ଲା ଥାଲସେମିଆ ସୋସାଇଟି ଗଠନ କରାଯାଇ ସେମାନଙ୍କ ପାଇଁ ପ୍ରତିମାସରେ ବ୍ଲଡ ଡୋନେସନ କ୍ୟାମ୍ପ ଏବଂ ରକ୍ତ କ୍ରୟ ମୂଲ୍ୟ ସହିତ ଗସ୍ତ ଖର୍ଚ୍ଚ ବହନ କରାଯାଉଥିଲା। କିନ୍ତୁ ୨୦୧୮ ମସିହାରୁ ଭାରତ ସରକାରଙ୍କ ସେମାନଙ୍କୁ ମାସିକ ଭତ୍ତା ପ୍ରଦାନ, ରାଜ୍ୟ ସରକାର ମେଡିକାଲ ଯିବା ଆସିବା ଗସ୍ତ ଖର୍ଚ୍ଚ ବହନ କରିବା ସହିତ ଭାରତୀୟ ରେଡକ୍ରସ ବ୍ଲଡ ବ୍ୟାଙ୍କ ମାଗଣା ରକ୍ତ ଯୋଗାଣ କରୁଅଛନ୍ତି। ଜିଲ୍ଲା ଥାଲାସେମିଆ ସୋସାଇଟିର କାର୍ଯ୍ୟକ୍ରମ ହ୍ରାସ ପାଇଥିଲେ ମଧ୍ୟ ରାଜ୍ୟ ସରକାର ଅକାଳରେ ମୃତ୍ୟୁ ବରଣ କରୁଥିବା ନିରିହ ଶିଶୁମାନଙ୍କ ପାଇଁ ବିଶେଷ ଧ୍ୟାନ ଦେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଜନା, ପ୍ରସ୍ତୁତ କରିବା ନିମିତ୍ତ ଯାଜପୁର ଜିଲ୍ଲା ଥାଲାସେମିଆ ସୋସାଇଟିର ସମ୍ପାଦକ ପରମାନନ୍ଦ ନାୟକ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଥାଲାସେମିଆ ରୋଗୀ ମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ଜିଲ୍ଲାପାଳଙ୍କ ସମୀକ୍ଷା ପରେ ମଧ୍ୟ ଆଗେଇପାରୁନି ମେଗା ପାନୀୟ ପ୍ରକଳ୍ପ

କବାଟବନ୍ଧ,୨୧।୮ (ସମିସ)

ଧର୍ମଶାଳା ବ୍ଲକ୍ ଅଧୀନ ରାଇଛନ୍ଦା ପଞ୍ଚାୟତ ବାଲିକୁଦିଆ ଠାରେ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବିଦ୍ୟୁତ୍ ସମସ୍ୟା ପାଇଁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ଲାଗିଛି। ଏନେଇ ତତ୍କାଳୀନ ଜିଲ୍ଲାପାଳ ପି ଅନ୍ୱେଶା ରେ‡ୀ ଗତ ଜୁଲାଇ ୨୧ ତାରିଖରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତରେ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟୀ କର, ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରଶ୍ମିରଞ୍ଜନ ମାର୍ଥା, ସହକାରୀ ଯନ୍ତ୍ରୀ ରଜତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଦେବାଶିଷ ଧଳ ମଧ୍ୟ ଉପସ୍ଥିତ ଥିଲେ। ପ୍ରକଳ୍ପ ଚାଲିବାକୁ ବିଦ୍ୟୁତ୍ ସମସ୍ୟା ମୁଖ୍ୟ ପ୍ରତିବନ୍ଧକ ରହିଥିବା ଜିଲ୍ଲାପାଳ ଜାଣିବାକୁ ପାଇଥିଲେ। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ

**ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୪୫ଟି ପଞ୍ଚାୟତର ଲୋକେ ସୁବିଧା ପାଇବେ**

ଦେଇଥିଲେ। ସ୍ଥାନୀୟ ସମସ୍ୟା ଥିବାରୁ ଏହାର ପରଦିନ ସବ କଲେକ୍ଟର, ଧର୍ମଶାଳା ତହସିଲଦାର ଏବଂ ପୁଲିସଙ୍କ ଉପସ୍ଥିତରେ ବିଦ୍ୟୁତ୍ କାମକୁ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଏହାମଧ୍ୟରେ ମାସେ ବିତି ଯାଇଥିଲେ ମଧ୍ୟ ଏହା ଆଗକୁ ବଢି ପାରୁନାହିଁ। ଦୀର୍ଘ ୫ ବର୍ଷ ପରେ ଅର୍ଥାତ ୨୦୨୦ମସିହାରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତର ୪୭୭୬୫ ପରିବାରକୁ ଶୁଦ୍ଧ ପାନୀୟ ଜଳ



ପାଇବାର ସୁବିଧା ପାଇବେ। ମେଗା ପ୍ରକଳ୍ପର ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ପ୍ରକାଶ କରୁଥିବା ବେଳେ ବିଦ୍ୟୁତ୍ ସମସ୍ୟା ପାଇଁ ଏହା ଆଉ କେତେ ଦିନ ଲାଗିବ ତାହା ସ୍ପଷ୍ଟ ହୋଇ ପାରୁନାହିଁ। ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ପରି ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ଦିନ ସମାନ ଭାବରେ ଘୁଞ୍ଚି ଘୁଞ୍ଚି ଯାଉଛି। ଯାହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଅପରପକ୍ଷରେ ଜେନାପୁର ଥାନା ଅଞ୍ଚଳରେ ରହିଥିବା ପାହାଡ଼ିଆ ଗାଁ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡିକରେ ଅନେକ ଲୋକ ଦୂଷିତ ପାଣି ପିଇ କିଡନୀ ରୋଗ ଭଳି ଦୁରାରୋଗ୍ୟରେ ପୀଡିତ ହୋଇ ଜୀବନ ହାରୁଛନ୍ତି। ଚଳିତ ବର୍ଷ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଇଛି। ମାତ୍ର ଏହା ବାସ୍ତବରେ ସମ୍ପୂର୍ଣ୍ଣ ଅଲଗା। ଯାହା ଫଳରେ ଜଳ ଯୋଗାଣ ଏକ ପ୍ରକାର ଅନିଶ୍ଚିତତା ଦିଗକୁ ଯାଉଛି। ମିଳିଥିବା ସୂଚନାନୁଯାୟୀ, ଏହି ପ୍ରକଳ୍ପକୁ କନ୍ତପଡ଼ା ଇଲେକ୍ଟ୍ରି ସବଷ୍ଟେସନରୁ ବିଦ୍ୟୁତ୍ ସଂଯୋଗ ପାଇଁ ପ୍ରକ୍ରିୟା ଆରମ୍ଭ ହୋଉଥିଲେ ମଧ୍ୟ ସ୍ଥାନୀୟ ସମସ୍ୟା ଦେଖାଦେଇଛି। ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ ପ୍ରସ୍ତୁତ ବୋଲି ମେଗା ପକ୍ଷରୁ ପରୀକ୍ଷା କରାଯାଇଥିଲା। ଜେନେରେଟର ମାଧ୍ୟମରେ ଚାଲୁ କରାଯାଇ ମେଗା ନିଜ ଦାୟିତ୍ୱ ସାରିଥିବା ପ୍ରକାଶ କରିଛି। ତେବେ ଗାଁ ଗାଁରେ ମେଗା ଜଳ ଯୋଗାଣ ପାଇଁ ବିଛା ଯାଇଥିବା ପାଇପ୍ ବହୁ ସ୍ଥାନରେ ଭାଙ୍ଗି ରୁଜି ଯାଇଥିବା ଦେଖାଯାଇଛି। ତେବେ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଏହା ଏକ ଦୀର୍ଘ ସମୟର ବ୍ୟବସ୍ଥା ଅଟେ। ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ବହୁ ଜଳ ଧାରଣ କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କିଗୁଡ଼ିକ ମଧ୍ୟ ଅନେକ ସ୍ଥାନରେ ଭାଙ୍ଗିଗଲାଣି। ତେବେ ଏମିତି ସ୍ଥିତିରେ ଜଳ ଯୋଗାଣ ଏତେ ସହଜ ହେବା ସମ୍ଭବ ନୁହେଁ ବୋଲି ଆଶଙ୍କା ସୃଷ୍ଟି ହେଲାଣି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଅନୁଧ୍ୟାନକଲେ ତହସିଲଦାର୍



ସୁକିନ୍ଦା,୨୧।୮ (ସମିସ): ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ରୋଗୀସେବା ଠିକ୍ ଭାବେ ଚାଲୁଛି କି ନାହିଁ ସ୍ଥିତି ଅନୁଧ୍ୟାନ କରିଛନ୍ତି ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ। ତହସିଲଦାର ଶ୍ରୀ ତ୍ରିପାଠୀ ଗୁରୁବାର ରାତିରେ ସରକାରୀ ଗାଡ଼ିରେ ନଯାଇ ବାଇକ ନେଇ ହଠାତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖାଦ୍ୟ, ପାନୀୟ ଜଳ ଓ ଶୌଚାଳୟର ସ୍ଥିତି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବାକୁ ଉପସ୍ଥିତ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ।

## ସଫେଇ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ଦାବିରେ ଧାରଣା



ଯାଜପୁର,୨୧।୮ (ସମିସ): ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀ ବକେୟା ଅର୍ଥ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଫେଇ କର୍ମଚାରୀ ଦୀର୍ଘ ୩ମାସ ହେବ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସଫେଇ କର୍ମଚାରୀ ସଂପୃକ୍ତ ଠିକା ସଂସ୍ଥାକୁ ବାରମ୍ବାର ବକେୟା ଦରମା ପ୍ରଦାନ ନେଇ ଦାବି କରିଥିଲେ। ହେଲେ ସଂସ୍ଥା କୌଣସି କଥା ନ ଶୁଣିବାରୁ ବାଧ୍ୟ ହୋଇ ସଫେଇ କର୍ମଚାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବରୁ ସଫେଇ କର୍ମଚାରୀ ଦରମା ନ ପାଇ ବାରମ୍ବାର ଧାରଣା ଦେଉଥିବା ବେଳେ ପ୍ରଶାସନ ସଂପୃକ୍ତ ଠିକା ସଂସ୍ଥାକୁ ପରିବର୍ତ୍ତନ କରି ଅନ୍ୟ ଏକ ଠିକା ସଂସ୍ଥା ନିଯୁକ୍ତି କରିଛନ୍ତି। କିନ୍ତୁ ଏ ଠିକା ସଂସ୍ଥା କର୍ମଚାରୀଙ୍କୁ ଦରମା ଦେବାରେ ଅହେତୁକ ବିଳମ୍ବ କରୁଥିବା ନେଇ ସଫେଇ କର୍ମଚାରୀ ଅଭିଯୋଗ କରିଛନ୍ତି। ଠିକ ସମୟରେ ଦରମା ନ ପାଇବା ଦ୍ୱାରା ପରିବାର ଭରଣ ପୋଷଣ କରିବାରେ କଷ୍ଟ ହେଉଛି ବୋଲି ସଫେଇ କର୍ମଚାରୀ ପ୍ରକାଶ କରିଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର,୨୧।୮ (ସମିସ): ଅଙ୍ଗନବାଡ଼ି କର୍ମୀ ୧୧ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରକାରୀ କର୍ମଚାରୀ ମାନ୍ୟତା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା, ମୋବାଇଲ ସମେତ ଏଗାର ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଅଙ୍ଗନବାଡ଼ି କର୍ମୀଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହା ପୂରଣ କରାଯାଉନାହିଁ। ଅଙ୍ଗନବାଡ଼ି କର୍ମୀଙ୍କୁ ସବୁ କାର୍ଯ୍ୟରେ ନିୟୋଜିତ କରାଯାଉଛି। ହେଲେ ସେହି ପରିମାଣରେ ଦରମା ପ୍ରଦାନ କରାଯାଉନାହିଁ କି ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯାଉନାହିଁ। ଏ ନେଇ ଦୀର୍ଘ ବର୍ଷ ହେବ ଦାବି କରୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି ବୋଲି ଜିଲ୍ଲା କୋର୍ଡିନେଟର ଦୀପ୍ତିମୟୀ ସାହୁ ସୂଚନା ଦେଇଥିଲେ। ଗତ ନିର୍ବାଚନ ସମୟରେ ଅଙ୍ଗନବାଡ଼ି କର୍ମୀଙ୍କୁ ଦୁଇ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧି ପୂରଣ କରାଯାଇପାରିନାହିଁ। ଯଦି ଏଗାର ଦଫା ଦାବି ପୂରଣ ନେଇ ସରକାର କର୍ଣ୍ଣପାତ ନ କରନ୍ତି ତେବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଅଙ୍ଗନବାଡ଼ି କର୍ମୀ ଚେତାବନୀ ଦେଇଥିଲେ।

## ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦଶରଥପୁର,୨୧।୮ (ସମିସ): ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ କନିକାପଡ଼ା ପଞ୍ଚାୟତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଅଶୋକ କୁମାର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତି ରହି ହିନ୍ଦୀ ଶିକ୍ଷକ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷକ ସୌମ୍ୟରଞ୍ଜନ ଶତପଥୀ, ସୁବାସ ଚନ୍ଦ୍ର ମଲ୍ଲିକ, ଦିଲ୍ଲୀପ କୁମାର ଜେନା, ବାବନ୍ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ପଲ୍ଲବୀ ପ୍ରିୟଦର୍ଶନୀ ମଲ୍ଲିକ ପ୍ରମୁଖ ଶ୍ରୀ ଦାସଙ୍କ ଅବସର ଜୀବନ ନିରାମୟ ହେବା କାମନା କରିଥିଲେ। ଶ୍ରୀ ଦାସ ୧୯୮୧ ମସିହାରୁ କାଟିଆ ସ୍ଥିତ କୃଷ୍ଣ ପ୍ରଧାନ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସର ନେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ପ୍ରିୟ ଶିକ୍ଷକ ଥିଲେ।

## ଅନୁଦାନ ଦାବିରେ କଲେଜ ସମ୍ମୁଖରେ ଅଧ୍ୟାପକ ଓ କର୍ମଚାରୀଙ୍କ ଧାରଣା

ବାଲିଚନ୍ଦ୍ରପୁର,୨୧।୮ (ସମିସ)

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଅନୁଦାନ ପ୍ରଦାନ ଦାବିରେ ବାଲିଚନ୍ଦ୍ରପୁର ସ୍ଥିତ ସାହାସପୁର କଲେଜ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।



ଏହି କଲେଜରେ ଦୀର୍ଘ ବର୍ଷ ହେବ ଅଧ୍ୟାପକ ଓ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଦରମା ମିଳିନାହିଁ। ଏହାର ପ୍ରତିବାଦରେ ଧାରଣା ଦିଆଯାଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅଧ୍ୟାପିକା, ଅଧ୍ୟାପକ ସର୍ବଶ୍ରୀ ଅଭିଜିତ ନାୟକ, ନିଷିଥ ସାମନ୍ତରାୟ, ହରପ୍ରିୟା ମଙ୍ଗରାଜ, ସ୍ୱାତି ପରିଜା, ଗାୟତ୍ରୀ ଶତପଥୀ, ଲୋପାମୁଦ୍ରା ପଟ୍ଟନାୟକ, ଇତିଶ୍ରୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ମହାପାତ୍ର ଓ କର୍ମଚାରୀ ସର୍ବଶ୍ରୀ ଦୁର୍ଗାପ୍ରସାଦ ପରିଡା, ଶୁଭବ୍ରତ ପଣ୍ଡା, ବିଶ୍ୱନାଥ ସେଠୀ, ବିଶ୍ୱଜିତ ସେନାପତି, ନିବେଦିତା ଦାଶ ରାଜଲକ୍ଷ୍ମୀ ସାହୁଙ୍କ ସମେତ ୪୦ରୁ ଅଧିକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଆଜିର ଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ରାଜ୍ୟ ସରକାର ଅନୁଦାନ ପ୍ରଦାନ ଘୋଷଣା ନକଲା ପର୍ଯ୍ୟନ୍ତ ଏହି ଧାରଣା ଚାଲୁରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଏହି ଧାରଣା ପାଇଁ କଲେଜରେ ଶିକ୍ଷାଦାନ ସହିତ କଲେଜ କାର୍ଯ୍ୟାଳୟ ପରିଚାଳନାରେ ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି।

## ମରଣଯନ୍ତା ପାଲଟିଛି ବିଜୁ ପଟ୍ଟନାୟକ ମାର୍ଗ ରାସ୍ତା

ଦାନଗଦି,୨୧।୮ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳ ବିଜୁପଟ୍ଟନାୟକ ମାର୍ଗ ରାସ୍ତା ଏବେ ମରଣାଯନ୍ତା ପାଲଟିଛି ବୋଲି ଅଭିଯୋଗ ହେଉଛି। ନିକଟରେ ଏହି ରାସ୍ତା ମରାମତି ହୋଇଥିଲେ ମଧ୍ୟ ଅତି ନିମ୍ନ ମାନର କାମ କରାଯାଇଥିବାରୁ ଏହା ମାସକ ଭିତରେ ନଷ୍ଟ ହୋଇ ବଡ଼ ବଡ଼ ଖାଲ ଖମା ସୃଷ୍ଟି ହୋଇଛି। ସାଇକଲ ଓ ମଟର ସାଇକଲରେ ଯାତାୟାତ କରୁଥିବା ଲୋକେ ଏହି କୃତ୍ରିମ ଗାତରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଶିଳ୍ପ ନଗରୀରୁ ମାଲବାହି ଗାଡ଼ିଗୁଡିକ କଞ୍ଚାମାଲ ପରିବହନ କରି ଯାତାୟାତ କରୁଥିବା ବେଳେ ବହୁ ସମୟରେ ଦୁର୍ଘଟଣାରେ ପଡୁଛନ୍ତି। ଏହାବ୍ୟତିତ ଏହି ରାସ୍ତା ଏବେ ରାତିରେ ଅନ୍ଧାର ରହୁଥିବାରୁ ବେଶି ଦୁର୍ଘଟଣା ଘଟୁଛି। ବାରମ୍ବାର ଅଭିଯୋଗ କରିବା ପରେ ବି ପ୍ରଶାସନ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ମଟରସାଇକଲ ଚୋରି ଅଭିଯୋଗରେ ୨ ଗିରଫ

ଯାଜପୁର,୨୧।୮ (ସମିସ): ମଟରସାଇକଲ ଚୋରି ଘଟଣାରେ ଗୁରୁବାର ୨ଜଣଙ୍କୁ ଯାଜପୁର ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯାଜପୁର ଥାନା ଅନ୍ତର୍ଗତ ଏନ୍‌ସି କଲେଜ ପାଖରେ ଏକ ଫାଷ୍ଟଫୁଡ଼୍ ଦୋକାନର ମାଲିକ ବୈଦ୍ୟରାଜପୁର ଗ୍ରାମର ଆଶିଷ କୁମାର ବେହେରାଙ୍କ ଦୋକାନ ପାଖରେ ରଖିଥିବା ଗୋଟିଏ ମଟରସାଇକଲ (ନଂ ଓଡି୦୫-ସିବି-୧୦୨୨) ଚୋରି ହୋଇଯାଇଥିବା ନେଇ ଗତ ୧୬ତାରିଖରେ ଯାଜପୁରଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତିକରି ଯାଜପୁର ଥାନା ଅଧିକାରୀ ଥାନା କେସ୍ ନଂ୩୮୪/୨୫ ମୁତାବକ କେସ୍ ରୁଜୁ କରି ଏଏସ୍‌ଆଇ ପ୍ରମୋଦ କୁମାର ବେହେରାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଗତ ବୁଧବାର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚୋରି ହୋଇଯାଇଥିବା ଗାଡି ଦେଖିବାକୁ ପାଇଥିଲେ। ସେଠାରେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ବେଗୁନିଆପଡା ଗ୍ରାମର ଶିବୁ ଦାସ (୨୦) ଓ ବିଂଝାରପୁର ଥାନା ଅଧୀନ ମଇନ୍ଦା ଲେଙ୍କାସାହି ଗ୍ରାମର ସୁରେଶ ଓରଫ ହରି ଦାସ (୨୪) ଏହି ଗାଡିଟିକୁ ଚୋରି କରିଥିବା ନେଇ ଜାଣି ପାଇଥିଲେ। ପୁଲିସ ଏହି ୨ ଜଣକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି।

## ୨୩ରେ ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ସର୍ବଦଳୀୟ ବୈଠକ

ଯାଜପୁର,୨୧।୮ (ସମିସ): ଯାଜପୁର ଟାଉନ୍ ସ୍ଥିତ ମିଶନ ଶକ୍ତି ସଭା ଗୃହରେ ଆସନ୍ତା ୨୩ ତାରିଖ ଦିନ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଯାଜପୁରରୋଡ-ଧାମରା ରେଳପଥ ପାଇଁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏହି ପ୍ରକଳ୍ପ ପାଇଁ ନୂତନ ରେଳପଥର ଚୂଡାନ୍ତ ପ୍ରକଳ୍ପ ତଥ୍ୟ ( ଡିପିଆର ) ପ୍ରଦାନ ସରିଥିଲେ ମଧ୍ୟ ଏଯାବତ୍ ଏଦିଗରେ କେନ୍ଦ୍ର ରେଳମନ୍ତ୍ରୀ କିମ୍ବା ରେଳବୋର୍ଡ ପକ୍ଷ୍ୟରୁ ଅନ୍ୟୁନ୍ୟ ତିନିହଜାର କୋଟି ଟଙ୍କାର ଆର୍ଥିକ ଘୋଷାଣ ହୋଇନି। ପ୍ରକଳ୍ପର କାର୍ଯ୍ୟ କେବେ ଆରମ୍ଭ କରାଯିବ ଓ କେଉଁ ସଂସ୍ଥା କେବେ କାର୍ଯ୍ୟ କରିବ ଏନେଇ ଆନ୍ତରିକତା ନଦେଖାଇବା, ସୂଚନା ନଦେବା ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦ୍ର ରେଳମନ୍ତ୍ରୀ ଓ ରେଳବୋର୍ଡ ଅଧକ୍ଷଙ୍କୁ ପରିଷଦ ପକ୍ଷରୁ ସାକ୍ଷାତ୍ କରିବା, ଦାବିପତ୍ର ଦେବା ସତ୍ତ୍ୱେ ଏହି ନୂତନ ରେଳପଥ ପ୍ରତି ହେୟମନୋଭାବ, ଅବହେଳା ପ୍ରତିବାଦରେ ତିନି ଗୋଟି ଜିଲ୍ଲାର ସାଂସଦ, ବିଧାୟକ ଗଣ, ପୂର୍ବତନ ସାଂସଦ ଓ ବିଧାୟକ ଗଣ, ତ୍ରିସ୍ତରୀୟ ଜନପ୍ରତିନିଧି ଗଣ, ବୁଦ୍ଧିଜୀବୀ, ଆଇନଜୀବୀ, ରାଜନେତା, ସାମ୍ବାଦିକ ବନ୍ଧୁ, ସଚେତନ ଯୁବ, ଛାତ୍ର, ମାତୃ ଶକ୍ତି, ବ୍ୟବସାୟୀ ବନ୍ଧୁଗଣ, ସାମାଜିକ, ଆଧ୍ୟାତ୍ମିକ, ସାରସ୍ୱତ ବନ୍ଧୁ ମାନଙ୍କୁ ନେଇ ଆୟୋଜିତ ହେବାକୁ ଯାଉଥିବା ସର୍ବଦଳୀୟ ବୈଠକରେ ବହୁସଂଖ୍ୟାରେ ଯୋଗଦେବାକୁ ପରିଷଦର ସଂଯୋଜକ ପଦ୍ମାକର ଗୁରୁ ଓ ଆବାହକ ସନ୍ତୋଷ କୁମାର ନନ୍ଦ ମିଳିତ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ନାବାଳିକାକୁ ଦୁର୍ଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ୫ବର୍ଷ ଜେଲ୍

ଯାଜପୁର,୨୧।୮ (ସମିସ)

ନାବାଳିକାକୁ ଦୁର୍ଷ୍କର୍ମ କରିବା ଘଟଣାରେ ଗୁରୁବାର ଅଭିଯୁକ୍ତକୁ ୫ବର୍ଷ ଜେଲ ଓ ୧ହଜାର ଟଙ୍କା ଜରିମାନା କରି ରାୟ ପ୍ରକାଶ କରିଛନ୍ତି ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକ୍ସୋ ବିଚାରପତି। ଗତ ୨୦୧୮ ମସିହା ଜୁନ୍ ୬ ତାରିଖ ବଡଚଣା ଥାନାଞ୍ଚଳର ଜଣେ ୮ବର୍ଷିୟା ନାବାଳିକା ଘର ଆଗରେ ଖେଳୁଥିବା ବେଳେ ସେହି ଗ୍ରାମର କ୍ଷେତ୍ରବାସୀ ଓରଫ ରିଙ୍କୁ ମଲ୍ଲିକ (୨୮) ଚକଲେଟ୍ ଦେବା ବାହାନାରେ ତାକୁ ଡାକି ଜୋର ଜବରଦସ୍ତ ଗାଁ ପାଖ ଗୋଟିଏ ପୋଖରୀକୂଳକୁ ନେଇ ସେଠାରେ ପଦ୍ମଫୁଲ୍ ତୋଳିଥିଲା। ୨ଟି ପଦ୍ମଫୁଲ ନାବାଳିକାକୁ ଦେଇ ତାକୁ ବଳାତ୍କାର କରିବା ପାଇଁ ଉଦ୍ୟମ କରିବା ସମୟରେ ସେ ପାଟି କରିବାରୁ ତା'ର ମାଆ ଦୌଡିଆସିବା ଦେଖି ଅଭିଯୁକ୍ତ ଜଣକ ଦୌଡ଼ି ପଳାଇଯାଇଥିଲା। ଘଟଣା ବିଷୟରେ ନାବାଳିକା ତାଙ୍କ ମାଆକୁ କହିବାରୁ ଏନେଇ ସେ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଥାନା ଅଧିକାରୀ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୁରୁବାର ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୬ଜଣ ସାକ୍ଷୀଙ୍କ ସାକ୍ଷକୁ ଭିତିକରି ଅଭିଯୁକ୍ତ କ୍ଷେତ୍ରବାସୀ ଓରଫ ରିଙ୍କୁ ମଲ୍ଲିକକୁ ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକ୍ସୋ ବିଚାରପତି ଶରତ କୁମାର ଦେହୁରୀ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ହଜାର ଟଙ୍କା ଜରିମାନା କରି ରାୟ ପ୍ରକାଶ କରିଥିଲେ। ଏହି ଜରିମାନା ଅର୍ଥ ଅନାଦେୟରେ ଅଧିକ ୨ ମାସ ଜେଲ୍ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସ୍ୟୁକ୍ୟୁଟର ପାର୍ଥ ରାୟ ମାମଲାଟିକୁ ପରିଚାଳନା କରିଥିଲେ।

## ସ୍ତ୍ରୀକୁ ପଥରରେ ଛେଚି ହତ୍ୟାକଲା ସ୍ୱାମୀ

ବ୍ୟାସନଗର,୨୧।୮ (ସମିସ): ଯାଜପୁର ରୋଡ୍ ଆଦର୍ଶ ଥାନା ଅଧୀନ ବ୍ୟାସନଗର ପୌର ପରିଷଦର ୯ ନମ୍ବର ୱାର୍ଡସ୍ଥିତ ମୋରମସାହି ସ୍ଥିତ ତାରିଣୀ ସାହିରେ ଅଭାବନୀୟ ଘଟଣା ଘଟିଛି। ପରକ୍ରିୟାପ୍ରିତି ପାଇଁ ସ୍ତ୍ରୀକୁ ପଥରରେ ଛେଚି ହତ୍ୟା କରିଛି ସ୍ୱାମୀ। ଘଟଣାସ୍ଥଳରେ ଯାଜପୁର ରୋଡ୍ ପୁଲିସ ପହଞ୍ଚି ସ୍ୱାମୀକୁ ଗିରଫ କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଜାରୀ ରଖିଛି। ସୂଚନାନୁଯାୟୀ, ବ୍ୟାସନଗର ସହର ଅଧୀନ କୋର୍ଟ ପଛ ପଟେ ବିନାୟକ ବିହାର ତାରିଣୀ ସାହିରେ କିଷାନ ଦାସ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଦାସ ଏକ କୁଡ଼ିଆରେ ରହନ୍ତି। ଗତକାଲି ରାତିରେ ସେହି ଅଞ୍ଚଳର ଜଣେ ମହିଳାଙ୍କ ସହ କିଷାନଙ୍କୁ ଏକ ଘରେ ଅସଂଯତ ଅବସ୍ଥାରେ ଲକ୍ଷ୍ମୀ ଦେଖିଥିଲା। ଯାହାକୁ ନେଇ ଉଭଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କିନ୍ତୁ ଆଜି ସକାଳେ ଲକ୍ଷ୍ମୀ ହାଣ୍ଡିଆପଡ଼ାକୁ ଯାଇଥିବା ବେଳେ କିଷାନ ତାଙ୍କୁ ଘରକୁ ଡାକି ଆଣିଥିଲା। ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିବା ବେଳେ କିଷାନ ଉତ୍ୟକ୍ତ ହୋଇ ଲକ୍ଷ୍ମୀଙ୍କୁ ମାଙ୍କଡା ପଥରରେ ଛେଚି ଛେଚି ମାରିଦେଇଥିଲା ବୋଲି ସ୍ଥାନୀୟ ସାହି ଲୋକେ କହିଛନ୍ତି। ନିଜକୁ ବଞ୍ଚାଇବା ଉଦ୍ଦେଶ୍ୟରେ ଲକ୍ଷ୍ମୀଙ୍କ ବେକରେ ତଉଲିଆ ବାନ୍ଧି ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଥିବା ବେଳେ ସାହିର ଲୋକେ କିଷାନକୁ ଅଟକ ରଖି କାଉନସିଲରଙ୍କୁ ଜଣାଇଥିଲେ। କାଉନସିଲର ଯାଜପୁର ରୋଡ ପୁଲିସକୁ ଜଣାଇବାରୁ ଘଟଣାସ୍ଥଳରେ ପହଞ୍ଚି କିଷାନକୁ ଅଟକ ରଖିବାସହ ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ ଚଳାଇଛି। ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୁଲିସ ତଦନ୍ତ ଜାରିରଖିଛି ବୋଲି ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ମା' ବିରଜାଙ୍କ ଦୁର୍ଗୋତ୍ସବ ପାଇଁ ସେବାୟତ ପରିଷଦର ପ୍ରସ୍ତୁତି ବୈଠକ

ଯାଜପୁର,୨୧।୮ (ସମିସ)

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଚଳିତ ବର୍ଷ ଦୁର୍ଗୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅପରାହ୍ନରେ ମନ୍ଦିର ପରିସରର ନୂତନ ମଣ୍ଡପରେ ଅନୁଷ୍ଠିତ ହୋଇଛି। ମନ୍ଦିର ପ୍ରଶାସନର ମୁଖ୍ୟ ତଥା ଉପ-ଜିଲ୍ଲାପାଳ ତାପସ ରଂଜନ ଦେହୁରୀଙ୍କ ଅଧକ୍ଷତାରେ ବୈଠକରେ ମୁକ୍ତି ମଣ୍ଡପ ସେବାୟତ ପରିଷଦର ସମସ୍ତ ସେବାୟତ ଓ ପୁରୋଧା ଉପସ୍ଥିତ ଥିଲେ। ପୁରୋଧା ସରୋଜ କୁମାର ପତି ଦେବୀ ବନ୍ଦନା ପାଠ କରିବା ପରେ ସଭା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ମା' ବିରଜାଙ୍କ ଦୁର୍ଗୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ବିଭିନ୍ନ ବିଷୟ ଆଲୋଚନା କରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ଦେହୁରୀ ଚଳିତ ବର୍ଷ ପୂଜାରେ ସମସ୍ତ ସେବାୟତଙ୍କ ସହଯୋଗ କାମନା କରିବା ସହିତ ବୈଠକ ଆରମ୍ଭ କରିଥିଲେ। ପୂଜାରେ ଦାୟିତ୍ୱରେ ରହୁଥିବା ସମସ୍ତ ସେବାୟତ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିବା, ପୂଜା ପୂର୍ବରୁ ମନ୍ଦିରର ଗର୍ଭଗୃହ ରଙ୍ଗ କାର୍ଯ୍ୟ ସାରିବା, ପୂଜା ସମୟରେ ସମସ୍ତ ପୂଜା ସାମଗ୍ରୀ ଓ ନିତୀ ସାମଗ୍ରୀ ଭଣ୍ଡାର ଘରେ ରଖିବା, ପୂଜା ସମୟରେ ଭକ୍ତମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ମନ୍ଦିର ମଧ୍ୟରେ ପାନ ଘୁଟୁକା ବ୍ୟବହାର ନ କରିବା ଉପରେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଗଲା। ପରେ ସେବାୟତମାନଙ୍କ ତରଫରୁ ଆଲୋଚ୍ୟ ବିଷୟରେ ନୀତି ପାଇଁ ବ୍ୟବହୃତ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା, ପୁରୁଣା ସୁନା ଗହଣା ସଫା କରିବା, ନୂତନ ସୁନା ଗହଣା କ୍ରୟ କରିବା, କାଠ ଘର ସୁରକ୍ଷିତ ରଖିବା, ବ୍ରହ୍ମାକୁଣ୍ଡ ପରିଷ୍କାର କରିବା ସହିତ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଗଲା। ବୈଠକ ଶେଷରେ ମନ୍ଦିରର ସୁପରଭାଇଜର ଧନ୍ୟବାଦ ଅର୍ପଣ କରିବା ପରେ ସମସ୍ତ ସେବାୟତମାନଙ୍କ ସହିତ ମ୍ୟାନେଜିଂ ଟ୍ରଷ୍ଟି ମନ୍ଦିର ବୁଲି ସମସ୍ତ ଉନ୍ନତି କାର୍ଯ୍ୟ ଦେଖିବା ସହିତ ସେବାୟତମାନଙ୍କ ତରଫରୁ କିଛି ନୂତନ କାର୍ଯ୍ୟର ପ୍ରସ୍ତାବ ଗ୍ରହଣ କରିଥିଲେ। ଆଜିର ବୈଠକକୁ ସେବାୟତ ପରିଷଦର ସଭାପତି ଦେବୀପ୍ରସାଦ ପାଣି, କାର୍ଯ୍ୟକାରୀ ସଭାପତି ସୁକାନ୍ତ ପାଣି, ସମ୍ପାଦକ ସତ୍ୟନାରାୟଣ କର ପରିଚାଳନା କରିଥିବା ବେଳେ ସେବାୟତ ରଞ୍ଜନ ପାଣି, ହିମାଂଶୁ ଶେଖର ପାଣି, ନଳିନୀକାନ୍ତ ପାଣି, ଯୁବସଭାପତି ସତ୍ୟରଞ୍ଜନ ପାଣି, ରାମଚନ୍ଦ୍ର ପାଣି, ଧନଞ୍ଜୟ ପାଣି, ଗିରିଜା ପ୍ରସାଦ ପାଣି, ଅଭିମନ୍ୟୁ ପାଣି, ବିଷ୍ଣୁ ପାଣି (୨) ଜଗନ୍ନାଥ ପାଣି, ବଳରାମ ପାଣି, ଅନନ୍ତ କିଶୋର ପାଣି, ସୁନିଲ ପାଣି, ସୁରଜ ପାଣି, ସୁମିତ୍ ପାଣି, କୃପାସିନ୍ଧୁ ପାଣି, ଅଶୋକ ପାଣି, ଜଗନ୍ନାଥ ପାଣି (୨), ପଦୀପ ପାଣି, ଅବିନାଶ ପାଣି, ଦେବାଶିଷ ପାଣି (୨), ସୁବାଶିଷ ପାଣି, ବିକାଶ ପାଣି, ପ୍ରକାଶ ପାଣି, ହୃଦାନନ୍ଦ ପାଣି, ବିନୟ ପାଣି (୧), ବିନୟ ପାଣି (୨), ତାରିଣୀ ପ୍ରସାଦ ପାଣି, ଭବାନୀ ପ୍ରସାଦ ପାଣି, କୃପାସିନ୍ଧୁ ପାଣିଗ୍ରାହୀ, ରାମେଶ୍ୱର ପାଣିଗ୍ରାହୀ, ଅଜୟ କୁମାର ପାଣିଗ୍ରାହୀ, କମଳାକାନ୍ତ ପାଣିଗ୍ରାହୀ, ନଗେନ୍ଦ୍ର ଭୂଷଣ କର ଉପସ୍ଥିତ ଥିବା ବେଳେ ମନ୍ଦିରର ପୁରୋଧା ସରୋଜ କୁମାର ପତି, ପ୍ରତାପ କୁମାର ପତି, ବିରଜା କିଙ୍କର ପତିଙ୍କ ସମେତ ସମସ୍ତ ପୁରୋଧା ଉପସ୍ଥିତ ଥିଲେ। ମନ୍ଦିର କର୍ମଚାରୀ ସୁପରଭାଇଜର ସୁଧା ରଞ୍ଜନ ପଣ୍ଡା, ପ୍ରଭାତ କୁମାର ପତି, ମଳୟ କୁମାର ପଣ୍ଡା, ଚନ୍ଦନ ଦିକ୍ଷିତ୍ ପ୍ରମୁଖ ଉପସ୍ଥିତ ରହି ବୈଠକରେ ସହଯୋଗ କରିଥିଲେ।




## ଶ୍ରେଷ୍ଠ ଚିକିତ୍ସକ ଡା. ଜୟଦେବ ନନ୍ଦଙ୍କୁ ସୁକିନ୍ଦାରେ ସମ୍ବର୍ଦ୍ଧନା

ସୁକିନ୍ଦା,୨୧।୮ (ସମିସ): ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡ ତଥା ଭେଷଜ ବିଶେଷଜ୍ଞ ଡା. ଜୟଦେବ ନନ୍ଦଙ୍କୁ ଯାଜପୁର ଜିଲ୍ଲାର ଶ୍ରେଷ୍ଠ ଚିକିତ୍ସକ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ସ୍ୱାଧୀନତା ଦିବସ ଅବସରରେ 'ଆକୁଳି ଚରଣ ମେକଅପ୍' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ରୋଗୀସେବା ଓ ବିଭାଗୀୟ ଦାୟିତ୍ୱ କ୍ଷେତ୍ରରେ ସୁପରିଚାଳନା ପାଇଁ ଡା. ନନ୍ଦଙ୍କ ନାମ ଘୋଷଣା କରାଯାଇଥିଲା। ସ୍ୱାଧୀନତା ଦିବସର ଏକ ସ୍ୱତନ୍ତ୍ର ଉତ୍ସବରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଡା ନନ୍ଦଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ରୋଗୀ କଲ୍ୟାଣ ସମିତି ପକ୍ଷରୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଃ ନନ୍ଦଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ରୋଗୀ କଲ୍ୟାଣ ସମିତି ପକ୍ଷରୁ ବିମଳେନ୍ଦୁ ବେହୁରା, ସତ୍ୟଜିତ ଦାସ, ସନ୍ତୋଷ କୁମାର ମୁହୁଲି, ଶୁଭକାନ୍ତ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସି କାର୍ତ୍ତିକ ଚନ୍ଦ୍ର ସାମଲ, ପିଏଚ୍ଇଓ ରଶ୍ମିପ୍ରଭା ଖଟୁଆଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଶିଶୁମାନଙ୍କ ଅଧିକାରର ସୁରକ୍ଷାଠାରୁ ବଳି ଆଉ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିଛି ନାହିଁ।
-କୋଫି ଆନନ୍

## ଅନ୍‌ଲାଇନ୍ ଜୁଆକୁ ନା

ଭାରତରେ ଅନ୍‌ଲାଇନ୍ ମନି ଗେମ୍(କମ୍ପ୍ୟୁଟର, ସ୍ମାର୍ଟଫୋନ୍ ମାଧ୍ୟମରେ ଜୁଆ) ଖେଳକୁ ନିରୁତ୍ସାହିତ କରିବା ଲକ୍ଷ୍ୟରେ ଲୋକସଭାରେ ଗତ ବୁଧବାର ଆଗତ ପ୍ରୋମୋସନ୍ ଆଣ୍ଡ ରେଗୁଲେସନ୍ ଅଫ୍ ଅନ୍‌ଲାଇନ୍ ଗେମିଙ୍ଗ ବିଲ୍-୨୦୨୫ ବହୁମତରେ ପାରିତ ହୋଇଯାଇଛି। ବିଧେୟକରେ ଥିବା ପ୍ରାବଧାନ ଅନୁଯାୟୀ, ଆଇନ୍ ଉଲ୍ଲଙ୍ଘନକାରୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ କିମ୍ବା ୧ କୋଟି ଟଙ୍କା ଜୋରିମାନା କିମ୍ବା ଉଭୟ ଭୋଗିବାକୁ ପଡ଼ିପାରେ। ଏହି ବିଧେୟକ ସହିତ ଆମ ସାମାଜିକ ବ୍ୟବସ୍ଥାକୁ ବିପୁଳ କ୍ଷତିଗ୍ରସ୍ତ କରୁଥିବା ଏକ ଅଦୃଶ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ଆଶା ସଞ୍ଚାର ହୋଇଛି। କ୍ଷଣିକେ ଅଜସ୍ର ଅର୍ଥର ଅଧିକାରୀ ହେବାର ଲୋଭ 'ଜୁଆ' ଭଳି ଏକ ସାମାଜିକ ବ୍ୟାଧିକୁ ଜନ୍ମ ଦେଇଥିବା ବେଳେ ଏବେ ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତି ଯୁଗରେ ଏହାର ସ୍ୱରୂପ ଆହୁରି ଉନ୍ନତ, ପ୍ରଶସ୍ତ ଓ ଭୟଙ୍କର ହୋଇଛି। ଏବେ ଘରେ ବସି ବିଶ୍ୱର ଯେକୌଣସି ସ୍ଥାନରେ ଜୁଆ ଖେଳାଯାଇପାରୁଛି। ଏହାର ବଜାର ଏତେ ବ୍ୟାପକ ଯେ କୌଣସି ଗୋଟିଏ ସରକାରୀ ସଂସ୍ଥା ଏହାକୁ ନିୟନ୍ତ୍ରଣ କରିପାରିବା ସମ୍ଭବ ନୁହେଁ। ଅପରପକ୍ଷରେ ଏହି କ୍ଷଣିକ ଲୋଭର ଶିକାର ହୋଇ ସର୍ବସ୍ୱାନ୍ତ ହେଉଛନ୍ତି ଦେଶର ଯୁବପିଢ଼ି। ତେଣୁ ଅନ୍‌ଲାଇନ୍ ଜୁଆକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ଏକ କଠୋର ଆଇନ ପ୍ରଣୟନ ସପକ୍ଷରେ ବହୁବର୍ଷ ତଳୁ ମତ ପ୍ରକାଶ ପାଇ ଆସୁଥିଲା।

ଅନ୍‌ଲାଇନ୍ ଗେମ୍‌ର ଆବୃତି ସହିତ ଏହାର ପରିସର ବୃଦ୍ଧି କେବଳ ବ୍ୟକ୍ତିଗତ ଆର୍ଥିକ କ୍ଷତି ନୁହେଁ, ବରଂ ଜାତୀୟ ବିପତ୍ତି ମଧ୍ୟ ସୃଷ୍ଟି କରୁଛି। ବିଶେଷକରି ଭାରତର ଭଳି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ବିଶାଳ ଭୂଖଣ୍ଡରେ ଅନ୍‌ଲାଇନ୍ ଗେମ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଭଳି ଜୁଆ ସଂସ୍ଥାର ପ୍ରତିଷ୍ଠା ଓ ପରିଚାଳନା ଉପରେ ଆଇନତଃ ଅଙ୍କୁଶ ନଥିବାରୁ ଦିନକୁ ଦିନ ଏମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଲୋଭନୀୟ ବିଜ୍ଞାପନରେ ଆକୃଷ୍ଟ ହୋଇ ଏହାର ମାୟାଜାଲ୍‌ରେ ଯୁବପିଢ଼ି ଫସି ଯାଉଛନ୍ତି। ପ୍ରଥମେ କେବଳ ମାମୁଲି ଆର୍ଥିକ ଖେଳ ବା ଜୁଆରୁ ଆରମ୍ଭ ହୋଇଥିବା ଏହି ଅନ୍‌ଲାଇନ୍ ଗେମ୍ ସଂସ୍ଥାଗୁଡ଼ିକ ପରବର୍ତ୍ତୀ ସମୟରେ କ୍ରିପ୍ଟୋକରେନ୍ସି କାରବାର, ହାୱାଲା ବା କଳାଧନ କାରବାର, ଆତଙ୍କବାଦୀ ସଂଗଠନକୁ ଅର୍ଥଚାଳାଣର ମାଧ୍ୟମ ହୋଇ ବିପୁଳ ଲାଭ କରୁଛନ୍ତି।



ଅନ୍‌ଲାଇନ୍ ଗେମ୍‌ର ବିଡ଼ମ୍ବନା ହେଉଛି ଏଥିରେ କେବଳ ସମ୍ପୃକ୍ତ ସଂସ୍ଥା ଲାଭବାନ ହେଉନାହାନ୍ତି, ବରଂ ଜିଏସ୍‌ଟି ବାବଦରେ ରାଜକୋଷ ମଧ୍ୟ ସମୃଦ୍ଧ ହେଉଛି। ଭାରତୀୟ ରାଜକୋଷକୁ ଅନ୍‌ଲାଇନ୍ ଗେମ୍‌ର ଅବଦାନ ବାର୍ଷିକ ପ୍ରାୟ ୨୦ ହଜାର କୋଟି ଟଙ୍କା, ଯାହା ବାର୍ଷିକ ୪୦୦ ପ୍ରତିଶତରୁ ଅଧିକ ହାରରେ ବଢ଼ୁଛି। ପ୍ରାୟ ୨ ଲକ୍ଷ କୋଟି ଟଙ୍କାର କାରବାର କରୁଥିବା ଏହି କ୍ଷେତ୍ରକୁ ଏବେ ଉଦୀୟମାନ ଶିଳ୍ପର ମାନ୍ୟତା ଦିଆଯାଇଛି ଏବଂ ଏକାଧିକ ଶିଳ୍ପ ସଂଘ ମଧ୍ୟ ଜନ୍ମ ନେଇଛନ୍ତି। ଏହି ଶିଳ୍ପର ଉତ୍ପାଦ ବା ଜୁଆ କାରବାର ଉପରେ ୨୮% ଜିଏସ୍‌ଟି ଧାର୍ଯ୍ୟ ହୋଇଛି। ତେଣୁ ଆଖି ସାମ୍ନାରେ ଏଭଳି ଅବୈଧ ଜୁଆ ଚାଲିଥିଲେ ମଧ୍ୟ ସରକାର ଏକପ୍ରକାର ନିରବଦ୍ରଷ୍ଟା ଥିଲେ।

ରାଜକୋଷକୁ ପ୍ରତ୍ୟକ୍ଷ ପ୍ରବାହଠାରୁ ଅର୍ଥନୀତି ପ୍ରତି ଏହାର ପରୋକ୍ଷ କ୍ଷତିର ପରିମାଣ କାହିଁ କେତେ ଅଧିକ ହେଉଥିବା ଗଣନାରୁ ଜଣାପଡ଼ିବା ପରେ ସରକାର ଏବେ ତତ୍ପର ହୋଇଛନ୍ତି ଏବଂ ଅନ୍‌ଲାଇନ୍ ଗେମ୍‌କୁ ଦେଶରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଭାରତରେ ଅନ୍‌ଲାଇନ୍ ଗେମ୍ ସମ୍ପୂର୍ଣ୍ଣ ନିଷେଧ ହେଲେ ରାଜକୋଷ ଉପରେ ତତ୍କାଳ କିଛିଟା ପ୍ରଭାବ ପଡ଼ିପାରେ; କିନ୍ତୁ ଦୀର୍ଘମିଆଦୀ ଦୃଷ୍ଟିରୁ ଅର୍ଥନୀତି ପ୍ରତି ହିତକର ହେବ। ସେହିପରି ଅନ୍‌ଲାଇନ୍ ଗେମ୍ ବନ୍ଦ ହେଲେ ଏ କ୍ଷେତ୍ରରେ ନିୟୋଜିତ ପ୍ରାୟ ୨ ଲକ୍ଷ ଲୋକ ଜୀବିକା ହରାଇବେ ବୋଲି ଅଭିଯୋଗ ହେଉଛି। କିନ୍ତୁ ଏହାଦ୍ୱାରା ଯେ ୪୫ କୋଟି ଲୋକ ବର୍ଷକୁ ପ୍ରାୟ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି ତାହାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ।

ସମାଜ ଓ ପରିବାର ଉପରେ ଅନ୍‌ଲାଇନ୍ ଗେମ୍‌ର ପ୍ରଭାବ ବହୁମୁଖୀ। ବିଶେଷକରି ଦେଶର ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ି ଉପରେ ଏହାର ନକାରାତ୍ମକ ପ୍ରଭାବ ବଢ଼ିବାରେ ଲାଗିଛି। ଅନ୍‌ଲାଇନ୍ ଗେମ୍‌ରେ ସଫଳତା ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ, ଗବେଷଣା ପ୍ରତି ଅମନଯୋଗୀ କରୁଛି। ଯଦି ମାତ୍ର ୪୯ ଟଙ୍କା ଜମା କରି କ୍ରିକେଟ୍ ଟିମ୍‌ରେ ଖେଳାଳି ବାଛି ରାତାରାତି ଜଣେ କୋଟିପତି ହୋଇଯାଉଛି ସେ ପାଠ ପଢ଼ି ରୋଜଗାର ପନ୍ଥା ଖୋଜିବ କାହିଁକି? ଅନ୍‌ଲାଇନ୍ ଗେମ୍ ଏକ ଶ୍ରମକାତର ଶ୍ରେଣୀ ଓ ସମାଜ ସୃଷ୍ଟି କରୁଛି, ଯାହା ଦେଶର ଅର୍ଥନୀତିକୁ ସ୍ଥାଣୁ କରିଦେଉଛି। ଅରପପକ୍ଷରେ ଅନ୍‌ଲାଇନ୍ ଗେମ୍‌ରେ ବାରମ୍ବାର ବିଫଳତା ନିରାଶା, ହାତାଶା, ଅବସାଦ ଏପରିକି ଆତ୍ମହତ୍ୟାପ୍ରବଣତା ମଧ୍ୟ ସୃଷ୍ଟି କରୁଛି। ତେଣୁ ଏହାର ନିଷେଧ ସର୍ବାଦୌ ଆବଶ୍ୟକ ଏବଂ ତତ୍ସଂକ୍ରାନ୍ତୀୟ ଆଇନ ଏକ ଅପରିହାର୍ଯ୍ୟ ଆବଶ୍ୟକତା।

## ପଶୁ-ମାନବାଧିକାରର ଦ୍ୱନ୍ଦ୍ୱ

ପ୍ରମୋଦ ଧଳ

ବଲାଙ୍ଗୀରର ଚିଞ୍ଚେଡ଼ ଗ୍ରାମରେ କୁକୁର କାମୁଡ଼ାରେ ପାଞ୍ଚଟି ଛେଳି ଓ ଦୁଇଜଣ ମଣିଷଙ୍କ ମୃତ୍ୟୁ ଖବର ଖବରକାଗଜରେ ପଢ଼ି ନିକଟରେ ବୁଲାକୁକୁରଙ୍କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ତଥାକଥିତ ପଶୁପ୍ରେମୀଙ୍କ ସେ ରାୟ ବିରୁଦ୍ଧରେ ପ୍ଲାକାର୍ଡ ଧରି ପ୍ରତିବାଦ କରୁଥିବା ଦୃଶ୍ୟ ଦେଖି ପିଲାବେଳ କିଛିକଥା ମନେପଡ଼ିଲା। ସ୍କୁଲ ମାଷ୍ଟ୍ରେ କହୁଥିଲେ, 'ଜୀବନରେ ଯାହା କରିବ ୧୦୦ ପ୍ରତିଶତ କରିବ। ତେବେ ଯାଇ ବଡ଼ ମଣିଷ ହେବ।' ବୋଧେ ଆମ ପଶୁପ୍ରେମୀମାନେ ମାଷ୍ଟରଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି ଆଜି। ୧୦୦ ପ୍ରତିଶତ ପଶୁ ପ୍ରେମୀ ଭାବେ ସେମାନଙ୍କ ଦାବି ଯେ ବୁଲାକୁକୁରମାନେ ଲୋକମାନଙ୍କୁ ଆକ୍ରମଣ କରି ମାରିଦିଅନ୍ତୁ ପଛେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ। କିନ୍ତୁ ସବୁକଥାକୁ କ'ଣ ଏକପାଖିଆ ଦେଖି ବିଚାର କରାଯାଏ? ସେଥିରେ ପୁଣି ଗୋଟିଏ ମଝିମଝିଆ ନିର୍ଯାସ ବାହାରେ ନା ନାହିଁ?

ପ୍ରକୃତିର ନିୟମ ହେଲା ପୃଥିବୀପୃଷ୍ଠରୁ ଯଦି ଗୋଟିଏ ମାତ୍ର ପ୍ରାଣୀ ବିଲୁପ୍ତ ହୋଇଯାଏ ତେବେ ସନ୍ତୁଳନ ବିଗିଡ଼ି ଯାଏ। ଯେମିତି ଯଦି ସବୁ ସାପଙ୍କୁ ମାରିଦିଆଯାଏ ତେବେ ଚିନ୍ତାକରନ୍ତୁ ମୂଷା ବେଙ୍ଗ ଇତ୍ୟାଦିଙ୍କ ସଂଖ୍ୟା ଏତେମାତ୍ରାରେ ବଢ଼ିଯିବ ଯେ ମଣିଷ ବଞ୍ଚିବା କଷ୍ଟକର ହୋଇଯିବ। ଅତୀତରେ ବିହାରରେ ବାଘ ସଂଖ୍ୟା ଲୋପ ପାଇବା ଯୋଗୁଁ ଗୋଟିଏ ଅଞ୍ଚଳରେ ନୀଳ ଗାଈ ସଂଖ୍ୟା ଏତେ ମାତ୍ରାରେ ବଢ଼ିଗଲା ଯେ ଚାଷବାସ ସମ୍ଭବ ହେଲାନାହିଁ। ତେଣୁ ସରକାର ନୀଳଗାଈମାନଙ୍କୁ କିଛିସଂଖ୍ୟାରେ ନିପାତ କରିବାକୁ ଆଦେଶ ଦେଇଥିଲେ। ପରିବେଶଗତ ସନ୍ତୁଳନ ଏକ ଗୁରୁତ୍ୱପୂର୍ଣ୍ଣ ଧାରଣା, ଯାହା ମଣିଷ ସମେତ ଜୀବଜନ୍ତୁ ଏବଂ ସେମାନେ ରହୁଥିବା ପରିବେଶ ମଧ୍ୟରେ ଆନ୍ତଃସମ୍ପର୍କକୁ ଗ୍ରହଣ କରେ। ପରିବେଶଗତ ସନ୍ତୁଳନ କହିଲେ ଗୋଟିଏ ପରିବେଶ ମଧ୍ୟରେ ସନ୍ତୁଳନର ଅବସ୍ଥାକୁ ବୁଝାଏ, ଯେଉଁଠାରେ ବିଭିନ୍ନ ଜୀବଜନ୍ତୁ ସମନ୍ୱୟରେ ସହାବସ୍ଥାନ କରନ୍ତି ଏବଂ ସମୟ ସହିତ ସେମାନଙ୍କର ଜନସଂଖ୍ୟା ସ୍ଥିର ରହିବାକୁ ନିଶ୍ଚିତ କରନ୍ତି।

ମଣିଷମାନଙ୍କ ଜନବସତି ଚାରିପାଖରେ ଏହି ବୁଲା କୁକୁରମାନଙ୍କ ଆବଶ୍ୟକତା ବହୁତ ଅଛି। କାରଣ ସେମାନେ ଭଲ ପ୍ରାକୃତିକ ସ୍କାଭେଞ୍ଜର (ଆବର୍ଜନା ସଫାକାରୀ ପଶୁ), ଯାହାଙ୍କ ବିନା ପରିବେଶ ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ତେଣୁ ସବୁବେଳେ ସରକାରଙ୍କ ତରଫରୁ ନିୟନ୍ତ୍ରିତ ବନ୍ଧ୍ୟାକରଣ ପଦ୍ଧତି ଗ୍ରହଣ କରିବାକୁ ପଡ଼ିବ ଏବଂ ଜଳାତଙ୍କ ରୋଗରେ ପୀଡ଼ିତ ବୁଲାକୁକୁରମାନଙ୍କୁ ମାରିଦେବାର ପ୍ରାବଧାନକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ। ଯେତେବେଳେ ମଣିଷ ଜୀବନକୁ ବିପଦ ଆସେ କିଛି ସନ୍ତୁଳିତ ନିୟମକୁ ମଧ୍ୟ ଆମ ପଶୁପ୍ରେମୀମାନଙ୍କୁ ଗ୍ରହଣ କରିବାକୁ ପଡ଼ିବ। କେବଳ ଏକପାଖିଆ ବିଚାର କରି ୧୦୦ ପଶୁପ୍ରେମୀ ହୋଇ ପ୍ଲାକାର୍ଡ ଧରି ପଦଯାତ୍ରା କଲେ ଖବରକାଗଜରେ କେବଳ ଫଟୋ ବାହାରି ପାରେ; କିନ୍ତୁ ସମାଜର ଲାଭ କେବେ ହୋଇପାରିବ ନାହି।

୨୦୧୯ ପ୍ରାଣୀଧନ ଗଣନାରୁ ଜଣାପଡ଼ିଛି ଯେ ଓଡ଼ିଶାରେ ୧୭.୩୪ ଲକ୍ଷ ବୁଲା କୁକୁର ଅଛନ୍ତି, ଯାହା ଭାରତରେ ରାଜ୍ୟୱାରୀ ଦ୍ୱିତୀୟ ସର୍ବାଧିକ। ଓଡ଼ିଶାରେ ପ୍ରତି ୧୦୦୦ ଲୋକଙ୍କ ଭିତରେ ପ୍ରାୟ ୩୯-୪୦ କୁକୁର ଅଛନ୍ତି। ଏହାର ଅର୍ଥ ହେଉଛି ଆପଣ ପ୍ରତି ୨୫ ଜଣଙ୍କ ଭିତରେ ଗୋଟିଏ ବୁଲା କୁକୁର ଦେଖିପାରନ୍ତି। ସାରା ରାଜ୍ୟରେ କୁକୁର କାମୁଡ଼ା ଘଟଣା ବୃଦ୍ଧି ପାଇବା ସହିତ ଓଡ଼ିଶା ଏକ ବଢ଼ୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେଉଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁଯାୟୀ, ଗତ ଛଅ ମାସରେ ପ୍ରାୟ ୧.୫ ଲକ୍ଷ କୁକୁର କାମୁଡ଼ା ମାମଲା ରିପୋର୍ଟ ହୋଇଛି, ଯାହା ପ୍ରତି ମାସରେ ହାରାହାରି ୨୦, ୦୦୦ ରୁ ୩୦, ୦୦୦। ଏହି ଚିନ୍ତାଜନକ ଧାରା ଜନବସତି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।

ନିକଟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏକ ଆଦେଶରୁ ଏହି ବିବାଦ ଉପୁଜିଥିଲା। ଗତ ଜୁଲାଇ ୨୮ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ 'ଟାଇମ୍ସ ଅଫ୍ ଇଣ୍ଡିଆ'ର ଦିଲ୍ଲୀ ସଂସ୍କରଣରେ ପ୍ରକାଶିତ 'ସିଟି ହାଉଣ୍ଡେଡ୍ ବାଇ ଷ୍ଟ୍ରେସ୍, କିଡ୍‌ସ ପେ ପ୍ରାଇସ' ଶୀର୍ଷକ ଏକ ଖବରକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜ ଆଡୁ ଏ ସଂକ୍ରାନ୍ତୀୟ ବିଚାର କରିଥିଲେ। ଖଣ୍ଡପୀଠ ଉଲ୍ଲେଖ କରିଥିଲେ ଯେ ଏହି ଖବରରେ 'ଅତ୍ୟନ୍ତ ବିଚଳିତକାରୀ ଓ ଚିନ୍ତାଜନକ' ସଂଖ୍ୟା ଓ ତଥ୍ୟ ରହିଛି। ସାମ୍ବାଦିକ କୌଶିକି ସାହାଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟରେ ଦିଲ୍ଲୀର ପୁଠ୍ କଲାନରେ ଜଣେ ଛଅବର୍ଷୀୟ ବାଳିକା ଚାଭି ଶର୍ମାଙ୍କ କୁକୁର କାମୁଡ଼ାରେ ପ୍ରାଣ ହରାଇଥିବା ବିଷୟ ଉଲ୍ଲେଖ ଥିଲା। ଉକ୍ତ ଘଟଣା ନାଗରିକମାନଙ୍କ ମନରେ କ୍ରୋଧ ସୃଷ୍ଟି କରିଥିଲା। କାମୁଡ଼ା କୁକୁରମାନଙ୍କ ବିଷୟରେ ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜନଜୀବନ ବିପନ୍ନ ହୋଇପଡ଼ୁଛି ବୋଲି ଜନତା କ୍ଷୋଭ ପ୍ରକାଶ କରିଥିଲେ। ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ଯେ ଦେଶରେ ବର୍ଷକୁ ହାରାହାରି ୨୦, ୦୦୦ କୁକୁର କାମୁଡ଼ା ମାମଲା ରେକର୍ଡ ହୋଇଛି, ଯାହା ମଧ୍ୟରୁ ପ୍ରତିଦିନ ହାରାହାରି ୨୦୦୦ ଘଟଣା ଦିଲ୍ଲୀରେ ଘଟୁଛି। ସମାନ ଏକ ଘଟଣାରେ ଗତ ଜୁଲାଇ ୨୩ ତାରିଖରେ ଦିଲ୍ଲୀର ଆଲିପୁର ଅଞ୍ଚଳରେ ଏକ ଚାରିବର୍ଷର ବାଳକ ଅଭିଷେକ ରାୟ ଅଙ୍ଗନବାଡ଼ିରୁ ଫେରୁଥିବା ସମୟରେ ବୁଲା କୁକୁରଙ୍କ ଏକ ଦଳ ଆକ୍ରମଣ କରିଥିଲା। କୁକୁରମାନେ ତାଙ୍କ ମୁହଁକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଅଧିବାସୀ ଓ ପଥଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ଦିଲ୍ଲୀରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଏପରି ବଢ଼ିଯାଇଛି ଯେ ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ଖେଳିବାକୁ ଛାଡ଼ିବା ପାଇଁ ଆଶଙ୍କା ପ୍ରକାଶ କରୁଥିବା ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଏହି ସବୁ ଖବର ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନେ ତୁରନ୍ତ ସ୍ଥାନୀୟ ଅଞ୍ଚଳରୁ ବୁଲା କୁକୁରମାନଙ୍କୁ ହଟାଇ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ଆରମ୍ଭ କରନ୍ତୁ।

ଏହାପରେ ସାରା ଦେଶରେ ତଥାକଥିତ ପଶୁପ୍ରେମୀମାନେ ତୁମ୍ବିତୋଫାନ ଆରମ୍ଭ କରିଦେଲେ। ପଶୁପ୍ରେମୀମାନେ ସବୁକଥାକୁ ଏକପାଖିଆ ଭାବେ ବିଚାର କରୁଥିବା ଅଭିଯୋଗ ହୁଏ। ଯଦିଓ ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ-୧୯୬୦ର ଧାରା ୩୮ ଅନୁଯାୟୀ ବୁଲା କୁକୁରମାନଙ୍କୁ ସୁରକ୍ଷା ଦିଆଯାଇଛି, ତଥାପି ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୧୧ (୧)କ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କୁ ଯେକୌଣସି ସମସ୍ୟାପୂର୍ଣ୍ଣ ବନ୍ୟପ୍ରାଣୀଙ୍କୁ କେବଳ ଯଦି ଧରାଯାଇପାରିବ, ଟ୍ରାଙ୍କୁଲାଇଜ୍ କରାଯାଇପାରିବ ନାହିଁ କିମ୍ବା ସ୍ଥାନାନ୍ତର କରାଯାଇପାରିବ ନାହିଁ ତେବେ ଶିକାର କରିବାକୁ ଅନୁମତି ଦେବାକୁ ଅଧିକାର ଦେଇଥାଏ। ସେହିପରି ଆଇନର ଧାରା ୬୨ କେନ୍ଦ୍ର ସରକାରଙ୍କୁ ସୂଚୀ୧, ସୂଚୀ ୨ ବ୍ୟତୀତ ଅନ୍ୟ ବନ୍ୟପ୍ରାଣୀମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ସମୟ ପାଇଁ ଭରମିନ ବା କୀଟ ଘୋଷଣା କରି ଯେକୌଣସି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁମତି ଦେଇଥାଏ। ସାମ୍ପ୍ରତିକ ଉଦାହରଣ ହେଉଛି ବିହାର ଓ ମହାରାଷ୍ଟ୍ରର ନୀଳଗାଇ, ହିମାଚଳ ପ୍ରଦେଶର ରେସସ୍ ମାକାକ୍। ବନ୍ୟ ଘୁଷୁରୀମାନଙ୍କ ଉପଦ୍ରବରୁ ରକ୍ଷା ପାଇଁ ସେମାନଙ୍କୁ ହତ୍ୟାକରିବାକୁ ପରିବେଶ ମନ୍ତ୍ରଣାଳୟ ସମ୍ପ୍ରତି ରାଜ୍ୟଗୁଡ଼ିକୁ ୧୯୭୨ର ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ 'କୀଟ' ଭାବରେ ଘୋଷଣା କରିବାକୁ ଅନୁମତି ଦେଇଥିଲା। ଏହାଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ବିନା ଶିକାରୀମାନଙ୍କୁ ଶିକାର କରିବାକୁ ଅନୁମତି ଦିଆଯାଇଥିଲା। ଏହା କିଛି ନୂଆ ନୁହେଁ, ଆମେରିକାରେ ମଧ୍ୟ କିଛି ଅଞ୍ଚଳରେ ଖାଦ୍ୟଶୃଙ୍ଖଳ ବଜାୟ ରଖିବା ପାଇଁ ଋତୁକାଳୀନ ବୈଧ ଶିକାର ଆବଶ୍ୟକ ହୋଇଥାଏ। ଅଷ୍ଟ୍ରେଲିୟା ଓ ଆଫ୍ରିକାର କିଛି ଅଂଶରେ ଏଭଳି ବୈଧଶିକାର ବାଣିଜ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି।

ନିୟନ୍ତ୍ରିତ ବନ୍ଧ୍ୟାକରଣ ପଦ୍ଧତିରେ ବୁଲାକୁକୁର ସଂଖ୍ୟାକୁ ସୀମିତ ରଖି ସାଧାରଣ ଜନଜୀବନକୁ ସୁରକ୍ଷା ଦେବା ସରକାରଙ୍କ ଦାୟିତ୍ୱ। ସରକାରଙ୍କ ଏହି ଦାୟିତ୍ୱ ତୁଲାଇବାରେ ପଶୁପ୍ରେମୀମାନଙ୍କ ସହିତ ଆମ ସମସ୍ତଙ୍କୁ ଏ ଦିଗରେ ସରକାରଙ୍କୁ ସହଯୋଗ କରିବାକୁ ହେବ।

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

## ଅବକ୍ଷୟମୁଖୀ ଚିଲିକା

ଦୀନବନ୍ଧୁ ଅଧିକାରୀ

ଚିଲିକା ଏସିଆ ମହାଦେଶର ସର୍ବବୃହତ କ୍ଷାରୀୟ ହ୍ରଦ। ଏହା ଅବିଭକ୍ତ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଦ୍ୱାରା ପରିବେଷ୍ଟିତ। ୫୨ ଗୋଟି ଛୋଟବଡ଼ ନଦୀନାଳ ଚିଲିକାରେ ମିଶିଛନ୍ତି। ୧୪୨ ଖଣ୍ଡ ମତ୍ସ୍ୟଜୀବୀ ଗ୍ରାମବାସୀ ଚିଲିକା ଉପରେ ନିର୍ଭର କରନ୍ତି। ଏହି ମତ୍ସ୍ୟଜୀବୀମାନେ ହେଲେ ଦଳିତ ଓ ଚାଷ ଜମି ବିହୀନ ମଣିଷ। ଚିଲିକା ହେଲା ମତ୍ସ୍ୟଜୀବୀଙ୍କର ଭାତହାଣ୍ଡି। ଅର୍ଥ ବ୍ୟବସ୍ଥାରେ ପ୍ରାୟ ସମସ୍ତେ ଦାରିଦ୍ର ସୀମା ରେଖା ତଳେ ତାଲିକାଭୁକ୍ତ। ସରକାରୀ ଚାଉଳ ସହାୟତାରେ ନିର୍ଭରଶୀଳ।

ଚିଲିକା ଆୟତନ ବର୍ଷାଦିନେ ୧୧୬୫ ବର୍ଗଫୁଟ ଏବଂ ଖରାଦିନରେ ୯୦୫ ବର୍ଗଫୁଟ। ଏହାର ଦୈର୍ଘ୍ୟ ୬୪.୩ କି.ମି ଏବଂ ସର୍ବାଧିକ ପ୍ରସ୍ଥ ୧୮ କି.ମି। ଏହାର ଲବଣାକ୍ତ ୦.୩୭% ରୁ ୧୦.୮୭%। ପାଣିର ଫୋଟସିନ୍ଥେସିସ୍ ମାତ୍ର ୫-୬ ଅମ୍ଳଯୁକ୍ତ। ଦ୍ରବୀଭୂତ ଅମ୍ଳଜାନର ମାତ୍ରା କମିଯାଇ ଲିଟର ପିଛା ୩-୪ ମି.ଗ୍ରା। ଏହା ଦୁଇଟି ନାଳ ଦ୍ୱାରା ସମୁଦ୍ର ସହ ସଂଯୋଗ ଅଛି। ଗୋଟିଏ ପାଲୁର କେନାଲ ଓ ଅନ୍ୟଟି ମଗରମୁଖ। ଚିଲିକାରେ ଶୀତଦିନରେ ପ୍ରାୟ ୧୦ ଲକ୍ଷ ପକ୍ଷୀ ସମାଗମ ହୁଅନ୍ତି ଏବଂ ୨୨୫ ପ୍ରକାରର ପକ୍ଷୀ ଦେଖାଯା'ନ୍ତି। ପ୍ରାୟ ୨୬୦ ପ୍ରକାରର ମାଛ, ୩୭ ପ୍ରକାରର ସରୀସୃପ ଏବଂ ୧୮ ପ୍ରକାରର ଜଳଜୀବ ଚିଲିକାରେ ପରିଦୃଷ୍ଟ ହୁଏ। ତେଣୁ ଚିଲିକାକୁ ଜୈବ ବିବିଧତାର କେନ୍ଦ୍ରସ୍ଥଳ କୁହାଯାଏ।



ଚିଲିକା ପଟୁମାଟିରେ ପୋତି ହୋଇଗଲାଣି। ପ୍ଲାଷ୍ଟିକ, ଜାଲ, ଜରି ଓ ଯନ୍ତ୍ରଚାଳିତ ଡଙ୍ଗା ଏହାର ଜଳକୁ ପ୍ରଦୂଷିତ କରୁଛି। ବେଆଇନ ଚିଙ୍ଗୁଡ଼ି ଚାଷ ଦ୍ୱାରା ଚିଲିକାର ପାଣି ବିଷାକ୍ତ ହେଉଛି। ବିଶ୍ୱ ତାପମାତ୍ରାର ବୃଦ୍ଧି, ଜଳବାୟୁର ପରିବର୍ତ୍ତନ ଓ ପ୍ରଦୂଷଣ ଜୀବଜଗତ ଉପରେ କୁପ୍ରଭାବ ପକାଉଛି। ଚିଲିକାର ମତ୍ସ୍ୟବଂଶ ବିଲୋପ ଘଟିବାକୁ ଲାଗିଲାଣି। ସଘନ ଓ ଅର୍ଦ୍ଧସଘନ ମତ୍ସ୍ୟଚାଷ ଦ୍ୱାରା ପରିବେଶ ଉପରେ କଳାଛାଇ ଘୋଟିଲାଣି।

୧୯୮୧ ମସିହାରେ ରାମ୍‌ସାର ସାଇଟ୍‌ରେ ଚିଲିକା ସ୍ଥାନ ପାଇଛି। ଏଥିପାଇଁ ଏହାର ରକ୍ଷଣାବେକ୍ଷଣ ପାଇଁ ଓଡ଼ିଶା ସରକାର ୧୯୮୨ରେ ସିଡିଏ ବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଥିଲେ। କିନ୍ତୁ ସିଡିଏ ଲକ୍ଷ୍ୟଚ୍ୟୁତ ହୋଇଥିବା ଅଭିଯୋଗ ହେଉଛି।

ସଂପ୍ରତି ସରକାର ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ୭ କି.ମି ସେତୁ ନିର୍ମାଣ ପାଇଁ ଚିନ୍ତା କରୁଛନ୍ତି। ଯାହାଫଳରେ କି ସମୁଦ୍ରରୁ ଚିଲିକା ଯାଆଁଳ ପ୍ରବେଶର ବାଧାସୃଷ୍ଟି ହେବ। ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବ। ଉପକୂଳ ପରିଚାଳନା ଅଞ୍ଚଳ ଆଇନର ଏହା ବିରୋଧ କରୁଛି। ପରିବେଶ(ସୁରକ୍ଷା) ଆଇନ ୧୯୮୬, ବାୟୁ(ପ୍ରଦୂଷଣ ନିୟନ୍ତ୍ରଣ ଓ ନିବାରଣ ଆଇନ୧୯୮୧ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। ସର୍ବୋପରି ସମ୍ବିଧାନ ଧାରା ୫୧ (ଏ) ଜି) ଉଲଙ୍ଘନ କରୁଛି।

ଜଙ୍ଗଲ, ହ୍ରଦ, ନଦୀ ଏବଂ ଜୀବଜନ୍ତୁଙ୍କ ସହିତ ପାକୃତିକ ପରିବେଶ ସୁରକ୍ଷା ଓ ଉନ୍ନତି, ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ। ଏହିସବୁ ଆଇନକୁ ଅସ୍ତ୍ର କରି ଚିଲିକାର ସୁରକ୍ଷା ହୋଇପାରିବ। ଚିଲିକା ମତ୍ସ୍ୟଜୀବୀଙ୍କ ଯାଗାକୁ ଦଳିତ ନିର୍ଯାତନା ଆଇନ ଦ୍ୱାରା ସୁରକ୍ଷା ଦିଆଯାଇପାରିବ। ଓଡ଼ିଶା ସରକାର ୨୦୧୭ରେ ଏକ ବିଲ ଆଣିଥିଲେ। ତାହା 'ଓଡ଼ିଶା ରେଗୁଲେସନ୍ ଅଫ୍ ଫିସିଙ୍ଗ ଆଣ୍ଡ ଫିସରମ୍ୟାନ୍ ଇନ୍ ଚିଲିକା ଲେକ୍ ବିଲ୍ ୨୦୧୭' ନାମରେ ନାମିତ। ଚିଲିକାର ସୁରକ୍ଷା ପାଇଁ ତାହା ଆଇନରେ ପରିଣତ ହେବା ଆବଶ୍ୟକ। ଏଥିସହିତ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ସଂଜ୍ଞା ଏବଂ ଅଧିକାର ସୁସ୍ପଷ୍ଟ ହେବା ଆବଶ୍ୟକ। ଚିଲିକା ଚତୁଃପାର୍ଶ୍ୱରେ ବନ୍ଧ ନିର୍ମାଣ କରି ବନ୍ୟା ଦାଉରୁ ରକ୍ଷା କରିବାକୁ ପଡ଼ିବ। ମଜବୁତ ବନ୍ଧ, ସାଗରମାଳା ପ୍ରକଳ୍ପ ଦ୍ୱାରା ଚିଲିକା, ସମୁଦ୍ର ନଷ୍ଟ ହେବ। ବେଳା ଭୂମିଦ୍ୱାରା ଅନେକ କ୍ଷତି ହେବ। ନୀଳ ଅର୍ଥନୀତି ପୁଞ୍ଜିପତିଙ୍କୁ ଅଧିକ ଧନୀ କରିବ ଏବଂ ଶ୍ରମିକଙ୍କ ଶ୍ରମକୁ ଶୋଷଣ କରିବ। ଅବକ୍ଷୟମୁଖୀ ଚିଲିକାର ପୁନଃଉଦ୍ଧାର ହେଉ। ସମସ୍ତ ଅଣମତ୍ସ୍ୟଜୀବୀଙ୍କ ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲାଗୁ।

(ପ୍ରାକ୍ତନ ଉପଶ୍ରମ କମିଶନର)
ଭୁବନେଶ୍ୱର, ମୋ: ମୋ ୮୦୯୩୧୮୪୨୮୮

## କାଶୀରେ ପୂଜା ପାଆନ୍ତି ତ୍ରିଜଟା

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ରାମାୟଣର ଅରଣ୍ୟକାଣ୍ଡରେ ତ୍ରିଜଟାଙ୍କ ଚରିତ୍ର ବିଷୟରେ ଉଲ୍ଲେଖ ଅଛି। ଅସୁରରାଜ ରାବଣ ମାତା ସୀତାଙ୍କୁ ଅପହରଣ କରିନେବା ପରେ ଅଶୋକବାଟିକାରେ ରଖିଥିଲେ। ମାତା ସୀତାଙ୍କୁ ନଜର ବନ୍ଦୀ କରି ରଖିବା ପାଇଁ ଯେଉଁ କେତେକ ଅସୁରୁଣୀଙ୍କୁ ରାବଣ ନିୟୋଜିତ କରିଥିଲେ ସେମାନଙ୍କ ମଧ୍ୟରେ 'ତ୍ରିଜଟା' ଥିଲେ ଅନନ୍ୟ। ତାଙ୍କର ଜନ୍ମ ଅସୁର କୁଳରେ ହୋଇଥିଲେ ମଧ୍ୟ ସେ ଦେବୋପମ ଗୁଣର ଅଧିକାରୀ ଥିଲେ। ତାଙ୍କର ବିଶେଷଗୁଣ ହେଉଛି ସେ ଥିଲେ ରାମଭକ୍ତ। ତେଣୁ ମାତା ସୀତାଙ୍କୁ ସେ ସଦାସର୍ବଦା ସେବାଶୁଶ୍ରୂଷା କରୁଥିଲେ ଏବଂ ରକ୍ଷାକର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଅସାଧାରଣ ପାଣ୍ଡିତ୍ୟର ଅଧିକାରିଣୀ ତ୍ରିଜଟା ଥିଲେ ସର୍ବୋତ୍ତମ ଭବିଷ୍ୟବକ୍ତା। ମାତା ସୀତାଙ୍କର ଘୋର ଅବସାଦ ଓ ଦୁର୍ଦ୍ଦିନ ସମୟରେ ତ୍ରିଜଟା ତାଙ୍କୁ ସାନ୍ତ୍ୱନା ଦେବା ସହିତ ତାଙ୍କର ସ୍ୱପ୍ନ ସମ୍ପର୍କରେ ଅବଗତ କରାଇଥିଲେ। ତ୍ରିଜଟା କହିଥିଲେ ଯେ, 'ମୁଁ ସ୍ୱପ୍ନ ଦେଖିଛି ଯେ, କେହି ଜଣେ ବାନର ସୁବର୍ଣ୍ଣ ଲଙ୍କାକୁ ଜାଳି ଦେବ, ରାବଣଙ୍କ ବିନାଶ ହେବ ଏବଂ ଶ୍ରୀରାମ ଖୁବ୍ ଶୀଘ୍ର ତୁମକୁ ଏଠାରୁ ମୁକ୍ତ କରି ନେଇଯିବେ।' ତ୍ରିଜଟାଙ୍କ ଏଭଳି ସ୍ନେହପୂର୍ଣ୍ଣ ବ୍ୟବହାର ପାଇଁ ମାତା ସୀତା ତ୍ରିଜଟାଙ୍କୁ 'ମାତା' ବୋଲି ସମ୍ବୋଧନ କରୁଥିଲେ। ଅନ୍ୟ କେତେକ ପୌରାଣିକ ମତ ଅନୁସାରେ ତ୍ରିଜଟାଙ୍କୁ ବିଭୀଷଣଙ୍କ ପୁତ୍ରୀ ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି। ଅନ୍ୟ କିଛି ପୌରାଣିକ ମତ ଅନୁସାରେ ତ୍ରିଜଟାଙ୍କ ମୁଣ୍ଡରେ ଜ୍ଞାନ, ଭକ୍ତି ଓ ବୈରାଗ୍ୟର ପ୍ରତୀକ ଭାବେ ତିନୋଟି ଜଟା ଥିବାରୁ ତାଙ୍କର ନାମ ତ୍ରିଜଟା ହୋଇଥିଲା।

ପୌରାଣିକ କଥାବସ୍ତୁକୁ ଆଧାର କରି ଭୋଳାନାଥଙ୍କ ପ୍ରିୟ ନଗରୀ କାଶୀରେ ଅସୁରୁଣୀ ତ୍ରିଜଟାଙ୍କୁ ଦେବୀ ରୂପରେ ପୂଜା କରାଯାଉଛି। କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ତ୍ରିଜଟାଙ୍କ ମନ୍ଦିର ଅଛି। ଏହି ମନ୍ଦିରକୁ ପ୍ରତିଦିନ ଶ୍ରଦ୍ଧାଳୁମାନେ ଦର୍ଶନ କରିବାକୁ ଆସିଥା'ନ୍ତି। କିନ୍ତୁ ବର୍ଷକୁ କେବଳ ଗୋଟିଏ ଦିନ, ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ତ୍ରିଜଟାଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଏ। ମାତା ସୀତାଙ୍କ ବରଦାନ ଯୋଗୁଁ ଏହି ଗୋଟିଏ ଦିନ ତ୍ରିଜଟାଙ୍କୁ ଦେବୀ ଭାବେ ପୂଜା କରାଯିବାର ବିଧି ରହିଛି। ମାତାଙ୍କୁ ମୂଳା ଓ ବାଇଗଣ ଭୋଗ ଭାବେ ଅର୍ପଣ କରାଯାଇଥାଏ।

ତ୍ରିଜଟାଙ୍କ ମନ୍ଦିର କାଶୀରେ ସ୍ଥାପନା ହେବା ଏବଂ ପୂଜାର୍ଚ୍ଚନା ସମ୍ପର୍କରେ ଏକ ପୌରାଣିକ ଆଖ୍ୟାନ ଅଛି। ଶ୍ରୀରାମ ରାବଣଙ୍କୁ ବଧ କରିବା ପରେ ମାତା ସୀତାଙ୍କୁ ଅଶୋକବାଟିକାରୁ ଆଣିବା ସମୟରେ ତ୍ରିଜଟା କିଛି ଦୂର ତାଙ୍କ ସହ ଆସିଥିଲେ। ତ୍ରିଜଟାଙ୍କୁ ନିଜ ସହିତ ଅଯୋଧ୍ୟା ନେବା ମାତା ସୀତାଙ୍କ ପକ୍ଷେ ସମ୍ଭବ ନଥିଲା। ତେଣୁ ମାତା ସୀତା ତ୍ରିଜଟାଙ୍କୁ ଶୁଭ ବିଦାୟ ସହିତ ବରଦାନ ଦେଇ କହିଥିଲେ ଯେ, 'ମହାଦେବଙ୍କ ନଗରୀ କାଶୀରେ ତୁମର ମୋକ୍ଷ ପ୍ରାପ୍ତ ହେବ। ତୁମେ ଅନନ୍ତ କାଳ ପାଇଁ କାଶୀରେ ଦେବୀ ଭାବେ ସ୍ଥାପିତ ହେବ। କାର୍ତ୍ତିକ ପୂର୍ଣ୍ଣିମା ବ୍ରତ କରିଥିବା ସମସ୍ତ ଶ୍ରଦ୍ଧାଳୁ ପୂର୍ଣ୍ଣିମା ପରଦିନ ତ୍ରିଜଟା ନାମକ ସ୍ନାନ କରିବେ ଏବଂ ବିଧି ଅନୁସାରେ ତୁମର ପୂଜାର୍ଚ୍ଚନା କରିବେ। ତ୍ରିଜଟା ସ୍ନାନ ବିନା ତାଙ୍କର ବ୍ରତ ସଂକଳ୍ପ ସମ୍ପୂର୍ଣ୍ଣ ହେବ ନାହିଁ।' ମାତା ସୀତାଙ୍କ ଠାରୁ ଏହି ବରଦାନ ପ୍ରାପ୍ତି ପରେ ତ୍ରିଜଟା କାଶୀ ଯାଇ ତପସ୍ୟାରେ ମଗ୍ନ ହେଲେ।

ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଭୋରୁ ସ୍ନାନ ସାରି ମାଟିରେ ମାତା ତ୍ରିଜଟାଙ୍କ ଏକ ମୂର୍ତ୍ତି ତିଆରି କରନ୍ତି କିମ୍ବା ତ୍ରିଜଟାଙ୍କ ଫଟୋଚିତ୍ର ପ୍ରସ୍ତୁତ କରି ତାହାକୁ ବିଧିପୂର୍ବକ ପୂଜାର୍ଚ୍ଚନା କରନ୍ତି। ଏହାପରେ ସେହି ମୂର୍ତ୍ତି ବା ଫଟୋକୁ ଜଳରେ ବିସର୍ଜନ କରାଯାଏ। ତା'ପରେ ଭକ୍ତମାନେ ତ୍ରିଜଟାଙ୍କ ଉଦ୍ଦେଶ୍ୟରେ ପବିତ୍ର ନଦୀ କିମ୍ବା ଜଳାଶୟରେ ବୁଡ଼ ପକାଇଥା'ନ୍ତି। ଏହାପରେ ତ୍ରିଜଟାଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ଅନ୍ନଜଳ ଗ୍ରହଣ କରନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପରଦିନ ତ୍ରିଜଟାଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୁଏ। ବିଶ୍ୱାସ ରହିଛି ଯେ, ଏହିଦିନ ଶ୍ରଦ୍ଧାଳୁମାନେ ମାତାଙ୍କ ଦର୍ଶନ କରିବା ଦ୍ୱାରା ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ବିଶେଷକରି ବିବାହିତାମାନେ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ମାତା ତ୍ରିଜଟାଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। କେତେଜଣ ଭକ୍ତ ତିନିଦିନରେ ତିନିଥର ଏବଂ ଆଉ କେତେଜଣ ଗୋଟିଏ ଦିନରେ ତିନିଥର ବୁଡ଼ ପକାଇ ତ୍ରିଜଟା ସ୍ନାନ ବିଧି ପୂରଣ କରିଥା'ନ୍ତି। ତ୍ରିଜଟାଙ୍କ ନାମ ସ୍ମରଣ କରି ତିନିଥର ବୁଡ଼ ପକାଇବା ଦ୍ୱାରା ପୌଷ, ମାଘ ଓ ଫାଲଗୁନ ପୂର୍ଣ୍ଣିମାର ପୁଣ୍ୟଫଳ ମଧ୍ୟ ପ୍ରାପ୍ତି ହୋଇଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ ଅନିୟମିତତା ପ୍ରସଂଗ

## ଏସଏଲସି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ ଅନିୟମିତତା ଅଭିଯୋଗ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାର ଅଧିକ ସମୟ ଲୋଡିଥିବା ବେଳେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ରାଜ୍ୟ ସ୍ତରୀୟ କମିଟି(ଏସଏଲସି) ରିପୋର୍ଟ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରାଜ୍ୟସ୍ତରୀୟ କମିଟି (ଏସଏଲସି) ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ବିଭିନ୍ନ ବିଭାଗ ଜିଲ୍ଲା ଖଣିଜ ପାଣ୍ଠି ସଂପର୍କିତ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ଏସଏଲସି ହାଇକୋର୍ଟରେ ଏ ସଂପର୍କିତ ବିସ୍ତୃତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବ ବୋଲି ସରକାର ଅବଗତ କରିଛନ୍ତି। ଅକ୍ଟୋବର ୨୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲାରେ ଖଣିଜ ପାଣ୍ଠି ଖର୍ଚ୍ଚରେ ମାଇନ୍ସ ଆଣ୍ଡ ମିନେରାଲ୍ସ ଡେଭେଲପମେଣ୍ଟ ଆଣ୍ଡ ରେଗୁଲେସନ୍ ଆଇନ, ୧୯୫୭ ଓ ୨୦୧୫ର ନିୟମାବଳୀର ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ଆବେଦନକାରୀ ଦର୍ଶାଇଥିଲେ। ହାଇକୋର୍ଟ ଆବେଦନକାରୀଙ୍କ ଅଭିଯୋଗର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ଏସଏଲସିକୁ ଗତ ଜାନୁଆରି ୨ରେ ନିର୍ଦ୍ଦେଶ ଦେଇଥିଲେ।

## କେନ୍ଦୁପତ୍ର ଶ୍ରମିକଙ୍କ ସାମାଜିକ ନିରାପତ୍ତାକୁ ଉପେକ୍ଷା

# ଅର୍ଥ ବିଭାଗରେ ପଡ଼ିରହିଛି ୧୨୦ କୋଟି ବଜେଟ ଅର୍ଥ

### କେନ୍ଦୁପତ୍ର ସଂସ୍ଥାକୁ ଶୀଘ୍ର ହସ୍ତାନ୍ତର କରିବାକୁ ସଂଘର ଦାବି

ଭୁବନେଶ୍ୱର,୨୧।୮ (ସମିସ): ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀ ମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ଚଳିତ ବର୍ଷର ବଜେଟରେ ୧୨୦ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ଏହା ବିଧାନ ସଭାରେ ମଞ୍ଜୁରୀ ଲାଭ କରିଛି। ଏହି ମଞ୍ଜୁରୀପ୍ରାପ୍ତ ୧୨୦ କୋଟି ଟଙ୍କା ଅର୍ଥ ରାଶି ଅର୍ଥ ବିଭାଗ ହାତରେ ଅଛି। ହେଲେ ବର୍ତ୍ତମାନ ଏହି ପରିମାଣ ଅର୍ଥ ଜଙ୍ଗଲ ବିଭାଗ ଜରିଆରେ ଅର୍ଥ ବିଭାଗ 'କେନ୍ଦୁପତ୍ର ସଂସ୍ଥାର କେନ୍ଦୁପତ୍ର ଉନ୍ନୟନ ପାଣ୍ଠି'କୁ ହସ୍ତାନ୍ତର କରାଯିବାର ସମୟ ଆସିଥିଲେ ମଧ୍ୟ ଏହା କରାଯାଇ ନାହିଁ। ଯାହାଫଳରେ କେନ୍ଦୁପତ୍ର କର୍ମଚାରୀଙ୍କ ସାମାଜିକ ନିରାପତ୍ତା ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଚିଠି କେନ୍ଦୁପତ୍ର ସଂସ୍ଥାକୁ ବଜେଟ ମଞ୍ଜୁରୀପ୍ରାପ୍ତ ଅର୍ଥ ଯଥାଶୀଘ୍ର ହସ୍ତାନ୍ତର କରିବାକୁ ଜଣାଇଛନ୍ତି। ଏହି ବିଷୟରେ ଏକ ପୂର୍ବ ଚିଠିରେ ଶ୍ରୀ ମହାନ୍ତି ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ବ୍ୟତୀତ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଏହି ପ୍ରସଙ୍ଗକୁ ତ୍ୱରାନ୍ୱିତ କରିବାକୁ ଏହାର ପ୍ରତିଲିପିରେ ଜଣାଇଛନ୍ତି। ଉକ୍ତ ୧୨୦ କୋଟି ଟଙ୍କା କେନ୍ଦୁପତ୍ର ସଂସ୍ଥାକୁ ହସ୍ତାନ୍ତର ହେଲେ ଉକ୍ତ ସଂସ୍ଥା ଏହି ସଂସ୍ଥାରେ କାର୍ଯ୍ୟରତ ଲକ୍ଷ ଲକ୍ଷ ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ନିମନ୍ତେ ସବିଶେଷ ପ୍ରସ୍ତାବ କରି ସେମାନଙ୍କ ମଧ୍ୟରେ ବଣ୍ଟନର ବ୍ୟବସ୍ଥା କରିବେ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କୁ ଚଳିତ ବଜେଟରେ ୨୦୦ କୋଟି ଟଙ୍କା ପ୍ରାବଧାନ କରିବାକୁ ଦାବି କରିଥିଲେ। ଏହି ଦାବି ଅନୁଯାୟୀ ଉପରୋକ୍ତ ଶ୍ରେଣୀର ସମସ୍ତ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ପାଇଁ ଚଳିତ ବର୍ଷ ବଜେଟରେ ୧୨୦ କୋଟି ଟଙ୍କା ପ୍ରାବଧାନ କରିଛନ୍ତି।

## ପୁଣି ଓଟିଇଟି ପରୀକ୍ଷା ସ୍ଥଗିତ

କଟକ, ୨୧।୮ (ସମିସ): ଆସନ୍ତା ଅଗଷ୍ଟ ୩୧ ତାରିଖରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପରୀକ୍ଷାକୁ ପୁଣି ସ୍ଥଗିତ ରଖାଯାଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଖୁବ୍‌ଶୀଘ୍ର ଏହି ପରୀକ୍ଷା କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ। ପ୍ରକାଶଥାଉକି ପ୍ରଥମେ ଗତ ଜୁଲାଇ ୨୦ତାରିଖରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏଭଳି ସ୍ଥିତିରେ ପରୀକ୍ଷାକୁ ଆସନ୍ତା ୩୧ ତାରିଖରେ କରିବା ପାଇଁ ବୋର୍ଡ ପକ୍ଷରୁ ଅକ୍ଷମତା ପ୍ରକାଶ ପାଇବା ସହ ସରକାରଙ୍କୁ ଅବଗତ କରାଯାଇଥିଲା। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ ହଜାର ୪୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥାନ୍ତେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଟିବ ୧୨%...

ରଖାଯିବ। ମନ୍ତ୍ରୀ ଗୋଷ୍ଠୀରେ ଥିବା ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ କେରଳର ଅର୍ଥମନ୍ତ୍ରୀମାନେ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଏହି ପଦକ୍ଷେପ ପରେ ଶୁଖିଲା ଫଳ, ବ୍ରାଣ୍ଡେଡ୍ ନମକିନ୍, ଟୁଥ୍ ପାଉଡର, ଟୁଥ୍‌ପେଷ୍ଟ, ସାବୁନ, କେଶ ତେଲ, ସାଧାରଣ ଆଣ୍ଟିବାୟୋଟିକ୍, ଯନ୍ତ୍ରଣା ନିବାରକ ଔଷଧ, ପ୍ରକ୍ରିୟାକୃତ ଖାଦ୍ୟ, ଖାଦ୍ୟ, ଖାଦ୍ୟ, ଫ୍ରୋଜେନ୍ ପନିପରିବା, କଣ୍ଡେନ୍ସଡ୍ କ୍ଷୀର, କିଛି ମୋବାଇଲ୍, କିଛି କମ୍ପ୍ୟୁଟର, ସିଲାଇ ମେସିନ୍, ପ୍ରେସର କୁକର, ଗିଜର ଭଳି ଜିନିଷ ଶସ୍ତା ହେବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି।

### ଅଚଳାବସ୍ଥା ମଧ୍ୟରେ...

ପ୍ରସଙ୍ଗରେ ଅଚଳ ରହିଥିବା ବେଳେ ଦ୍ୱିତୀୟ ସପ୍ତାହରେ ଅପରେସନ ସିନ୍ଦୂର ଉପରେ ସରଗରମ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନାକୁ ସୀମିତ କ୍ଷମତା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଜବାବ ଦେବାକୁ ଯାଇ କହିଥିଲେ ଯେ ବିରୋଧୀ ଦଳ ଭାରତ ଅପେକ୍ଷା ପାକିସ୍ତାନ ଉପରେ ଅଧିକ ବିଶ୍ୱାସ କରୁଛନ୍ତି।

ଅପରେସନ ସିନ୍ଦୂର ପରେ ପୁଣି ଆରମ୍ଭ ହୋଇଯାଇଥିଲା ଅଚଳାବସ୍ଥା। ବିହାର ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଥିପାଇଁ ରାଜି ହୋଇନଥିଲେ। ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କ ଭୋଟ୍ ଅଧିକାରରୁ ବଞ୍ଚିତ କରିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ଚାଲିଛି। ଏହାକୁ ନେଇ ସେମାନେ ସଂସଦ ଭିତରେ ହଙ୍ଗାମା କରିଥିବା ବେଳେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ସେମାନେ କର୍ଣ୍ଣାଟକ ଓ ମହାରାଷ୍ଟ୍ରାରେ ଭୋଟ ଚୋରି ଅଭିଯୋଗ ଆଣିଥିଲେ।

ଏଭଳି ଅଚଳାବସ୍ଥା ମଧ୍ୟରେ ଗୋଟିଏ ପ୍ରସଙ୍ଗ ନେଇ ସରକାର ଓ ବିରୋଧୀ ଦଳ ମଧ୍ୟରେ ଏକତାର ବିରଳ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ତାହା ଥିଲା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ସେମାନେ ସହମତ ହୋଇଥିଲେ। ଲୋକସଭାରେ ଏସଂପର୍କରେ ଉଭୟ ସରକାର ଓ ବିରୋଧୀ ଦ୍ୱାରା ସ୍ୱାକ୍ଷରିତ ମିଳିତ ମହାଭିଯୋଗ ପ୍ରସ୍ତାବ ଆଗତ ହୋଇଥିଲା। ବାଚସ୍ପତି ଏହାକୁ ଗ୍ରହଣ କରିବା ସହିତ ଅଭିଯୋଗର ଯାଞ୍ଚ ଏକ ତିନି ଜଣିଆ କମିଟି ଗଠନ କରିଛନ୍ତି।

ଏହି ଅଧିବେଶନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଛି। ତାହା ହେଲା ଜାତୀୟ କ୍ରୀଡା ପରିଚାଳନା ବିଲ୍ ଏବଂ ଅନଲାଇନ୍ ଗେମ୍ ବିଲ୍। କ୍ରୀଡ଼ା ବିଲରେ ବିସିସିଆଇ ଭଳି କ୍ରୀଡ଼ା ସଂସ୍ଥାଙ୍କୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ଥିବା ଅନଲାଇନ ଗେମ୍‌କୁ ନିଷିଦ୍ଧ କରିବା ଲାଗି ଅନଲାଇନ ଗେମିଂ ବିଲ୍‌ରେ ବ୍ୟବସ୍ଥା ରହିଛି। ତେବେ ଯେଉଁ ବିଲଟି ଆଗତ ବେଳେ ଲୋକସଭାରେ ସବୁଠାରୁ ବେଶି ଉତ୍ତେଜନା ସୃଷ୍ଟି କରିଥିଲା, ତାହା ଥିଲା ଜେଲରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ହଟାଇବା ସଂକ୍ରାନ୍ତ ବିଲ୍। ବିଲ୍ ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କ୍ରମାଗତ ୩୦ ଦିନ ଧରି ଜେଲରେ ରହିଲେ ସେମାନେ ମନ୍ତ୍ରୀ ପଦ ହରାଇବେ। ଅଣବିଜେପି ସରକାରକୁ ଅସ୍ଥିର କରିବା ଉଦ୍ଦେଶ୍ୟରେ ଏଭଳି ବିଲ୍ ଆଗତ କରାଯାଇଥିବା ବିରୋଧୀ ଦଳ କହିଥିଲେ। ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ଅଭିଯୋଗ କରି ସେମାନେ ଏହାର ବିରୋଧ କରିଥିଲେ। ସରକାର ଏହି ବିଲକୁ ଅନୁଧ୍ୟାନ ପାଇଁ ଯୁଗ୍ମ ସଂସଦୀୟ କମିଟି ପାଖକୁ ପଠାଇ ଦେଇଛନ୍ତି। ଏହି ସମ୍ବିଧାନ ସଂଶୋଧନ ବିଲ ଅନୁମୋଦନ ପାଇଁ ସଂସଦରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ସରକାର ପାଖରେ ଏଥିପାଇଁ ଆବଶ୍ୟକ ସଂଖ୍ୟା ନାହିଁ। ବର୍ତ୍ତମାନ ପରିସ୍ଥିତିରେ ବିରୋଧୀ ଦଳ ସମର୍ଥନ ନକଲେ ଏହା ଅନୁମୋଦିତ ହେବା ସମ୍ଭବ ନୁହେଁ ବୋଲି କୁହାଯାଉଛି।

### ସେପ୍ଟେମ୍ବର ୧୮ରୁ...

ନେଇ ବିରୋଧୀ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

ଏନେଇ ପ୍ରତିକ୍ରିୟା ରଖି ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ନାରୀ ନିର୍ଯାତନା, ଛାତ୍ରୀ ଆତାହୁତି, ଚାଷୀ ହନ୍ତସନ୍ତ ପ୍ରସଙ୍ଗରେ ବିଜେଡି ଗୃହରେ ଦୃଢ଼ ଭାବେ ସ୍ୱର ଉତ୍ତୋଳନ କରିବ। ମୌସୁମୀ ଅଧିବେଶନରେ ଦେଢ଼ ବର୍ଷ ସରକାରରେ ଯେଉଁ ସବୁ କୃତିତ୍ୱ ଅର୍ଜନ କରିଛନ୍ତି, ସେ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବୁ ବୋଲି ପ୍ରମିଳା କହିଛନ୍ତି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି ଯେ ସରକାର ଭୟରେ ବିଧାନସଭା ଡାକୁ ନ ଥିଲେ। ନାରୀ ନିର୍ଯାତନା, ଛାତ୍ରୀ ଆତହତ୍ୟା ଘଟଣା ବଢୁଥିବାରୁ ସେ ଭୟରେ ବିଧାନସଭା ଡାକୁନଥିଲେ। ଏବେ ସ୍ଥିତି ଟିକେ ସ୍ୱାଭାବିକ ହୋଇଛି। ତେଣୁ ସରକାର ବାଧ୍ୟ ବାଧକତାରେ ବିଧାନସଭା ଡାକୁଛନ୍ତି। ଆସନ୍ତା ଅଧିବେଶନରେ ଆମେ ନାରୀ ନିର୍ଯାତନା, ଭୋଟ ଚୋରି ଓ ଅନାସ୍ଥା ପ୍ରସଙ୍ଗ ଉଠାଇ ସରକାରକୁ ଘେରିବୁ ବୋଲି ଶ୍ରୀ ବାହିନୀପତି ସୂଚନା ଦେଇଛନ୍ତି।

ସେହିପରି ଅଧିବେଶନ ସଂପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ କାର୍ଯ୍ୟ ପରାମର୍ଶଦାତା କମିଟିର ନିଷ୍ପତ୍ତି ଅନୁସାରେ ମୌସୁମୀ ଅଧିବେଶନରେ କିଛି ବିଲ୍ ଆସିପାରେ। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଯେଉଁ ପ୍ରସଙ୍ଗ ରହିଛି, ସେ ବାବଦରେ ଗୃହରେ ସବିଶେଷ ଆଲୋଚନା ହେବ। ବିରୋଧୀ ଯେଉଁ ପ୍ରସଙ୍ଗ ଆଣିବେ ତାକୁ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ବିରୋଧୀଙ୍କ ସମସ୍ତ ଗଠନମୂଳକ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

ପୂର୍ବ ଅଧିବେଶନରେ ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ବିରୋଧୀ ଗୃହରେ ପ୍ରବଳ ହଙ୍ଗାମା କରିଥିଲେ। ଏପରିକି ଏଥିପାଇଁ କଂଗ୍ରେସର ସମସ୍ତ ସଦସ୍ୟଙ୍କୁ ନିଲମ୍ବିତ ହେବାକୁ ପଡ଼ିଥିଲା। ବିଜେଡି ମଧ୍ୟ ପ୍ରସଙ୍ଗକୁ ନେଇ ଗୃହ ଭିତରେ ଏବଂ ବାହାରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲା। ଆସନ୍ତା ଅଧିବେଶନ ସମାନ ପ୍ରସଙ୍ଗରୁ ଆରମ୍ଭ ହୋଇପାରେ ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି।

### ପ୍ରତ୍ୟୁଷ ଦିବାକର...

ସେହିପରି ପୂର୍ବାଞ୍ଚଳ ଡିଆଇଜି ଥିବା ୨୦୦୮ ବ୍ୟାଚ୍‌ର ଆଇପିଏସ୍ ସତ୍ୟଜିତ୍ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପୁରୀ ଏସ୍‌ପି ଥିବା ୨୦୧୧ ବ୍ୟାଚ୍‌ର ଆଇପିଏସ୍ ପିନାକ ମିଶ୍ରଙ୍କୁ ପୂର୍ବାଞ୍ଚଳର ଡିଆଇଜି ଭାବେ ବଦଳି କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଥିବା ୨୦୧୩ ବ୍ୟାଚର ଆଇପିଏସ୍ ପରମାର ସ୍ମିତ୍ ପରଶୋତ୍ତମ ଦାସଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ଭାବେ ନିଯୁକ୍ତି ମିଳିଥିବା ବେଳେ ରେଲୱେ ଏସ୍‌ପି ଥିବା ଆଇପିଏସ୍ ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଛି। କଟକ(ଗ୍ରାମାଞ୍ଚଳ) ଏସ୍‌ପି ଥିବା ୨୦୧୪ ବ୍ୟାଚ୍‌ର ଆଇପିଏସ୍ ପ୍ରତୀକ ସିଂଙ୍କୁ ପୁରୀ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସୁନ୍ଦରଗଡ଼ ଏସ୍‌ପି ଥିବା ପ୍ରତ୍ୟୁଷ ଦିବାକରଙ୍କୁ ବାଲେଶ୍ୱର ଏସ୍‌ପି ଭାବେ ବିଦଳି କରାଯାଇଥିବା ବେଳେ ମୁଖ୍ୟାଳୟ ଓଏସ୍‌ଡିରେ ଥିବା ଭିନିତ୍ ଅଗ୍ରୱାଲଙ୍କୁ କଟକ(ଗ୍ରାମାଞ୍ଚଳ) ଏସ୍‌ପି ଭାବେ ନିଯୁକ୍ତ ମିଳିଛି। ବାଲେଶ୍ୱର ଏସ୍‌ପି ଥିବା ରାଜ ପ୍ରସାଦଙ୍କୁ ସ୍ପେଶାଲବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ନୂଆପଡ଼ା ଏସ୍‌ପି ଥିବା ଗୁଣ୍ଡାଲା ରେଡ୍ଡୀଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ନିଯୁକ୍ତି ମିଳିଛ। ସେହିପରି ଭୁବନେଶ୍ୱର ଅତିରିକ୍ତ ଡିସିପି ଥିବା ଅଙ୍କିତ ବର୍ମାଙ୍କୁ ଜଗତସିଂହପୁର ଏସ୍‌ପି ଭାବେ ନିଯୁକ୍ତି ମିଳିଥିବା ବେଳେ ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି ଥିବା ଅମ୍ରିତ୍‌ପାଲ ସିଂଙ୍କୁ ନୂଆପଡ଼ା ଏସ୍‌ପି, ଭୁବନେଶ୍ୱରରେ ଅତିରିକ୍ତ ଡିସିପି ଥିବା ଅମ୍ରିତ୍‌ପାଲ କୌରଙ୍କୁ ସୁନ୍ଦରଗଡ଼ ଏସ୍‌ପି ଭାବେ ବଦଳି କରାଯାଇଛି।

ସେହିପରି ଜଗତସିଂପୁର ଏସ୍‌ପି ଥିବା ଭବାନୀ ଶଙ୍କର ଉଦ୍‌ଗାତା(ଓପିଏସ୍)ଙ୍କୁ ରେଲୱେ ଏସ୍‌ପି ଭାବେ ବଦଳି କରାଯାଇଛି। କମିଶନ୍‌ରେଟ ପୁଲିସରେ ଥିବା ଡିସିପି ବିମଳେନ୍ଦୁ ଶତପଥିଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଏସପି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ୍ ପୁଲିସରେ ଥିବା ଅତିରିକ୍ତ ଡିସିପି କିଶୋରଚନ୍ଦ୍ର ମୁଣ୍ଡ, ଅନୁପ କୁନୁଗୋଙ୍କୁ ଡିସିପି ଭାବେ ବଦଳି କରାଯାଇଛି। ପୁଲିସ ମୁଖ୍ୟାଳୟରେ ଥିବା ଅତିରିକ୍ତ ଏସ୍‌ପି ଥିବା ଶ୍ରୀକାନ୍ତ କୁମାର ବେହେରାଙ୍କୁ ଇଓଡବ୍ଲ୍ୟୁ ଏସ୍‌ପି ଭାବେ ବଦଳି କରାଯାଇଛି। ତଳଚେରରେ ଅତିରିକ୍ତ ଏସ୍‌ପି ଥିବା ସୁରେନ୍ଦ୍ରନାଥ ରାୟଗୁରୁଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ବଦଳିକରାଯାଇଛି। କଳାହାଣ୍ଡି ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ଆନନ୍ଦବର୍ଦ୍ଧନ ଗୁରୁଙ୍କୁ ରାଜ୍ୟ ପୁଲସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ତପନ ନାରାୟଣ ରଥଙ୍କୁ କଟକ ସ୍ଥିତି ଏସ୍‌ପି ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଥିବା ସତ୍ୟବାନ ମହାନନ୍ଦଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ସ୍ଥିତି ଆଇୟୁସିଏଡବ୍ଲ୍ୟୁ'ରେ ଅତିରିକ୍ତ ଏସ୍‌ପି ଦେବାଶିଷ ଧଳଙ୍କୁ ସ୍ପେଶାଲବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଥିବା ଅତିରିକ୍ତ ଏସ୍‌ପି ଶଙ୍କର ନାୟକଙ୍କୁ କଟକ ଏସ୍‌ପି ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ ପୁଲିସରେ ଅତିରିକ୍ତ ଡିସିପି ଦେବଦତ୍ତ କରଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ରେଲୱେ ଅତିରିକ୍ତ ଏସ୍‌ପି ହତ୍ୟଜିତ ମିଶ୍ରଙ୍କୁ ଉପକୂଳ ସୁରକ୍ଷା ଏଆଇଜି ଭାବେ ବଦଳି କରାଯାଇଛି।

### ରାଜ୍ୟରେ ସାର...

ଦେଲେ, ଆମେ କୋଉଠୁ ଦେବୁ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପ୍ୟାକ୍ସରେ ସାର ମିଳୁନଥିବାବେଳେ ବାହାର ଖୋଲାବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ସାର ଅଭାବ କୃତ୍ରିମ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଧାନ ତଳି ରୋଇବାର ୨୧ ଦିନ ପରେ ଜମିରେ ସାର ପକେଇବା କଥା; କିନ୍ତୁ ଧାନ ରୋଇବାକୁ ମାସେ ବିତି ଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ସାର ମିଳିନାହିଁ। ଗୋଟିଏ ଆଧାରକାର୍ଡରେ ଯଦି ଗୋଟିଏ ବସ୍ତା ସାର ଦିଆଯିବ ତେବେ ୧୦ ଏକର ଜମି ଚାଷ କରୁଥିବା ଚାଷୀ ଗୋଟିଏ ବସ୍ତା ନେଇ କ'ଣ କରିବେ ? ଯଥାଶୀଘ୍ର ଯଦି ପର୍ଯ୍ୟାପ୍ତ ପରିମାଣର ସାର ବଣ୍ଟନ କରାନଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଚାଷୀ ସଙ୍ଗଠନ ଚେତାବନୀ ଦେଇଛନ୍ତି।

### କେନ୍ଦ୍ର ନିୟନ୍ତ୍ରଣରେ...

ମାନିଲେ ଏଫସିଆଇରେ ସମସ୍ୟା ଅଛି। ୧ କୋଟି ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ ପାଇଁ ଚୁକ୍ତି କରିଥିଲେ। ୬୪ ଲକ୍ଷ ଧାନର ଚାଉଳ ବାହାରିଲେ ୨୮ ଲକ୍ଷ ମେଟ୍ରିକ ଟନ ଆବଶ୍ୟକ ପଡେ। ୧୫ ଲକ୍ଷ ମେଟ୍ରିକ ଟନ ଏଫସିଆଇ ଓଡିଶାରୁ ଉଠାଇଛି। ମନ୍ତ୍ରୀ ସ୍ୱୀକାର କରୁଛନ୍ତି ଏଫ୍‌ସିଆରେ ସମସ୍ୟା ଅଛି। ଗୋଦାମ ଯେତିକି ଅଛି ସବୁଥିରେ ଚାଉଳ ପୂର୍ଣ୍ଣମାତ୍ରାରେ ଅଛି। ଅତୀତରେ ଯେତିକି ହଉଥିଲା ଅଧିକାଂଶ ମିଲରଙ୍କ ପାଖରେ ଚାଉଳ ରହୁଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇଲେ ଅନ୍ୟ ଫସଲ ପାଇଁ ପଇସା କେଉଁଠୁ ଆସିବ? ସରକାର ନିଜ ଗୋଡ଼କୁ ନିଜେ ବାନ୍ଧିଲେ ବୋଲି ଶ୍ରୀ ଦେବ କହିଛନ୍ତି। ସେ ଆହୁରି କହିଛନ୍ତି, ଉପକୂଳ ଓଡ଼ିଶା ବନ୍ୟା, ବାତ୍ୟା ଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହେଉଥିବାରୁ ମୁଁ ମନ୍ତ୍ରୀ ଥିବାବେଳେ ଭୂତଳ କେବୁଲ୍ ଲାଇନ୍ ବିଛାଇବା ପାଇଁ ବାରମ୍ବାର ପ୍ରସ୍ତାବ ଦେଇଥିଲେ। ବିଗତ ୭ରୁ ୮ ବର୍ଷ ହେଲା, କେନ୍ଦ୍ର ସରକାର ବିଦ୍ୟୁତି ବିଭାଗକୁ କିଛି ଅନୁଦାନ ଦେଇନାହାନ୍ତି। ଯାହା ବି ଭିତ୍ତିଭୂମିର ଉନ୍ନତିକରଣ ହୋଇଛି, ରାଜ୍ୟ ସରକାର ନିଜ ସମ୍ବଳ ଅନୁସାରେ କରିଛନ୍ତି। ଏବେ ଡବଲ ଇଞ୍ଜିନ୍ ସରକାର ଚାଲିଛି। ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନତ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି।

### ହାତୀ ସଂରକ୍ଷଣରେ...

ଦୁର୍ଭାଗ୍ୟଜନକ। ଏହାକୁ ରୋକିବାକୁ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ସର୍ଭିଲାନ୍ସ ପାଇଁ ଜିପିଏସ, ରେଡିଓ କଲାର, ଏଆଇ କ୍ୟାମେରା ବ୍ୟବହାର କରାଯାଉଛି। ଆମ ସମସ୍ତଙ୍କୁ ମିଶି ହାତୀ ଏବଂ ମଣିଷ ଯେଭଳି ନିରାପଦରେ ରହିବେ, ସେଭଳି ବାତାବରଣ ତିଆରି କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତ। ଏଥିପାଇଁ ହାତୀ କରିଡର ମ୍ୟାପିଂ, ଅବକ୍ଷୟ ଜଙ୍ଗଲ ପୁନରୁଦ୍ଧାର, ଗଜ ସାଥୀ ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ ଗୋଷ୍ଠୀ ସୁରକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଦୃଷ୍ଟିକୋଣ ହେଉଛି, ଓଡ଼ିଶା ପାଇଁ ଏକ ବିକାଶ ମଡେଲ ସୃଷ୍ଟି କରିବା। ଏଠାରେ ଯେମିତି ହାତୀମାନେ ମୁକ୍ତ ଭାବରେ ବିଚରଣ କରିପାରିବେ। ଏହାସହିତ ଲୋକମାନେ ମଧ୍ୟ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରିବେ। ଏହି ମଡେଲ ବିଶ୍ୱର ଅନ୍ୟ ଦେଶକୁ ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି। ଏହି କର୍ମଶାଳାରେ ମାନବ-ହାତୀ ସଂଘର୍ଷ ହ୍ରାସ ଏବଂ ସ୍ଥାୟୀ ସହାବସ୍ଥାନ ସୁନିଶ୍ଚିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା ପାଇଁ ସଂରକ୍ଷକ, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ଏକତ୍ରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ, ହାତୀଙ୍କ ବାସସ୍ଥାନ କ୍ଷତିରୁ ସୃଷ୍ଟି ହେଉଥିବା ନକରାତ୍ମକ ପ୍ରଭାବ ଉପରେ କହିଥିଲେ। ଏଥିପାଇଁ ଓଡ଼ିଶା ରଣନୀତି ପ୍ରସ୍ତୁତ କରୁଛି। ପ୍ରମୁଖ ରଣନୀତି ମଧ୍ୟରେ ବାସସ୍ଥାନ ପୁନରୁଦ୍ଧାର, ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି। ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ବିଶ୍ୱସ୍ତରୀୟ ପ୍ରୟାସ ପାଇଁ ସହଯୋଗପୂର୍ଣ୍ଣ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ ସୁରେଶ ପନ୍ତ ହାତୀ ସଂରକ୍ଷଣରେ ରାଜ୍ୟସ୍ତରୀୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ।


## ପୂର୍ବ ତଟ ରେଳପଥ

(1) ବିଜ୍ଞପ୍ତି ସଂ. e-Tender-Elect-G-31-25
କାର୍ଯ୍ୟର ବିବରଣୀ : ନୟାଗଡ଼ ଷ୍ଟେସନ ଠାରେ ହାଇମାଷ୍ଟ ବ୍ୟବସ୍ଥା ସହିତ ଆଲୋକ ସୁବିଧାର ବୃଦ୍ଧିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,43,45,370.56, EMD (₹) : 2,21,700.00।

(2) ବିଜ୍ଞପ୍ତି ସଂ. e-Tender-Elect-G-32-25
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କେନ୍ଦ୍ରୀକୃତ ଏବଂ ଡିଷ୍ଟ୍ରିବ୍ୟୁଟେଡ୍ ରିଲେ ରୁମ୍‌ଗୁଡ଼ିକରେ ସଠିକତା(Precision) ଟାଇପ୍ ଏୟାର କଣ୍ଡିସନର ଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 5,38,43,954.20, EMD (₹) : 4,19,200.00।

(3) ବିଜ୍ଞପ୍ତି ସଂ. e-Tender-Elect-G-33-25
କାର୍ଯ୍ୟର ବିବରଣୀ : କ୍ୟାରେଜ୍ ଏବଂ ୱାଗନ ଡିପୋ/ଅନୁଗୁଳ(ANGL), କଟକ(CTC), ଖୋର୍ଦ୍ଧା ରୋଡ଼ (KUR) ଏବଂ ପାରାଦ୍ୱୀପ(PRDP) ଠାରେ ୱେଲ୍ଡିଙ୍ଗ୍ ସମୟରେ CTRB ର ସୁରକ୍ଷା ନିମନ୍ତେ ୱାଗନଗୁଡ଼ିକର ଉପଯୁକ୍ତ ଆର୍ଥିଙ୍ଗ୍ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,65,75,236.60, EMD (₹) : 2,32,900.00।

(4) ବିଜ୍ଞପ୍ତି ସଂ. e-Tender-Elect-G-34-25
କାର୍ଯ୍ୟର ବିବରଣୀ : 3 ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ସମ୍ପୂର୍ଣ୍ଣ ସିଷ୍ଟମ୍‌ର ୱେବ୍ ଆଧାରିତ ପମ୍ପ ଅଟୋମେସନ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 23,46,761.16, EMD (₹) : 46,900.00।

ଶେଷ ହେବା ଅବଧି : 04 ମାସ (କ୍ରମ ସଂ. 1 ଏବଂ 3 ପାଇଁ), 06 ମାସ (କ୍ରମ ସଂ. 2 ପାଇଁ) ଏବଂ 36 ମାସ (କ୍ରମ ସଂ. 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.09.2025ରିଖ 1500 ଘଟିକାରେ (ସମସ୍ତ କ୍ରମ ସଂ. ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼
PR-479/Q/25-26



Office of the Principal
MAHAPAT HIGHER SECONDARY SCHOOL
JANGHIRA, KEONJHAR [488 (Category)]
Mob- 7735148237,
Email Id- scmohapatra11@gmail.com / mpbissajanghira@gmail.com

**Walk in Interview**

Walking interview for the guest faculty will be held in 29.08.2025 for the post of Political Science, PET & Junior Clerk in Temporary basis (Contractual). Interested Candidates on any apply with Educational Qualification to the undersigned.

Sd/-Principal in-charge
Mahapat Higher Secondary School
Janghira, Keonjhar



DISTRICT PROJECT OFFICE, SAMAGRA SIKSHA, SAMBALPUR n-128
(2nd FLOOR, COLLECTORATE, SAMBALPUR-768001)
e-mail: dpcsambalpur.opepa@nic.in
Letter No. 1534/PLGDate: 17.08.2025

**SHORT TENDER CALL NOTICE**

Sealed tenders are invited from the reputed & credible printers / firms / agencies for printing & supply of Identity Cards & PM SHRI Logo Badge for Teachers and Students of PM – SHRI Schools – 2024-25 of Sambalpur District in two bid systems (Technical & Commercial Bid).
For details please visit **www.sambalpur.odisha.gov.in & www.osepa.odisha.gov.in**

Sd/- District Project Coordinator
SS, Sambalpur
OIPR-15013/11/0072/2526



BHUBANESWAR MUNICIPAL CORPORATION C-934
SOUTH-WEST ZONE
No. 5158 / Date 14.08.2025

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମ ମଣ୍ଡଳ ଅନ୍ତର୍ଗତ ନିମ୍ନଲିଖିତ ପାର୍କର ରକ୍ଷଣା ବେକ୍ଷଣା ନିମନ୍ତେ SHG ଯେଉଁମାନେ ଇଚ୍ଛୁକ ଅଛନ୍ତି ସାଧା କାଗଜରେ ନିମ୍ନ ପ୍ରମାଣ ପତ୍ର ସହ ନିମ୍ନ ସାକ୍ଷରକାରୀଙ୍କ ନିକଟରେ ତା.୨୦.୦୮.୨୦୨୫ରିଖ ଠାରୁ ତା.୨୫.୦୮.୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

| କ୍ର.ନଂ. | ୱାର୍ଡ ନଂ. | ପାର୍କର ନାମ | ପାର୍କ କ୍ଷେତ୍ରଫଳ | ପାର୍କ ଠିକଣା |
|---|---|---|---|---|
| 1 | 65 | Labour Stand, Dumuduma | Ac.0.45 dec. | Labour Stand, Dumuduma |

ଭାରପ୍ରାପ୍ତ ମଣ୍ଡଳ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0238/2526



**AFFIDAVIT**
By virtue of an affidavit sworn before executive magistrate Oupada, Baleswar ,Odisha vide Sl no- 404 on dtd 05/08/2025 I Amita Patra, w/o. Akshaya Patra, At-Gadasahi, Po-Darakholi, Ps-Oupada, Dist-Baleswar, Odisha Pin code-756049 declare that I have changed the name of my son from Dhanjay Patra to Dhananjay Patra. Henceforth he will be known as **Dhananjay Patra** for all purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Mantosh Madhi,** aged about 22 years, S/o.: Ganga Madhi, Village: Palkonda, PO.: Sikhapalli, PS/Dist.: Malkangiri, declare by this Affidavit No.: 1140/2025, Dated:21/08/2025 that I have changed my name from Manatosh Madhi to **Mantosh Madhi**. Henceforth I shall be known as "**Mantosh Madhi**" for all future purposes.

**AFFIDAVIT**
By Virtue of an affidavit sworn before Notary public Salipur, Cuttack dated 18.08.2025. I Jhillimayee Bal, Address At-Kalianti, P.o.-Chayanpal, P.s.-Mahanga, Dist-Cuttack, Odisha-754204 declare that, I have changed my name from Pritimayee Bal to Jhillimayee Bal. Henceforth I shall be known as Jhillimayee Bal for all purposes.
**Jhillimayee Bal**

**AFFIDAVIT**
I, Purusotham Misra, aged about 68 years, S/O- Late Artabandhu Misra, resident At-Dolamundai, PO-Telenga Bazar, PS-Madhupatna, Dist-Cuttack, PIN-753009, Odisha, declare by this Affidavit No.-1862, Dtd.-18.08.2025, that now onwards I shall be Known as **Purusottam Misra** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Kanas, dtd-24/07/2025, No-2686. I, **Lili Rout,** Address: At-Nuagaon, Po- Adal, PS-Gadisagoda, Dist- Puri, Odisha, Pin-752019 declare that I have changed the name my son from **Sai Rout to Asish Rout.** Henceforth, he shall be known as **Asish Rout** for all purposes.
**Sd/- Lili Rout**

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 14/08/2025. I, **Pankaj Bhue,** Son/Daughter/Wife of Raghu Bhue, Permanent resident of At- Bhue Pada, Village- Ghodar, P.O.- Sihini, Dist-Balangir, Odisha, PIN- 767066 now residing at the same place affirm that I have changed my minor Son / Daughter / Ward name from **Kiranti Bnoi** (old name) to **Tiranti Bhue** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he/she will be known as **Tiranti Bhue** (new name).
**Pankaj Bhue**

**AFFIDAVIT**
I, Sanjaya Ketan Sethy, aged about 54 years, S/o- Late Chintamani Sethy, resident of Plot No. 4735/5161/5812 P, Near Govt. High School, VSS Nagar, PO-Saheednagar, Bhubaneswar, Dist-Khordha, PIN- 751007, Odisha declared by this affidavit No. 1680, dtd-20/08/2025 that now onwards I shall be known as **SANJAY KETAN SETHY** for all future purposes.

**AFFIDAVIT**
By virtue of an affidavit no-1995 dtd 22-07-2025 sworn before The Executive Magistrate, Bolgarh, I, Kailash Chandra Maharana, S/o-Trinath Maharana, R/O At- Dalai Sahi, Post- Manikagoda, P.S.-Bolgarh, Dist- Khordha, PIN-752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**
Affidavit I, Seema Agrawal W/o Kamal Kishore Agrawal, resident of ward No - 04, Mahanta Basti Po / Ps - Barbil Dist - Keonjhar, PIN - 758035, Odisha. declare by this Affidavit No - 0705 dated-18.08.2025 that now onwards I shall be known as **Seema Agarwal** for all future purposes.

**AFFIDAVIT**
By virtue of an affidavit before the Notary Public, Paralakhemundi, Gajapati, I, Suranjani Swalsingh, W/o-Late Rajendra Kar, resident of Vill/Po/Ps- Rayagada, Dist-Gajapati, Odisha, pin-761213, declared by this affidavit No-A26. dtd- 18/8/2025 that now onwards I shall be known as SURANJANI KAR for all future purposes.

**SALE**
1 Number of Tractor–NEW HOLAND 4710 E5 / 2023, Registration No.- OD-01- AS-5109,Model-2023, ENGINE NO –351312DX, CHASSIS NO - NHN47100ZNA589969, For Details, contact – 9437055763,7656852396, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**SALE**
1 Number of Tractor–TAFE MF 7250 DI E7 2WD / 2023, Registration No.- OD-01- AU - 9266,Model-2023, ENGINE NO –S3255N49513, CHASSIS NO - MEAA3119GP2494049, For Details, contact – 9437055763,7656852396, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**AFFIDAVIT**
I Banshidhar Das, S/o- Late-Rameswar Das, resident of village- Sribatsapur, Po-Dehurda, Ps-Bhograi, Dist-Balasore, Odisha, declared by affidavit before Executive Magistrate , Bhograi No.871/dtd-17/03/2025 that my actual name is Banshidhar Das in Adhar, Pan and Voter ID. But the RoR no 39,40 sthitiban of Mouza Sribatsapur and RoR no 337 sthitiban of Mouza Dehurda prepared after my name BANSHIDHAR BEHERA in place of Banshidhar Das. That after conversion my self accepting Baishnab culture I have converted my surname including the surname of my family members as Das. Banshidhar Behera and Banshidhar Das is one & same person. Hence I shall be known as Banshidhar Das for all future purpose.

ସକାଳ THE SAKALA



www.sakalaepaper.com

## ଜଗନ୍ନାଥପୁର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ମଧ୍ୟାହ୍ନଭୋଜନ ବନ୍ଦ; ଉପାସରେ ଛାତ୍ରଛାତ୍ରୀ

ବାସୁଦେବପୁର,୨୧।୮ (ସମିସ)

ବାସୁଦେବପୁର ବ୍ଲକ ଜଗନ୍ନାଥପୁର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ ଦିନ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ ଯୋଗୁଁ ଛାତ୍ରଛାତ୍ରୀ ଉପାସରେ ରହୁଛନ୍ତି । ତେଣୁ ବ୍ଲକ ଶିକ୍ଷାଧିକାରୀ ତୁରନ୍ତ ଶିଶୁଙ୍କୁ ସୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଦାବି ହେଉଛି । ପିଏମ୍ ପୋଷଣ କାର୍ଯ୍ୟକ୍ରମରେ କୁନି କୁନି ଶିଶୁଙ୍କୁ ମଧ୍ୟାହ୍ନ ଭୋଜନରେ ପୃଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ସୂଚନାଯୋଗ୍ୟ ଯେ, ଜଗନ୍ନାଥପୁର ଗ୍ରାମର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ୨୦୧ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଣ୍ଟନ ଦାୟିତ୍ୱ ଭଦ୍ରକର ଦାମୋଦର ଜୀଉ ସେବା ସଂସ୍ଥାକୁ ପ୍ରଦାନ କରାଯାଇଛି । ସୋମବାର ପିଲାଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା;ହେଲେ ଜଣେ ଛାତ୍ରୀଙ୍କ ଖାଦ୍ୟ ଥାଳିରୁ ଏକ କେଚଣ୍ଡି ବାହାରିଥିଲା ବୋଲି ଅଭିଯୋଗ ହୋଇଥିଲା । କେଚଣ୍ଡି ଦେଖି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଘୃଣା ଭାବ ସୃଷ୍ଟି ହୋଇଥିଲା । ଏପରିକି କିଛି ପିଲା ଭାତ ତରକାରୀ ନଷ୍ଟ କରିଥିଲେ ।ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ଖାଦ୍ୟର ମାନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଦାମୋଦର ଜୀଉ ସଂସ୍ଥା ସହିତ କଥା ହୋଇ ଖାଦ୍ୟ ବନ୍ଦ କରିଦେଇଥିଲେ ।

**ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଦାବି**

ତିନିଦିନ ଧରି ଖାଦ୍ୟ ବନ୍ଦ ରହିଥିବାରୁ ଛାତ୍ରଛାତ୍ରୀ ଉପାସରେ ଘରକୁ ଫେରୁଛନ୍ତି । ତେବେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ କେଚଣ୍ଡି ଆସିଲା କେଉଁଠୁ । ଏ ସମ୍ପର୍କରେ ଦାମୋଦର ଜୀଉ ସଂସ୍ଥାର ମୁଖ୍ୟ ପରିଚାଳକଙ୍କୁ ଯୋଗାଯୋଗ କରିବାରୁ ଆମ ସେଣ୍ଟ୍ରାଲ କିଚେନ ସମ୍ପୂର୍ଣ୍ଣ



ଜୀବାଣୁ ମୁକ୍ତ । ସ୍କୁଲରେ ଖାଦ୍ୟ ରଖିବା ପରେ କେଚଣ୍ଡି ପଡିଥାଇପାରେ । ଆମ ଗରମ ତରକାରୀରେ ପଡିଥିଲେ ସିଝି ଯାଇଥାନ୍ତା । ଖାଦ୍ୟ ପ୍ରଦାନ କରିବା ପରେ ଯଦି କିଛି ପୋକ, ଜୋକ, କେଚଣ୍ଡି ପଡେ ବିଦ୍ୟାଳୟର ଖାଦ୍ୟ ପରସିବା ଦାୟିତ୍ୱରେ ଥିବା ପାଚିକା ଓ ସହାୟିକା ଦାୟୀ ବୋଲି ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । ବହୁ ସମୟରେ ଖାଦ୍ୟ ନ ଘୋଡାଇବା ଆଦି ଅସାବଧାନତା ଯୋଗୁଁ ପୋକ ପଡିଥାନ୍ତି । ଏହି କେଚଣ୍ଡି ପଡିବା କାହାର ଅସାବଧାନତା ।ଯଦି କେହି ଜାଣିଶୁଣି କୌଣସି ଉଦ୍ଦେଶ୍ୟ ରଖି କେଚଣ୍ଡି ପକାଇଛନ୍ତି ତାହା ତଦନ୍ତ ସାପେକ୍ଷ । ଏ ନେଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଅଭିଯୋଗ ମିଳିବା ପରେ ତଦନ୍ତ କରି ଡିଇଓଙ୍କୁ ରିପୋର୍ଟ ପ୍ରଦାନ କରିଛୁ । ନିର୍ଦ୍ଦେଶ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ସ୍କୁଲର ଶହ ଶହ କୁନି କୁନି ଶିଶୁ ଭୋକ ଉପାସରେ ଫେରୁଛନ୍ତି । ତେଣୁ ପରବର୍ତ୍ତୀ ପଦକ୍ଷେପ ପର୍ଯ୍ୟନ୍ତ ବିଇଓ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।

## ଖାଲଖମାରେ ଭର୍ତ୍ତି ଆଗରପଡ଼ା-ମୁଣ୍ଡଳି ରାସ୍ତା



ବନ୍ତ/ଆଗରପଡ଼ା, ୨୧।୮ (ସମିସ): ଆଗରପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରୁ ମୁଣ୍ଡଳୀ ପର୍ଯ୍ୟନ୍ତ ୫ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଆବଶ୍ୟକୀୟ ମରାମତି ଅଭାବରୁ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଦୀର୍ଘ ବର୍ଷ ଧରି ଖରାପ ହୋଇପଡ଼ିବା ପରେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା । ଏଥିନେଇ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା; ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁଁ କିଛିବର୍ଷ ପରେ ପୁଣି ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଯାଇଛି । ରାସ୍ତାରେ ଗାଡ଼ିମଟର ଯିବା ଦୂରେଥାଉ ଖାଲି ପାଦରେ ଯିବା ମଧ୍ୟ ସମ୍ଭବପର ହେଉନାହିଁ । ଲଗାଣ ବର୍ଷାରେ ଖାଲ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମିରହି ଡେଙ୍ଗୁକୁ ଆମନ୍ତ୍ରଣ କଲାଣି । ବିଭିନ୍ନ ଗାଁର ଶତାଧିକ ଲୋକ ପ୍ରତିଦିନ ଏହି ରାସ୍ତା ଦେଇ ଯାଆଆସ କରୁଛନ୍ତି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ଭଦ୍ରକ,୨୧।୮ (ସମିସ): ଭଦ୍ରକର ବରିଷ୍ଠ ସାମ୍ବାଦିକ ସଞ୍ଜୟ ଦାସଙ୍କ ମାତା କୁସୁମଲତା ଦାସଙ୍କ ଗୁରୁବାର ସକାଳେ ହୃଦଘାତରେ ପରଲୋକ ଘଟିଛି । ସେ କିଛିଦିନ ହେବ ଚରମ୍ପା ୫ ନଂ ୱାର୍ଡ ପଥରଆଡ଼ି ସ୍ଥିତ ନିଜ ଘରେ ରହି ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ସେ ଜଣେ ମେଳାପୀ ଓ ଧର୍ମପ୍ରାଣ ମହିଳା ଭାବେ ପରିଚିତ ଥିଲେ । ଚରମ୍ପା ସ୍ଥିତ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ ପୁଅ ପ୍ରବୀର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ଜିଲ୍ଲାର ବହୁ ସାମ୍ବାଦିକ ଓ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ପହଞ୍ଚି ଗଭୀର ଶୋକ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## ୫ ମାସ ହେଲା ବେତନରୁ ଗୋଷ୍ଠୀ ସଂଯୋଜିକା ବଞ୍ଚିତ

ବାରିକପୁର,୨୧।୮ (ସମିସ): ଓଡିଶା ଜୀବିକା ମିଶନ ତଥା ମିଶନ ଶକ୍ତି ଦ୍ୱାରା ପରିଚାଳିତ ଏବଂ ନିଯୁକ୍ତ ହୋଇଥିବା ପଞ୍ଚାୟତ ସ୍ତରୀୟ ଗୋଷ୍ଠୀ ସଂଯୋଜିକାମାନେ ୫ ମାସ ହେଲା ବେତନରୁ ବଞ୍ଚିତ ହୋଇଛନ୍ତି । ସରକାର ଏଥିରେ ୬ଟି କ୍ୟାଡରକୁ ଅନ୍ତର୍ଭୁକ୍ତ କରିଥିବା ବେଳେ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଆଦି କର୍ମଚାରୀ ରହିଛନ୍ତି । ଏବେ ସମସ୍ତ କର୍ମଚାରୀଙ୍କୁ କାମ ଅନୁସାରେ ପ୍ରୋତ୍ସାହନ ବାବଦ ପ୍ରାପ୍ୟ ପ୍ରଦାନ କରିବାକୁ ସରକାର ନୂତନ ବ୍ୟବସ୍ଥା ପ୍ରଚଳନ କରିଥିବା ବେଳେ ମାସିକିଆ ବେତନରୁ ବଞ୍ଚିତ କରାଯାଇଛି । ଯାହାକି ଗୋଷ୍ଠୀ ସଂଯୋଜିକା ଙ୍କ ପାଇଁ ପ୍ରତାରଣା ସଦୃଶ ବୋଲି ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ରମାନେ ମାସକୁ ମାସ ଦରମା ପାଉନାହାନ୍ତି । ତେଣୁ ମହିଳା କର୍ମଚାରୀମାନେ ପାଞ୍ଚ ମାସ ଧରି ଦରମା ନପାଇ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି । ଏପଟେ କର୍ମଚାରୀମାନେ ପ୍ରୋତ୍ସାହନ ରାଶି ଗ୍ରହଣ କରୁନାହାନ୍ତି । ଏ ନେଇ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଡିଓ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଆଗାମୀ ଦିନରେ ସରକାର କୌଣସି ପଦକ୍ଷେପ ନ ଗ୍ରହଣ କରନ୍ତି ତାହାହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ବର୍ଷୀଆନ ମଞ୍ଚ ନିର୍ଦ୍ଦେଶକଙ୍କ ପରଲୋକ



ବାରିକପୁର,୨୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ପଞ୍ଚାୟତ ସୁନାହାର ଗ୍ରାମର ବର୍ଷିଆନ କଳାକାର ତଥା ମଞ୍ଚ ନିର୍ଦ୍ଦେଶକ ସୁରେନ୍ଦ୍ର ଜେନା (୬୭) ଙ୍କ ପରଲୋକ ଘଟିଛି । ସେ ଗତ ଶନିବାର ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ; ହେଲେ ବୁଧବାର ତାଙ୍କର ପରଲୋକ ହୋଇଯାଇଛି । ସେ ଜଣେ ଧର୍ମ ପରାୟଣ, ମେଳାପି, ପରୋପକାରୀ ଓ ମଞ୍ଚ କଳାକାର ଭାବେ ବେଶ ଜଣାଶୁଣା ଥିଲେ । ପୂର୍ବରୁ ବିଭିନ୍ନ ଯାତ୍ରା ଅନୁଷ୍ଠାନରେ ଅଭିନୟ କରିଥିବା ବେଳେ ସଂପ୍ରତି ଦୀର୍ଘ ବର୍ଷ ହେବ ଆଖପାଖ ଅଞ୍ଚଳର ଗ୍ରାମ୍ୟମଞ୍ଚରେ ଜଣେ ସଫଳ ନାଟ୍ୟ ନିର୍ଦ୍ଦେଶକ ଭାବେ ବେଶ ପରିଚିତ ଥିଲେ । ଏହାଛଡା ଅନେକ ଧାର୍ମିକ ଅନୁଷ୍ଠାନ ସହିତ ମଧ୍ୟ ଜଡିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ କଳାକାର ଓ ସାମାଜିକ ଅନୁଷ୍ଠାନ ବ୍ୟକ୍ତି ବିଶେଷଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିଶେଷ ଦର୍ଶନ କରିଥିଲେ । ଗାଁ ମଶାଣିରେ ଶେଷ କୃତ୍ୟ ସଂପନ୍ନ ହୋଇଥିବା ବେଳେ ପୁତ୍ର ବ୍ରଜକିଶୋର ମୁଖାଗ୍ନି ଦେଇଥିଲେ ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ

ଭଦ୍ରକ,୨୧।୮ (ସମିସ): ଜିଲ୍ଲା ସଦର ମହକୁମା ଦିବ୍ୟମ ପରିସରରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଛି । ଏହି ଦିବସଟିକୁ ପ୍ରଥମେ ୧୯୯୧ ମସିହରେ ଯୁକ୍ତରାଷ୍ଟ୍ର ଆମେରିକା ଆରମ୍ଭ କରିଥିବା ବେଳେ ସାରା ବିଶ୍ୱ ଆଜି ମଧ୍ୟ ପାଳନ କରିଆସୁଛନ୍ତି ବୋଲି ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ଏହାର ଉଦ୍ଦେଶ୍ୟରେ ସମାଜରେ ବରିଷ୍ଠମାନଙ୍କ ମହତ୍ୱ ଏବଂସରକାଙ୍କୁ ବାର୍ତ୍ତା ଦେବାରେ ଏକ ସର୍ବୋତ୍ତମ ମାଧ୍ୟମ । ବରିଷ୍ଠଙ୍କ ଜ୍ଞାନ ଜୀବନର ଅଭିଜ୍ଞତା ଏବଂ ମୂଲ୍ୟବୋଧକୁ ସମ୍ମାନ ଜଣାଇବା ସହ ଜୀବନର



ଅବଶିଷ୍ଟ ସମୟକୁ ସମ୍ମାନର ସହ ବଞ୍ଚିବାର ପ୍ରେରଣା ଯୋଗାଏ । ଏହି ସ୍ମୃତିକୁ ବର୍ଷକରେ ଥରେ ମନେ ପକାଇବା ପାଇଁ ଆମ ଜିଲ୍ଲାର ବରିଷ୍ଠ ନାଗରିକ ସମବେତ ହୋଇ ପାଳନ କରୁଥିବାରୁ ଆଜି ଦିନ ବରିଷ୍ଠଙ୍କ ପାଇଁ ଏକ ସ୍ମରଣୀୟ ଦିବସ ବୋଲି ଆଲୋଚନା କରିଥିଲେ । ଏଥିରେ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପଦେଷ୍ଟା ମଧୁସୂଦନ ସାହୁ, ଅଜୟକୁମାର ନାୟକ, ଇନ୍ଦ୍ରମଣି ପଣ୍ଡା, କୋଷାଧକ୍ଷ ବିଜୟ ସେନାପତି, କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ନାୟକ, ତ୍ରୈଲୋଚନ ବେହୁରିଆ, ଶାନ୍ତିଲତା ବାରିକ,ସଂଗୀତା ଦେ, ବାବୁଲାଲ ଦାସ, ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

**● ୩ ବର୍ଷ ହେଲା ଖରାବର୍ଷାରେ ପଡିଛି ଆଖଣ୍ଡଳମଣିଙ୍କ ଦାନହୁଣ୍ଡି**

# ନଷ୍ଟ ହେବାକୁ ବସିଛି ଲକ୍ଷାଧିକ ଟଙ୍କା

ଭଦ୍ରକ/ଆରଡି,୨୧।୮ (ସମିସ): ଭଦ୍ରକ ଜିଲ୍ଲା ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଥାଏ । ଆଗନ୍ତୁକ ଶ୍ରଦ୍ଧାଳୁ ବାବାଙ୍କୁ ଦର୍ଶନ କରିବା ସହ ମାନସିକ ସ୍ୱରୂପ ହୁଣ୍ଡିରେ ଟଙ୍କା, ସୁନା, ରୁପା ଆଦି ଆଦି ଦାନ କରିଥାନ୍ତି । ଏହି ଦାନହୁଣ୍ଡିକୁ ପ୍ରତି ୨/୩ ମାସରେ ଖୋଲାଯାଇ ଗଣତିମଣତି ପରେ ବ୍ୟାଙ୍କରେ ଜମା କରାଯାଇଥାଏ । ଏପରିକି ଉକ୍ତ ଦାନଟଙ୍କାରେ ବାବାଙ୍କ ପର୍ବପର୍ବାଣି ସହ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟରେ ଲାଗିଥାଏ । ହେଲେ ମନ୍ଦିର ପରିଚାଳନା କମିଟିର ଅଣଦେଖା ଯୋଗୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମନ୍ଦିର ଭିତର ବେଢା ଉତ୍ତର ପାଶ୍ୱର୍ରେ ଥିବା ଦାନହୁଣ୍ଡି ଅଚଳ ଅବସ୍ଥାରେ ପଡିରହିଛି । ଏହି ଅଚଳ ହୁଣ୍ଡିକୁ ଭଙ୍ଗା ଯାଇ ଟଙ୍କା ବାହାର



କରାଯିବା ପାଇଁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ତାହା ଆଜି ପର୍ଯ୍ୟନ୍ତ ଖୋଲାଯାଇନାହିଁ । ଖୋଲା ଆକାଶ ତଳେ ହୁଣ୍ଡି ପଡ଼ି ରହିଥିବାରୁ ଲକ୍ଷାଧିକ ଟଙ୍କା ବର୍ଷାରେ ଭିଜି ବା ସହ ଖରାରେ ସିଝୁଛି । ଏପରି ଅବ୍ୟବସ୍ଥାକୁ ନେଇ ଭକ୍ତଙ୍କ ମନରେ ଘୋର ଆଘାତ ସୃଷ୍ଟି କରିଛି । ଏ ନେଇ ମନ୍ଦିର ନିର୍ବାହୀ ଅଧିକାରୀ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ ମ୍ୟାନେଜିଂ ଟ୍ରଷ୍ଟିଙ୍କ ନିଷ୍ପତ୍ତି କ୍ରମେ ତହସିଲଦାର ଓ ପୁଲିସଙ୍କ ଉପସ୍ଥିତିରେ ଖୋଲାଯିବ ବୋଲି କହିଛନ୍ତି । ଅନ୍ୟପଟେ ଦୀର୍ଘଦିନ ହେବ ମନ୍ଦିର ପରିଚାଳନା କମିଟି ବୈଠକ ବସୁ ନ ଥିବାରୁ ମନ୍ଦିରରେ ବିଭିନ୍ନ ସମସ୍ୟା ଦେଖା ଦେବା ସହ ବେନିୟମ ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ସଭ୍ୟମାନେ କହିଛନ୍ତି ।

**● ପ୍ରଶାସନକୁ ମାଫିଆଙ୍କ ବେଖାତିର**

# ବେଧଡକ୍ ଚାଲିଛି ବାଲି ଚାଲାଣ; ଗ୍ରାମ୍ୟ ରାସ୍ତା ନଷ୍ଟ

ବନ୍ତ/ଆଗରପଡ଼ା,୨୧।୮ (ସମିସ): ଗ୍ରାମ୍ୟ ରାସ୍ତାଦେଇ ବେଆଇନ ଭାବେ ବଡ଼ ବଡ଼ ହାଇୱାରେ ରାତିଦିନ ବାଲି ଚାଲାଣ ହେଉଥିବାରୁ ଗ୍ରାମବାସୀ ଓ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ବର୍ଷାକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାର ସମସ୍ତ ବାଲି ଘାଟଗୁଡ଼ିକୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲେ ସୁଦ୍ଧା ବାଲି ଉତ୍ତୋଳନନ ଅନବରତ ଚାଲିଛି । ହାଟଡିହି ତହସିଲ ଅଞ୍ଚଳର ଗିରିଗାଁ, ଅମୃତପୁର, ଡିମିରିଆ, ହାବଳେଶ୍ୱର, ଗୋବିନ୍ଦପୁର ସମେତ ବିଭିନ୍ନ ବେଆଇନ ବାଲି ଘାଟରୁ ମାଫିଆମାନେ ଦୈନନ୍ଦିନ ହାଇୱା ଯୋଗେ



ବାଲି ବୋଝେଇ କରି ଗ୍ରାମ୍ୟ ରାସ୍ତାରେ ପରିବହନ କରୁଥିବା ଅଭିଯୋଗ ହୋଇଛି । ମାଫିଆମାନେ ଡ଼ଅଁର ରାସ୍ତାରେ ବନ୍ତ ତହସିଲ ବନ୍ତ-ଓଳମ ଗ୍ରାମ୍ୟ ରାସ୍ତାରେ ଆସି ନିଳୋକ ରାସ୍ତା ଦେଇ ବାରିକପୁରରେ ପହଞ୍ଚି ବିଭିନ୍ନ ସ୍ଥାନକୁ ବାଲି ଚୋରା ଚାଲାଣ କରୁଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ସେହିପରି ମାଫିଆମାନେ ଚତୁରତାର ସହ ଚଷାଖଣ୍ଡ ଗେଡ଼ମା ଗାଁ ଦେଇ ଭଣ୍ଡାରିପୋଖରୀ ତହସିଲ କୋଚିଳାପଦୀ-ନାଆଁମୀ କଲେଜ ମଞ୍ଜୁରୀରୋଡ଼ ଦେଇ ସିଧାସଳଖ ଭଣ୍ଡାରିପୋଖରୀ ୧୬ନଂ ଜାତୀୟ ରାଜପଥରେ ପହଞ୍ଚି ବିଭିନ୍ନ ଜିଲ୍ଲାକୁ ବାଲି ଚାଲାଣ କରୁଛନ୍ତି । ଫଳରେ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି । ଏପରିକି ଗ୍ରାମ୍ୟ ରାସ୍ତା ଦେଇ ବାଲି ବୋଝେଇ ଭାରୀଯାନ ଚାଲାଣ ଯୋଗୁଁ ବନ୍ତ-ଆଗରପଡ଼ା, ବନ୍ତ-ଭଦ୍ରକ ଆଦି ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମ୍ୟ ରାସ୍ତାରେ ଚୋରା ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ଜୋର୍ ଧରିଛି ।

**ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ**

# ଚାନ୍ଦବାଲି କଲେଜରେ ପାଠପଢ଼ା ବ୍ୟାଘାତ

ଭଦ୍ରକ,୨୧।୮ (ସମିସ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ରାଜ୍ୟର ମହାବିଦ୍ୟାଳୟଗୁଡିକରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଗତ ୧୮ ତାରିଖରୁ ତିନି ଦିନ ହେଲାଣି କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିରହିଛନ୍ତି ଅଧ୍ୟାପକ ଓ ଅଧ୍ୟାପିକା । ଫଳରେ କଲେଜରେ ଶିକ୍ଷାଦାନ ସହିତ



ଅନ୍ୟାନ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏବେ ପରୀକ୍ଷା ଥିବା କାରଣରୁ ପିଲାମାନେ ହଇରାଣ ହେଉଥିବା ନେଇ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି । ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନ ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲା । ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଓଡ଼ିଶାର ସମସ୍ତ କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି । ଏହି କ୍ଷେତ୍ରରେ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀମାନେ କଲେଜ ପରିସରରେ ଧାରଣା ଦେବା ସହ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସରକାର ଅନୁଦାନ ଘୋଷଣା ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି । ଏହି ଅବସରରେ ଚାନ୍ଦବାଲି ମହାବିଦ୍ୟାଳୟ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମଧ୍ୟ ସମାନ କାର୍ଯ୍ୟକୁ ସମାନ ଦରମା ପାଇଁ ଦାବି କରିଛନ୍ତି । ଦୀର୍ଘ ବର୍ଷ ଧରି ଦରମା ପାଉ ନାହାନ୍ତି । ଅଗାମୀ ଦିନରେ ସରକାର ଦାବି ପୂରଣ ନ କରନ୍ତି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଖବର ପ୍ରକାଶ ପରେ ବିଦ୍ୟୁତ୍ ତାର ସ୍ଥାନାନ୍ତର

ବନ୍ତ/ଆଗରପଡ଼ା,୨୧।୮ (ସମିସ): ଫେବୃଆରୀ ୨୫ ତାରିଖ 'ବିଦ୍ୟାଳୟ ଉପରେ ୧୧କେଭି ବିଦ୍ୟୁତ୍ ତାର; ଅଭିଯୋଗର ୨ବର୍ଷ ପରେ ବି ପଦକ୍ଷେପ ଶୂନ୍' ଶୀର୍ଷକ ଏକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଦ୍ୟାଳୟ ପରିସର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାର ସ୍ଥାନାନ୍ତରଣର ପ୍ରକ୍ରିୟା ଆରମ୍ଭ ବିଭାଗ ପକ୍ଷରୁ ହୋଇଛି । ବନ୍ତ ବ୍ଲକ ଓଡ଼ଙ୍ଗ କ୍ଲଷ୍ଟର ଅଧୀନ ୧୯୬୮ ମସିହାରେ ସ୍ଥାପିତ ସରକାରୀ ସଂଯୁକ୍ତ ମଙ୍ଗୁଳି ଉ.ପ୍ରା.ବିଦ୍ୟାଳୟ ପରିସର ଦେଇ ୧୧କେଭି ବିଦ୍ୟୁତ ତାର ଯାଇଥିବାରୁ ଏହା ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ଖେଳ କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି କରୁଛି । ବିଭିନ୍ନ ସମୟରେ ଉଚ୍ଚପଦାଧିକାରୀ ମାନେ ଏହି ବିଦ୍ୟାଳୟକୁ ପରିଭ୍ରମଣରେ ଆସୁଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ । ଏଥି ପାଇଁ ଅଭିଭାବକ ସବୁ ବେଳେ ଚିନ୍ତାରେ ରହୁଛନ୍ତି । ଏହି ସମସ୍ୟାକୁ ନେଇ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ଗତ ବର୍ଷ ୨୦୨୩ ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲାପାଳ,ବିଡ଼ିଓ ଏବଂ ବିଇଓ ଏଥିନେଇ ଅବଗତ କରାଇଥିଲେ । ଅଭିଯୋଗକୁ ଇତି ମଧ୍ୟରେ ଦୁଇ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳିନିର୍ଦ୍ଦେଶ କରୁଛି । ସରକାରୀ ସ୍ତରରେ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ କରାଯାଉଥିଲେ ସୁଦ୍ଧା ସ୍କୁଲ ମାନଙ୍କର ସଠିକ ରକ୍ଷଣାବେକ୍ଷଣ କରିବା ଓ ଏକ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ସହ ଅଧ୍ୟୟନ କ୍ଷେତ୍ରରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବାରେ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେଲେ ଏହା ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ସହ ଗ୍ରାମବାସୀ ଦାବି କରୁଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା ।



**ସକାଳ ପ୍ରଭାବ**



**ତଦନ୍ତ ଅନିଶ୍ଚିତତା; କର୍ମଚାରୀ ଗୋଷ୍ଠୀଙ୍କ ମଧ୍ୟରେ ଲାଗିରହିଛି ଉତ୍କଣ୍ଠା**

# ଛୁଟିରେ ଅଧୀକ୍ଷକ; ଦ୍ୱନ୍ଦ୍ୱ ବଢ଼ାଉଛି ସିଡିଏମଓ କାର୍ଯ୍ୟାଳୟ

ଭଣ୍ଡାରିପୋଖରୀ,୨୧।୮ (ସମିସ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ବହୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କରିଥିବା ଅଭିଯୋଗ ଏବେ ତଦନ୍ତ ନେଇ ପ୍ରହେଳିକା ସୃଷ୍ଟି ହୋଇଛି । ଦୀର୍ଘ ଦେଢ ମାସ ପୂର୍ବରୁ ହୋଇଥିବା ଏହି ଅଭିଯୋଗକୁ ଚପାଇବା ପାଇଁ ସିଡିଏମଓ କାର୍ଯ୍ୟାଳୟର ଉଦ୍ୟମ ଫସର ଫାଟିବା ପରେ ଏବେ ତଦନ୍ତର ଭେଳିକି ଚାଲୁ ରହିଛି । ଏହି ଅଭିଯୋଗ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ହୋଇଥିଲା । ସି.ଡି.ଏମ.ଓ. କାର୍ଯ୍ୟାଳୟ ବାଧ୍ୟବାଧକତାରେ ତଦନ୍ତ ପାଇଁ ଗତ ୫ ଓ ୬ ତାରିଖରେ ଅଭିଯୋଗକାରୀ ସିଏଚଓ. ଓ ଅଧୀକ୍ଷକଙ୍କଠାରୁ ସନ୍ଦେହ ଜନକ ଭାବେ ବୟାନ ରେକର୍ଡ କରିଥିଲା । ତଦନ୍ତକୁ ଭିନ୍ନ ମୋଡ ଦେବା ପାଇଁ ଅଧୀକ୍ଷକଙ୍କ ଅନୁଗତ ସ୍ୱାସ୍ଥ୍ୟକର୍ମୀ ଗୋଷ୍ଠୀ ସି.ଏଚ.ଓ.ଙ୍କ ବିରୋଧରେ ଆଣିଥିବା ସଦ୍ୟ ଅଭିଯୋଗକୁ ମୂଳ ତଦନ୍ତ ସହ ଯୋଡି ଦିଆଯାଇ ସି.ଡି.ଏମ.ଓ. କାର୍ଯ୍ୟାଳୟ ତଦନ୍ତ ପ୍ରକ୍ରିୟାକୁ ଅଯାଚିତ ଭାବେ ଦୀର୍ଘ କରାଯାଇଛି । ଏଥିପାଇଁ ଗତ ୧୧ ତାରିଖରେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରୁ ୨ଟି ବୋଲେରୋ ଯୋଗେ ସ୍ୱାସ୍ଥ୍ୟକର୍ମୀମାନେ ସି.ଡି.ଏମ.ଓ. କାର୍ଯ୍ୟାଳୟକୁ ଯାଇ ବୟାନ ଦେଇଥିବା ଜଣାଯାଇଛି । ପୁନଶ୍ଚ ୧୨ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରର ଅର୍ଥ ପରିଚାଳନା କର୍ମଚାରୀମାନେ ନିର୍ଦ୍ଦେଶ ମୁତାବକ ସି.ଡି.ଏମ.ଓ. କାର୍ଯ୍ୟାଳୟକୁ ଯାଇ ତଦନ୍ତରେ ସାମିଲ ହୋଇଥିବା ଜଣାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କଠାରୁ ସି.ଡି.ଏମ.ଓ. କାର୍ଯ୍ୟାଳୟ ବୟାନ ରେକର୍ଡ କରାଯିବ ବୋଲି ଶୁଣାଯାଉଛି । ଗତ ୧୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅଧୀକ୍ଷକ ଡା. ସ୍ୱାଇଁଙ୍କ ବିରୋଧରେ ଏଭଳି ତଦନ୍ତ ହେବା ପ୍ରଥମ ଘଟଣା । ପୂର୍ବରୁ ସବୁ ଅଭିଯୋଗକୁ ଅକାମୀ କରିଦେଉଥିବା ଡା. ସ୍ୱାଇଁ ଏବେ ତଦନ୍ତକୁ ନେଇ ବିଚଳିତ ହେବା ସହ ଗତ ୮ ଦିନ ଧରି ଛୁଟିରେ ରହିଥିବା ଜଣାଯାଇଛି । ଏଥିସହ ବହୁ ଗୋଷ୍ଠୀରେ ବିଭାଜିତ ହୋଇ ପରସ୍ପରକୁ ଅକଳରେ ପକାଉଥିବା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଗୋଷ୍ଠୀ ତଦନ୍ତର ଫଳାଫଳକୁ ନେଇ ଉତ୍କଣ୍ଠା ମଧ୍ୟରେ ରହିଥିବାରୁ ରୋଗୀସେବା ଉପରେ ଏହାର କୁପ୍ରଭାବ ପରିଲକ୍ଷିତ ହୋଇଛି । ଡା. ସ୍ୱାଇଁଙ୍କ ସମୟରେ ଗୋଷ୍ଠୀସ୍ୱାସ୍ଥ୍ୟ କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ଅବିଶ୍ୱାସ ଓ ସନ୍ଦେହ ଲାଗି ରହି ବିଶୃଙ୍ଖଳିତ ଭାବ ଦେଖାଦେଇଛି । ସମ୍ପ୍ରତି ତଦନ୍ତ ସମୟରେ ଡା.ସ୍ୱାଇଁ ନିର୍ଦ୍ଦୋଶ ସାବ୍ୟସ୍ତ ହୋଇ ଅଧୀକ୍ଷକ ଭାବେ ପୁନଃ କାର୍ଯ୍ୟ ଆରମ୍ଭ କଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୃଙ୍ଖଳା ଫେରିବ ନାହିଁ ବୋଲି ତଦନ୍ତ ସମୟରେ ଖୋଦ କର୍ମଚାରୀମାନେ ମତଦେଇଛନ୍ତି ବୋଲି ଚର୍ଚ୍ଚା ଲାଗି ରହିଛି । ଅନ୍ୟପକ୍ଷରେ ସି.ଡି. ଏମ.ଓ. କାର୍ଯ୍ୟାଳୟ ତଦନ୍ତରୁ ନ୍ୟାୟ ମିଳିବ ନାହିଁ ବୋଲି ପୁର୍ବାନୁମାନ କରି ସି.ଏଚ.ଓ.ମାନେ ପରିବର୍ତ୍ତୀ ପଦକ୍ଷେପ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ରହିଛି । ଅଳ୍ପ ଦିନ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସିଡିଏମଓ ଡା. ଉମାଚରଣ ବିଶ୍ୱାଳ କହିଛନ୍ତି ।

# ୫୦ ହେକ୍ଟର ଜମିରେ ଧାଡ଼ି ରୁଆ



ବାରିକପୁର,୨୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ହାଜିପୁର ଓ ପୁରସ୍ତମପୁରଠାରେ କୃଷି ବିଭାଗ ପକ୍ଷରୁ ଚଳିତବର୍ଷ ଧାଡ଼ିରୁଆ କାର୍ଯକ୍ରମ ହାତକୁ ନିଆଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଦ୍ୱାରା ଫସଲ ପର୍ଯ୍ୟାୟ ଭିତ୍ତିକ ଯୋଜନାରେ ଚାଷୀମାନେ ଏହି ଧାଡି ରୁଆ କାର୍ଯ୍ୟ କରିଛନ୍ତି। ପ୍ରାୟ ୫୦ ହେକ୍ଟର ଚାଷଜମିରେ ଧାଡିରୁଆ ହେଉଥିବା ବେଳେ ଏଥିପାଇଁ ବିହନ, ପ୍ରୋତ୍ସାହନ ରାଶି ଓ ସ୍ୱତନ୍ତ୍ର କାଣ୍ଡ ବିନ୍ଧା ପୋକ ଦମନ ପାଇଁ କୀଟ ନାଶକ ଚାଷୀଙ୍କୁ ଯୋଗା ଯାଇଛି। ଏହାଛଡା ରୁଆ ପରବର୍ତ୍ତୀ ସମୟରେ ଜମି ହିଡ଼ରେ ବିରି ବୁଣିବା ପାଇଁ ମଧ୍ୟ କୃଷି ବିଭାଗ ବିହନ ଯୋଗାଇଦେବ। ଏହି ଯୋଜନାରେ ରବି ଋତୁରେ ମଧ୍ୟ ଉକ୍ତ ଅଞ୍ଚଳରେ ଡାଲି ଜାତୀୟ ଫସଲ ପାଇଁ ଚାଷୀଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ। ପର୍ଯ୍ୟାୟଭିତ୍ତିକ ଚାଷ ପାଇଁ ଚାଷୀ ଭାଇଙ୍କ ମଧ୍ୟରେ ଏଥିପାଇଁ ସଚେତନତା ସୃଷ୍ଟି ହୋଇଛି। ବ୍ଲକ କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ କୃଷି କର୍ମଚାରୀ ନିରୁପମା ନାୟକ ଦୈନିକ କୃଷି କ୍ଷେତ୍ର ପରିଦର୍ଶନ କରି ଧାଡ଼ି ରୁଆ ତଦାରଖ କରୁଥିବା ଜଣାପଡିଛି।

# ନଭେମ୍ବର ସୁଦ୍ଧା ଆବାସ ଗୃହ ସମ୍ପୂର୍ଣ୍ଣ ନିର୍ଦ୍ଦେଶ



ଧାମନଗର, ୨୧।୮ (ସମିସ): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଯେଉଁ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୮ ରୁ ୨୦୨୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟାଦେଶ ପାଇ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିନାହାଁନ୍ତି ସେମାନେ ଯଥାଶୀଘ୍ର ସେମାନେ ନଭେମ୍ବର -୨୦୨୫ ଶେଷସୁଦ୍ଧା ଆରମ୍ଭ ହୋଇଥିବା ନିଜ ନିଜର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏନଏସି କାର୍ଯ୍ୟାଳୟ ପକ୍ଷରୁ ତାଗିଦ ସହ ସୂଚନା ମଧ୍ୟ ଦିଆଯାଇଛି। ଯଦି ତାହା ନକରନ୍ତି, ପାଇବାକୁ ଥିବା ଗୃହକାର୍ଯ୍ୟର ପୁରସ୍କାର ତଥା ବଳକା ଟଙ୍କା ଆଉ ସରକାରଙ୍କ ତରଫରୁ ପାଇପାରିବେନାହିଁ। ଏଥିପାଇଁ ଗୃହର କାର୍ଯ୍ୟାଦେଶ ପାଇଥିବା ସମସ୍ତେ ହିତାଧିକାରୀ ଯତ୍ନବାନ ହେବାର ଆବଶ୍ୟକ ରହିଛି ବୋଲି ଅଫିସ ତରଫରୁ କୁହାଯାଇଛି। କୌଣସି ବ୍ୟତିକ୍ରମ କ୍ଷେତ୍ରରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଦାୟୀ ରହିବ ନାହିଁ ବୋଲି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଆଗକୁ ତଥା ୨୦୨୫/୨୬ ବର୍ଷର ପାଇଁ ଯେଉଁମାନେ ଘର ଆବେଦନ କରିଛନ୍ତି ସେମାନଙ୍କୁ ଘର ଦେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ବିଭାଗୀୟ ଅଧିକାରୀଠାରୁ ସୂଚନା ମିଳିଛି।

# ଆତ୍ମହତ୍ୟା ସଚେତନତା କାର୍ଯ୍ୟକ୍ରମ



ବନ୍ତ/ଆଗରପଡ଼ା,୨୧।୮ (ସମିସ): ଭଦ୍ରକ ଜିଲ୍ଲା ଓ ଆଗରପଡ଼ା ପୋଲିସ ପକ୍ଷରୁ ଆତ୍ମହତ୍ୟା, ସାଇବର କ୍ରାଇମ ଓ ଆଇନ ସଚେତନତା ଶିବିର ଆଗରପଡ଼ା କଲେଜରେ ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନାଙ୍କ ସ୍ୱାଗତ ଭାଷଣ ପରେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଫେଲୋସିପ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ବିଭିନ୍ନ ଗପ ଓ ଉଦାହରଣ ମାଧ୍ୟମରେ ଏସଂପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଫ୍ୟାମିଲ କାଉନସେଲିଂ କାଉନସିଲର ପ୍ରିୟଙ୍କା ଜେନା, ସ୍ନେହଲତା ପଣ୍ଡା, ୱାନ ଷ୍ଟପ କେନ୍ଦ୍ର ଆଡ଼ମିନ ପୁଷ୍ପାଞ୍ଜଳୀ ବେହେରା ସଚେତନ ବାର୍ତ୍ତା ଦେଇଥିଲେ। କଲେଜ ଅଧ୍ୟକ୍ଷ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଅଧ୍ୟାପିକା କବିତା ମଂଜରୀ ସୁବୁଦ୍ଧିରାୟ, ସନ୍ଧ୍ୟାରାଣୀ ନାୟକ, ପ୍ରେମଲତା ଦାଶ, ସଂଯୁକ୍ତା ଜେନା, ଜୟନ୍ତୀ ମଲ୍ଲିକ, ଅଧ୍ୟାପକ ହରିହର ଦାସ, ପ୍ରଶାନ୍ତ ନାୟକ,ମହେଶ୍ୱର ମଲ୍ଲିକ,ଅଶୋକ ସାହୁ, ମମତା ପଣ୍ଡା, ଛାତ୍ରୀ ଅନନ୍ୟା ପୁହାଣ, ଲିପ୍ସା ରାଣୀ ନାୟକ, ଦିପ୍ତୀମୟୀ ଜେନା ପ୍ରମୁଖ ସେକ୍ସୁଆଲ ହାରାସମେଣ୍ଟଆଇସିସିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ମହେଶ୍ୱର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ମହମ୍ମଦଙ୍କ ପବିତ୍ର ଜନ୍ମବାର୍ଷିକୀ ଉତ୍ସବ ପ୍ରସ୍ତୁତି

# ଶୋଭାଯାତ୍ରାରେ ଡିଜେ ବନ୍ଦ, ମେଢ଼ର ଉଚ୍ଚତା ୧୧ ଫୁଟ୍ ମଧ୍ୟରେ

ଭଦ୍ରକ, ୨୧।୮ (ସମିସ)

ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରଫେଟ ମହମ୍ମଦଙ୍କ ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ସୁଧୀର ରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ସମେତ ଶାନ୍ତି କମିଟିର ସଦସ୍ୟ ଏବଂ ମୁସଲିମ ଜମାତର କର୍ମକର୍ତ୍ତା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଶାନ୍ତି କମିଟିର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଆଜିର ବୈଠକର ଉଦ୍ଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ପବିତ୍ର ଜନ୍ମବାର୍ଷିକ ଉତ୍ସବରେ ଡିଜେର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରାଯିବା



- ସୋସିଆଲ ମିଡିଆ ଅପପ୍ରଚାରରେ ଅଂକୁଶ
- ବିଦେଶୀ ପତାକା ବ୍ୟବହାରରେ ପ୍ରତିବନ୍ଧକ

ସହିତ ବିଦେଶୀ ପତାକାର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯିବା, ସୋସିଆଲ ମିଡିଆରେ (ସାମାଜିକ ଗଣମାଧ୍ୟମ) ଯେପରି କୌଣସି ଧର୍ମକୁ ଆକ୍ଷେପ କିମ୍ବା ଗୁଜବ ପ୍ରଚାର ନକରିବା ଦିଗରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଆଲୋଚନା କରାଯାଇଥିଲା। ଉତ୍ସବ ପରିପ୍ରେକ୍ଷୀରେ ମେଢ଼ର ଉଚ୍ଚତା ୧୧ ଫୁଟ୍ ମଧ୍ୟରେ ସୀମିତ ରଖିବାକୁ ମଧ୍ୟ ଆଲୋଚନା ହୋଇଛି। ପ୍ରାରମ୍ଭରେ ସିରତ କମିଟି, ମୁସଲିମ ଜମାତର ସଭାପତି ଅବଦୁଲ ମୋକିତ୍ ଖାଁ ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ପବିତ୍ର ଜନ୍ମ ବାର୍ଷିକ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ ସହିତ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଉତ୍ସବଟି ସେପ୍ଟେମ୍ବର ୫ କିମ୍ବା ୬ରେ ପାଳନ କରାଯିବା ନିମନ୍ତେ ଧାର୍ଯ୍ୟ କରାଯାଇଛି।

ନିର୍ଦ୍ଧାରିତ ସମୟରେ ବିଭିନ୍ନ ସାହି ବସ୍ତିରୁ ୭୫ଟି ତାଜିଆ ବାହାରିବା ସହିତ ଏହି ଶୋଭାଯାତ୍ରାରେ ପ୍ରାୟ ୨୫ ହଜାରରୁ ଅଧିକ ମୁସଲିମ ସଂପ୍ରଦାୟରେ ଧାର୍ମିକ ବ୍ୟକ୍ତି ବିଶେଷ ଯୋଗ ଦେବେ ବୋଲି ସିରତ କମିଟି, ମୁସଲିମ ଜମାତ, ଭଦ୍ରକର ସଭାପତି ଅବଦୁଲ ମୋକିତ୍ ଖାଁ ସୂଚନା ପ୍ରଦାନ କରିଥିଲେ। ସେହିପରି ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ରୋଟାରିଆନ ତଥା ଶାନ୍ତି କମିଟିର ସଦସ୍ୟ ଅସିତ ବେହେରା, ସମାଜସେବୀ ସୁଧାକର ରାଉତ, ଗୌରାଙ୍ଗ ପଣ୍ଡା, ସେକ ଉମର ଅଲ୍ଲୀ, ଏସଏମ ଫାରୁକ, ସେକ ମହମ୍ମଦ ଜକାଉଲ୍ଲା, ସେକ ଏନାମ ମହମ୍ମଦ, ହବିବୁଲ୍ଲା ଖାଁ, ଜମିଲ ଅକତର ଖାଁ, ମିର୍ଜା ଏକ୍ରାମ ବେଗ, ସେକ ରଜାଏ ରସୁଲ, ଅସରଫ ଅଲ୍ଲୀ ଖାଁ ପ୍ରମୁଖ ଦିଗଦର୍ଶନ ପ୍ରଦାନ କରିଥିଲେ। ରାସ୍ତାଘାଟର ମରାମତି, ଆଲୋକୀକରଣ, ପାନୀୟ ଜଳଯୋଗାଣ ଏବଂ ପରିମଳ ବ୍ୟବସ୍ଥା, ସହରରେ ନିରବଚ୍ଛିନ ବିଦ୍ୟୁତ ଯୋଗାଣ, ବେଆଇନ ମାଦକ ଦ୍ରବ୍ୟ ଉପରେ କଟକଣା, ଅଗ୍ନିଶମ ବିଭାଗ ସେବାର ସୁବିନିଯୋଗ, ଯାନ ବାହନ ଚଳାଚଳ ନିୟମକୁ କଡାକଡି ପାଳନ କରିବା ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଡାକ୍ତରୀ ସେବା ଯୋଗାଇଦେବା ସହିତ ଆମ୍ବୁଲାନ୍ସ ସହ ମେଡିକାଲ ଟିମର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ରାସ୍ତାକୁ ଆର ପାରି କରି କୌଣସି ତୋରଣ କରାଯିବ ନାହିଁ। ଲାଉଡ ସ୍ପିକର ପାଇଁ ଉପଜିଲ୍ଲାପାଳ, ଭଦ୍ରକ ଓ ମାର୍ଗ ଅନୁମତିପାଇଁ ସିଟି ଡିଏସପିଙ୍କ ପାଖରୁ ଅନୁମତି ନେବେ। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ) ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ବଗିଚା ଯୋଜନା ବାଟବଣା

# ଗ୍ରାମ୍ୟ ବଜାରରେ ପରିବା ଦର ଆକାଶଛୁଆଁ

ବାରିକପୁର, ୨୧।୮ (ସମିସ): ସହର ବଜାରକୁ ଛାଡ଼ିଦେଲେ ଗ୍ରାମାଞ୍ଚଳରେ ମଧ୍ୟ ଦିନକୁ ଦିନ ପନିପରିବା ଦର ବୃଦ୍ଧି ପାଉଛି। ଏହାର ପ୍ରତିକାର ଦୃଷ୍ଟିରୁ ସରକାରଙ୍କ 'ମୋ ବଗିଚା ଯୋଜନା' ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସମ୍ପୂର୍ଣ୍ଣ ଫେଲ ମାରିଛି। ସୂଚନା ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶା ଜୀବିକା ମିଶନ ଦ୍ୱାରା ଏସଏଚଜି ମହିଳାଙ୍କୁ ନେଇ ଏହି ଯୋଜନା ଶୁଭାରମ୍ଭ ହୋଇଥିଲା। ବାଡି ବଗିଚାରେ ପନିପରିବା ଚାଷ ପାଇଁ ମଞ୍ଜି ସହିତ ସଜନା ଓ ଅମୃତଭଣ୍ଡା ଭଳି ଚାରା ଯୋଗାଇ ଦିଆଯାଇଥିଲା। ଏହାଛଡା ମହିଳା ହିତାଧିକାରୀଙ୍କୁ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଯୋଜନାଟି ପ୍ରଥମ ବର୍ଷ କାର୍ଯକାରୀ ହୋଇଥିବା ବେଳେ ଏହା ପରଠାରୁ ଉଭାନ ହୋଇଯାଇଛି। ଯଦିଓ ପ୍ରଥମେ ପରିଚାଳନାଗତତ୍ରୁଟି ଯୋଗୁଁ ଏଥିରେ ଅନେକ ଅନିୟମିତତା ଅଭିଯୋଗ ହୋଇଥିଲା କିନ୍ତୁ ଏହାକୁ ପୁନଃ କାର୍ଯକାରୀ କରିବା ପାଇଁ ପ୍ରଶାସନ ପକ୍ଷରୁ ଏଯାଏଁ ଦୃଷ୍ଟି ଦିଆ



ଯାଉନାହିଁ। ଏପଟେ ବାଡି ବଗିଚା ପଡିଆ ପଡ଼ିଥିବା ବେଳେ ଗ୍ରାମାଞ୍ଚଳ ବଜାରଗୁଡ଼ିକରେ ଆମଦାନୀ ପନିପରିବା ମୂଲ୍ୟ ଆକାଶଛୁଆଁ ହେଉଛି। ମାଳଦାଠାରୁ ଆରମ୍ଭ କରି ମଞ୍ଜୁରୀ ରୋଡ, ବାରିକପୁର, ଆଖୁଆପଦା, ଧାମନଗର ଛକ ପ୍ରମୁଖ ବଜାରରେ ପରିବା କିଣିବା ଅସମ୍ଭବ ହେଉଛି। ବାହାରୁ ପରିବା ଆସୁଥିବା ଯୋଗୁଁ ଏହାର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଗ୍ରାମ୍ୟ ବଜାରରେ ବର୍ଷାଦିନିଆ ପନିପରିବା ମୂଲ୍ୟ ମଧ୍ୟ ଢେର୍ ଅଧିକ ରହୁଛି। ବଜାରରେ ଫୁଲିକୋବି, ବିଲାତି, ସଜନା, ଗାଜର, ବନ୍ଧା କୋବି, ପୋଟଳ ପ୍ରଭୃତି ପରିବା ଦର ଅଧିକ ରହୁଥିବା ବେଳେ ଛଅଁଶା, ଭେଣ୍ଡି, ଝୁଡୁଙ୍ଗ, କଖାରୁ, ଜହ୍ନି, କାକୁଡି ଆଦି ଦେଶୀ ପରିବା ଦର ମଧ୍ୟ କିଛି କମ୍ ନାହିଁ। ଏଗୁଡିକ ଆଗରୁ ଗାଁ ପାଳବାଡିରେ ହେଉଥିବା ବେଳେ ଏହାର ବଜାର ମୂଲ୍ୟ ପ୍ରାୟ ସ୍ଥିର ରହୁଥିଲା। ଏବେ କିନ୍ତୁ ଦେଶୀୟ ପନିପରିବା ଆମଦାନୀ ହେଉଥିବା ଯୋଗୁଁ ଏଗୁଡ଼ିକର ଦର ଆକାଶଛୁଆଁ ହେଉଛି। ସାଧାରଣ ଲୋକଙ୍କ ପକ୍ଷେ ଦୈନିକ ପନିପରିବା କିଣିବା କଷ୍ଟକର ହୋଇପଡୁଛି। ଏହାକୁ ବିଚାରକୁ ନେଇ ଦୀର୍ଘ ମିଆଦି ଯୋଜନା ଭାବେ ପୁଣି ଥରେ ମୋ ବଗିଚା କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ କରିବାକୁ ଦାବି ହୋଇଛି।

# ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ବିୟୋଗ

ବନ୍ତ/ଆଗରପଡ଼ା,୨୧।୮ (ସମିସ): ଆଗରପଡ଼ା ବଡମହିଷଗୋଠ ପଞ୍ଚାୟତ ହରିପୁର ଗ୍ରାମର ଅବସରପ୍ରାପ୍ତ ସମବାୟ କର୍ମଚାରୀ ପ୍ରଭାକର ପଣ୍ଡା(୭୪)ଙ୍କ ପରଲୋକ ହୋଇଛି। ଗୁରୁବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରୁଥିବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ପ୍ରଥମେ ପୁରୁଷଣ୍ଡି ସେବା ସମବାୟ ସମିତିରେ ସହସମ୍ପାଦକ ଏବଂ ପଦୋନ୍ନତି ପରେ ସରମରା ସମିତିର ସମ୍ପାଦକ ଓ ଭଦ୍ରକ-ବାଲେଶ୍ୱର ବ୍ୟାଙ୍କର କ୍ୟାସିୟର ଭାବେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ଅବସର ପରେ ବିଭିନ୍ନ ଆଧ୍ୟାତ୍ମିକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମାନ୍ୟଗନ୍ୟ ବ୍ୟକ୍ତି, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଶେଷ ଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ବିଧବା ପତ୍ନୀ, ଭାଇତଥା ଅବସର ପ୍ରାପ୍ତ ଅର୍ଥ ବିଭାଗର ଯୁଗ୍ମ ସଚିବ ପ୍ରଫୁଲ୍ଲ ପଣ୍ଡା, ପୁତ୍ର ଜ୍ୟୋତିଶଙ୍କର ଓ ଗିରିଜାଶଙ୍କର, ପୁତ୍ରବଧୂ, ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ପରିକ୍ରମା କରାଯାଇ ଶବ ଦାହ କରାଯାଇଥିଲା।

# ଜଳସମ୍ପଦ ବିଭାଗ ତତ୍ପର; ବାଲା ପକାଇ ଆରମ୍ଭ ହେଲା କୋଚିଲା ବନ୍ଧ ନିର୍ମାଣ

ଅସୁରାଳି, ୨୧।୮ (ସମିସ): 'ସକାଳ'ରେ ଏକ ଖବର ଆଧାରରେ ଜଳସମ୍ପଦ ବିଭାଗ ତତ୍ପରତାର ସହ କାର୍ଯ୍ୟ ଆରମ୍ଭ କରିଛି। 'କୋଚିଲା ନଦୀବନ୍ଧରେ ୩୦୦ ଫୁଟ ଫାଟ' ଖବର ପ୍ରକାଶିତ ହେବା ପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ଚେଇଁ ଉଠିଛି ଜଳ ସମ୍ପଦ ବିଭାଗ। ବିଭାଗ ମୁଖ୍ୟ ଶରତ ଘଡାଇଙ୍କ ନିର୍ଦ୍ଦେଶରେ ଜେଇଇ ବିମଳ ବେହେରା ଧସି ଯାଇଥିବା ସ୍ଥାନକୁ ଯାଇ ଯାଞ୍ଚ କରିବା ସହ ବାଲା ବାନ୍ଧି ମରାମତି କାର୍ଯ୍ୟ ଆରମ୍ଭ କରାଇଛନ୍ତି। ମାତ୍ର ପ୍ରଶ୍ନ ଉଠୁଛି, ଏହାର କେବେ ହେବ ସ୍ଥାୟୀ ପ୍ରତିକାର? କେବେ ହେବ କୋଚିଲା ବନ୍ଧ ନିର୍ମାଣ? କେତେଦିନ ଲୋକମାନେ କୋକୁଆ ଭୟରେ ରହିବେ? ଧାମନଗର ବ୍ଲକରେ ପ୍ରବାହିତ ହେଉଥିବା ଉପର ସଇଲୋ ଗ୍ରାମ ନିକଟ କୋଚିଲା ନଦୀର ଡାହାଣ ପାର୍ଶ୍ୱ ନଦୀ ବନ୍ଧରେ ପାଖାପାଖି ୩୦୦ ଫୁଟ ଫାଟ



ଦେଖାଦେଇଛି। ବର୍ଷକ ମଧ୍ୟରେ ଏଠାରେ ୪ ଥର ଫାଟ ଦେଖା ଦେଇଛି ହେଲେ ଜଳ ସମ୍ପଦ ବିଭାଗ ଅଧିକାରୀ ତାଳି ପକାଇ ବ୍ୟୟ ଅଟକଳ ଫଳକ ନମାରି ଲକ୍ଷଲକ୍ଷ ଟଙ୍କା ହଡପ କରିଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ କେଇ ଦିନ ମଧ୍ୟରେ ପୁଣି ବନ୍ଧ ଫାଟିବା ସହ ଦବିଯାଇଥିଲା। ସେହି ସ୍ଥାନରେ ଖାଲି ବନ୍ଧ ଫାଟିନି ପାଖାପାଖି ୫୦ ଫୁଟ ହେବ ବନ୍ଧ ନଦୀ ଗର୍ଭକୁ ଧସିଯାଇଛି। ମାତ୍ର ମାସେ ପୂର୍ବରୁ ଏଠାରେ ବନ୍ୟା ଯୋଗୁଁ ମାଟି ଅତଡ଼ା ଖସିଥିଲା। ବିଭାଗୀୟ ଅଧିକାରୀ ବାଉଁଶ ବହ୍ଲା ମାରିବା ସହ ବାଲିବସ୍ତା ପକାଇଥିଲେ। ବନ୍ଧ ଫାଟିବାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି ଯେ ପ୍ରାଥମିକ ଭାବେ ବନ୍ଧ କାର୍ଯ୍ୟ କରୁଥିବା ସମୟରେ କାହିଁକି ଦୃଷ୍ଟି ଦିଆଗଲା ନାହିଁ? ନିମ୍ନମାନର କାର୍ଯ୍ୟ ଯୋଗୁଁ ବାରମ୍ବାର ସମାନ ସ୍ଥାନରେ ଗର୍ତ୍ତ, ଘାଇ ସୃଷ୍ଟି ହେଉଛି। ପଥର ପ୍ୟାକିଂରେ ତ୍ରୁଟି ଓ ରୁଲିଂ କରି ନଥିବାରୁ ବନ୍ଧଗୁଡ଼ିକ ବହୁଦିନ ପର୍ଯ୍ୟନ୍ତ ଟେକି ରହିପାରୁ ନାହିଁ। ମାନଦୀବନ୍ଧର ଦୁରବସ୍ଥାକୁ ଦେଖି ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପୁଣି ଥରେ ବନ୍ୟା ହେଲେଗାଁରେ ୧୦୦ରୁ ଅଧିକ ପରିବାର ଏହାଦ୍ୱାରା ପ୍ରଭାବିତ ହେବେ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ଦୋଷ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ସମୟ କହିବ କେବେ ହେବ କୋଚିଲା ବନ୍ଧ ନିର୍ମାଣ।

'ସକାଳ' ପ୍ରଭାବ

# ଆଖଣ୍ଡଳମଣି-ଭଦ୍ରକ ରାସ୍ତା ପାଲଟିଛି ଠିକାଦାର-ଅଧିକାରୀଙ୍କ ଶାଗକିଆରି

ଅସୁରାଳି, ୨୧।୮ (ସମିସ): ଭଦ୍ରକ-ଆଖଣ୍ଡଳମଣି ୩୮ କିମି ରାସ୍ତା ବସରେ ଯିବାକୁ ହେଲେ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏହି ରାସ୍ତାକୁ ସମ୍ପ୍ରସାରଣ କରିବା ପାଇଁ ୫ ବର୍ଷ ବିତିଲାଣି। ଠିକାଦାର ନିଜ ମନମାନିଆରେ କାମ ଚାଲୁ ରଖିଛନ୍ତି। ଲୋକେ ଯେତେ ଅଭିଯୋଗ କଲେ ବି ସେ ବିଭାଗୀୟ ଅଧିକାରୀଙ୍କ ଛତ୍ରଛାୟା ତଳେ ଥିବାରୁ ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ପୁରୁଣା ୫୦୦୦ ଗଛ କଟାଯାଇଛି। ପୁରୁଣା ଶ୍ରାବଣୀ ଯାତ୍ରା ପୂର୍ବରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଏହାକୁ କର୍ଣ୍ଣପାତ କଲା ଭଳି କାମ ପରିଲକ୍ଷିତ ହେଉନାହିଁ।

ମଙ୍ଗଳପୁରଠାରୁ ଅସୁରାଳି ମଧ୍ୟରେ ସ୍ଥାନେସ୍ଥାନେ ପିଚୁ ଉଠି ଯାଇଥିବା ବେଳେ ପୁନଃ ପିଚୁ କାମ କରାଯିବାର ପ୍ରତିଶ୍ରୁତି ଦେଇ ଠିକାଦାର ତୁନି ହୋଇ ବସିଛନ୍ତି। ସେହି ସ୍ଥାନରେ ଦୁର୍ଘଟଣା ଘଟୁଥିଲେ ବି ବିଭାଗୀୟ ଅଧିକାରୀଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିକଟରେ ପତ୍ରିସାହି



ନିକଟରେ ହୋଇଥିବା ପିଚୁ କାମ ସଂପୂର୍ଣ୍ଣ ରୂପେ ନିମ୍ନମାନର ଓ ଦିନକ ପରେ ପିଚୁ ଉଠି ଯାଇଛି। ସେହିପରି ସୁନ୍ଦରପୁର, ଦୋହରାପାଟଣା ଏବଂ ମଠଡିହ ନିକଟରେ ରାସ୍ତା ଖାଲଖମାରେ ଭରି ରହିଥିବା ବେଳେ କିଛି ସ୍ଥାନରେ କେଇବସ୍ତା ଡଷ୍ଟ ପକାଇ ଧର୍ମକୁ ଆଖିଠାର ମାରିଲା ଭଳି କାର୍ଯ୍ୟ ସାରିଛି ପୂର୍ତ୍ତ ବିଭାଗ। ଧାମନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ମତ ଦେଇଛନ୍ତି ଯେ ବିଧାୟକ ଥିବା ବେଳେ ସୂର୍ଯ୍ୟବଂଶୀ ସୁରଜ୍ ବାରମ୍ବାର ଏହି ରାସ୍ତାରକୁ ବିଧାନସଭାରେ ଉପସ୍ଥାପନ କରୁଥିଲେ ମାତ୍ର ମନ୍ତ୍ରୀ ହେବା ପରଠୁ ରାସ୍ତା କଥା ଭୁଲିଗଲେଣି। ଧୂଷୁରି ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକଙ୍କ କହିବାନୁଯାୟୀ, ଭଦ୍ରକ-ଆରଡ଼ି ରାସ୍ତା ଏକ ପ୍ରମୁଖ ରାସ୍ତା। ୫ ବର୍ଷ ଧରି ରାସ୍ତା କାର୍ଯ୍ୟ ନାଁରେ କଣ ହେଉଛି ଜନତାକୁ ଆଉ ଅଛପା ନାହିଁ! ନେତାଙ୍କ ପ୍ରତିଶ୍ରୁତି ଜନତାଙ୍କ





## ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା

ମୁଣ୍ଡବ୍ୟଥାର କାରଣ ପାଲଟିଛି। ଉକ୍ତ ରାସ୍ତାର ସମ୍ପୂର୍ଣ ହେବା ବର୍ତ୍ତମାନ ସ୍ୱପ୍ନ ଭଳି ଲାଗୁଛି। ଆଇନଜୀବୀ ଶଶିଭୂଷଣ ପଣ୍ଡା କହିଛନ୍ତି "ଯଦି ଆଗାମୀ ମାସେ ମଧ୍ୟରେ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ନ ହୁଏ ଧୂଷୁରିଠାରେ ରାସ୍ତାରୋକ କରାଯିବ'। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସଡିଓ ମହେଶ୍ୱର ସାହୁ କହିଛନ୍ତି କି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିନିଧି, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ଭଦ୍ରକ ଉପଜିଲାପାଳ ଗୁରୁବାର ସୁନ୍ଦରପୁର, ଦୋହରାପାଟଣା, ମଠଡିହ ଯାଇ ରାସ୍ତାର ଅବସ୍ଥା ଦେଖିଛନ୍ତି। ବର୍ଷା ଛାଡିଲେ ଏସବୁ ସ୍ଥାନରେ ରାସ୍ତାର ସ୍ଥାୟୀ ମରାମତି କରାଯିବ। ଏଥିପାଇଁ ମଧ୍ୟ ଟେଣ୍ଡର କାର୍ଯ୍ୟ ସରିଛି।

# ଇଞ୍ଜିନ୍ ଚାଳିତ ଯୁଗରେ ହଜିଗଲାଣି ରିକ୍ସା

ବାରିକପୁର, ୨୧।୮ (ସମିସ): ଅତୀତରେ ଗାଁ ଗହଳିଠାରୁ ଆରମ୍ଭ କରି ସହର ବଜାର ଯାଏଁ ତିନିଚକିଆ ରିକ୍ସା ରାସ୍ତାରେ ରାଜା ଥିଲା। ପରିବର୍ତ୍ତିତ ଆଧୁନିକ ଓ ଇଞ୍ଜିନ ଚାଳିତ ସମୟରେ ରିକ୍ସାର ସ୍ଥାନ ନେଇଛି ବିଭିନ୍ନ ପ୍ରକାର ଅଟୋ ଏବଂ ଅନ୍ୟାନ୍ୟ ଯନ୍ତ୍ର ଚାଳିତ ଛୋଟ ଛୋଟ ଯାନବାହନ। ରିକ୍ସାଟିଏ ଆଉ ରାସ୍ତା ଘାଟରେ ଦେଖିବାକୁ ମିଳୁନାହିଁ। ଆଧୁନିକତା ଭିତରେ ସତେଯେମିତି ହଜିଗଲାଣି ଏହି ପାରମ୍ପରିକ ଯାନ। ତଥାପି ନିଜ ପେଟପାଟଣା ପାଇଁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ମାତ୍ର ହାତଗଣତି ଦୁଇ ଚାରି ଖଣ୍ଡି ରିକ୍ସା ଦେଖିବାକୁ ମିଳୁଛି। ଦିନ ଥିଲା ଜାତୀୟ ରାଜପଥର ଏହି ଭଣ୍ଡାରିପୋଖରୀ ବସଷ୍ଟାଣ୍ଡ ଓ ମଞ୍ଜୁରୀରୋଡ଼ ରେଳ ଷ୍ଟେସନ, ବାରିକପୁର ବଜାର ସମେତ ଗ୍ରାମ୍ୟ ବଜାର ଗୁଡିକରେ ଦୈନିକ ଶହେ ଦେଢ଼ ଶହ ରିକ୍ସା ଛିଡା ହୋଇ ରହୁଥିଲା। ଗାଡ଼ିରେ ଆସି ଓହ୍ଲାଇବା ପରେ ବସଷ୍ଟାଣ୍ଡ ଓ ରେଳ ଷ୍ଟେସନଠାରୁ ଲୋକମାନେ ରିକ୍ସା ଖଣ୍ଡିଏ ଧରି ଯିଏ ଯାହା ଗନ୍ତବ୍ୟସ୍ଥଳକୁ ଯାଉଥିଲେ। ବିଭିନ୍ନ ରାସ୍ତା ଘାଟରେ କେବଳ ଯାତ୍ରୀବାହୀ ରିକ୍ସା ହିଁ



ଦେଖାଯାଉଥିଲା। ସେତେବେଳେ ଦୈନିକ ୩୦-୪୦ ଟଙ୍କା ରୋଜଗାର ହେଉଥିବା ବେଳେ ଜଣେ ରିକ୍ସା ଚାଳକ ଖୁସିରେ ନିଜର ପରିବାର ପ୍ରତିପୋଷଣ କରି ପାରୁଥିଲେ। ସମୟ ବଦଳିବା ସହିତ ୧୫-୨୦ବର୍ଷ ମଧ୍ୟରେ ବଜାରକୁ ବିଭିନ୍ନ ଛୋଟମୋଟ ଯାତ୍ରୀବାହୀ ଗାଡି ଆସିବାରୁ ରିକ୍ସା ଚାଳକମାନେ ସମ୍ପୂର୍ଣ ନିଜ ବୃତ୍ତିରୁ ଦୂରେଇ ଯାଇଛନ୍ତି। ଏବେ ରିକ୍ସା ଚଳାଇଲେ ପରିବାର ପ୍ରତିପୋଷଣ କରିବା ତ ଦୂରର କଥା ଦୈନିକ ଚାହା ପାନ ଖର୍ଚ୍ଚକୁ ରୋଜଗାର ଅଣ୍ଟିବ ନାହିଁ ବୋଲି କିଛି ବରିଷ୍ଠ ରିକ୍ସା ଚାଳକ କହିଛନ୍ତି। ସମୟ ଏମିତି ହୋଇଛି ଯେ ରାସ୍ତାରେ ବେଳ ଅଧେ ରିକ୍ସା ଦେଖିଲେ ଛୋଟ ପିଲାଏ ପଚାରୁଛନ୍ତି ଇଏ କେଉଁ ଯାନ। ଆଗଭଳି ଆଉ ରାସ୍ତାରେ ରିକ୍ସା ବାଲା ଡାକ ଶୁଭୁ ନଥିବା ବେଳେ ଆଧୁନିକ ଚାକଚକ୍ୟରେ ପ୍ରାୟତଃ ନିଶ୍ଚିହ୍ନ ହୋଇଯାଇଛି ଏହି ପାରମ୍ପରିକ ତିନିଚକିଆ ଯାନ।

# ଏନ୍‌ଏସି ଦାବିରେ ବାଲିଆପାଳରେ ୮ ଘଣ୍ଟିଆ ବନ୍ଦ ସଫଳ







ବାଲିଆପାଳ, ୨୧।୮ (ସମିସ)

ବାଲିଆପାଳ ଏନ୍‌ଏସି ମାନ୍ୟତାରୁ ବାଦ୍ ପଡ଼ିଥିବାରୁ ପ୍ରତିବାଦ କରି ବାଲିଆପାଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ଗୁରୁବାର ଆଠ ଘଣ୍ଟିଆ ବନ୍ଦ କରାଯାଇଛି। ବ୍ଲକ ଛକଠାରେ ମଞ୍ଚ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି ଟାୟାର ଜାଳି ପ୍ରତିବାଦ କରିଥିଲେ। ଜରୁରୀକାଳୀନ ସେବା ବ୍ୟତୀତ ଦୋକାନ, ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଗୁଡିକ ବନ୍ଦ ରହିଥିଲା। ଏହି ବନ୍ଦକୁ ସ୍ୱତପ୍ରବୃତ୍ତ ଭାବରେ ବିଭିନ୍ନ ସଂଗଠନ ପକ୍ଷରୁ ସମର୍ଥନ ଦିଆଯାଇଥିଲା। ସେହିପରି ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ପୂର୍ଣ୍ଣ ସର୍ମଥନ କରାଯାଇଥିଲା। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ସଫଳ ହୋଇଛି। ବାଲିଆପାଳରେ ଏନ୍‌ଏସି ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି ମାତ୍ର ସରକାରଙ୍କ ବୈମାତୃକ ମନୋଭାବ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ଆନ୍ତରିକା ଅଭାବ ପାଇଁ ବାଲିଆପାଳ ଏନ୍‌ଏସି ମାନ୍ୟତାରୁ ବଞ୍ଚିତ ହୋଇଛି ବୋଲି ସଂଘର ସଭାପତି ସତ୍ୟକାମ ମହାନ୍ତି କହିଛନ୍ତି। ସରକାର ପନ୍ଦର ଦିନ ମଧ୍ୟରେ ବାଲିଆପାଳକୁ ଏନ୍‌ଏସି ଘୋଷଣା ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ଚେତାବନୀ ଦେଇଛି। ଆମ୍ବେଦକର ଫାଉଣ୍ଡେସନର ସଭାପତି ପ୍ରଫୁଲ୍ଲ ପାତ୍ର, ସମାଜସେବୀ ଗୌତମ ପରିଡ଼ା, ରିଙ୍କୁ ରଞ୍ଜନ କର, ବିକ୍ରମ ଦେ, ରାଜେଶ ପାତ୍ର, ସୁଭଦ୍ରା ରାଉତ, ଦେବାଶିଷ ପାତ୍ର, ବାବୁଲି ଜେନା, ହରିହର ପ୍ରଧାନ, ଗିରିଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ସାହସୀ ଯୁବକଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର/ ଜଳେଶ୍ୱର ବ୍ଲକ୍ ୨୧।୮ (ସମିସ): ରାକ୍ଷୀ ପୂର୍ଣ୍ଣିମାରେ ଜଳାଭିଷେକ ଲାଗି ଶିଖରପୁର ପଞ୍ଚାୟତ ଚକହରି ଗ୍ରାମର କେତେକ ନାବାଳିକା କାଉଡ଼ିଆ ସୁବର୍ଣ୍ଣରେଖା ନଦୀକୁ ସଂଘବଦ୍ଧ ଯାଇଥିଲେ।୨ଜଣ ନାବାଳିକା ଭଉଣୀ ଭାସିଯାଇ ନିଖୋଜ ପରେ ଦୁଃଖଦ ମୃତ୍ୟୁ ହୋଇ ଶବ ଉଦ୍ଧାର ହୋଇଥିଲା। କିନ୍ତୁ ଦୁର୍ଘଟଣାରେ ଅନ୍ୟ ଦୁଇ ଜଣ ବାଳିକା ମଧ୍ୟ ନଦୀରେ ବୁଡିଯାଉଥିଲେ। ସେତିକି ବେଳେ ଦେବଦୂତ ସ୍ୱରୂପ କଳମା ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟା ଗ୍ରାମର ଦୁଇ ଯୁବକ ତପନ କୁମାର ପାଲ ଓ ଜୟଦେବ ବେହେରା ସାହସିକତା ଦେଖାଇ ସେମାନଙ୍କୁ ଉଦ୍ଧାର କରିଥିଲେ। ଭରା ନଈର ପ୍ରଖର ସ୍ରୋତରୁ ଦୁଇ ନାବାଳିକାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ଅନ୍ୟ ଦୁଇ କାଉଡ଼ିଆ ଭଉଣୀ ଙ୍କୁ ଉଦ୍ଧାର କରିନପାରି ଦୁଃଖ ପ୍ରକାଶ କରିଥିଲେ। ବୁଧବାର କଳମା ପଞ୍ଚାୟତରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ଅନନ୍ୟ ସାହସୀ ଦୁଇ ଯୁବକ ଙ୍କୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ବିଜେଡି ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ, କଳମା ସରପଞ୍ଚ ସୁବିନିତା ଦତ୍ତ ପ୍ରମୁଖ ଦୁଇ ଯୁବକଙ୍କ ଅଦମ୍ୟ ସାହସ ଲାଗି ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ସଦ୍‌ଭାବନା ଦିବସ ପାଳିତ




ସୋର, ୨୧।୮ (ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ଏବଂ ଭାରତ ସରକାରଙ୍କର ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟର 'ମାଇଁ ଭାରତ' ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ସୋର ପୌରପାଳିକା ମେଘମାଧବସ୍ଥିତ ପି.ବି କୋଚିଂ ସେଣ୍ଟର ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ତଥା ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଯୁବକ ସଂଘର ସଭାପତି କମଳ ଲୋଚନ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ପାରିଷଦ ନିଶାକର ମହାନ୍ତିଙ୍କ ସହ ପୂର୍ବତନ ପାରିଷଦ ରାଜେଶ କୁମାର ବେହେରା, ଶିକ୍ଷାବିତ୍ ଦିଲ୍ଲୀପ ବୈଶାଖ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ସ୍ମୃତିକୁ ମନେ ପକାଇବା ସହ ସଦ୍‌ଭାବନା, ଶାନ୍ତି ଏବଂ ଏକତା ମାଧ୍ୟମରେ ଏକ ଶୃଙ୍ଖଳିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ 'ପରିବେଶ ସୁରକ୍ଷା, ଜୀବନ ରକ୍ଷା' ସମ୍ପର୍କିତ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜା ବିଶ୍ୱାଳ ପ୍ରଥମ, ଗୌତମ ଦାସ ଦ୍ୱିତୀୟ, ଜିଜ୍ଞାସା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉପସ୍ଥିତ ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଯୁବକ ସଂଘର କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ ମଞ୍ଚ ସଞ୍ଚାଳନ କରିଥିଲାବେଳେ ସମ୍ପାଦକ ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଦସ୍ୟ ସ୍ଲୋଗାନ ଦାସ, ପ୍ରଭୂଜ୍ୟୋତି ମହାନ୍ତି, ପରେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର



ଜଳେଶ୍ୱର, ୨୧।୮ (ସମିସ): ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଥିବା ବେଳେ ଶିକ୍ଷକମାନଙ୍କ ଅଭାବ ଓ କନିଷ୍ଠ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଯୋଗୁଁ ଶିକ୍ଷାଦାନ ଘୋଷ ବାଧାପ୍ରାପ୍ତ ହେଉଛି। ପ୍ରାଥମିକ ବିଦ୍ୟାଳୟମାନଙ୍କରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନଙ୍କ ଯୋଜନା ଭିତ୍ତିକ ସର୍ତ୍ତାବଳୀକୁ ଉଚ୍ଛେଦ କରାଯାଇ ଅନ୍ୟ ସରକାରୀ ଶିକ୍ଷକମାନଙ୍କ ସହିତ ସମାନ କାମକୁ ସମାନ ବ୍ୟବସ୍ଥା କରାଯିବା ସମ୍ପର୍କରେ ଦାବି ହୋଇ ଆସୁଥିଲା। ଏହାକୁ ଲକ୍ଷ୍ୟ କରି ବିଧାନସଭା କମିଟି ଦ୍ୱାରା ସୁପାରିସ କରାଯାଇ ହୋଇଥିବା ନିଷ୍ପତ୍ତିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନୁମୋଦନ କରି ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାକୁ ବାତିଲ କରାଯାଇଥିବାରୁ ଏହା ବିରୋଧରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ କନିଷ୍ଠ ଶିକ୍ଷକ ସଂଘ ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗଣଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ହୋଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ଗତ ଅଗଷ୍ଟ ୨ ତାରିଖରେ ଚିଠି ନଂ ୨୧୨୬୮ କୁ ଅଗଷ୍ଟ ୭ ତାରିଖରେ ପ୍ରତ୍ୟାହାର କରିନେବା ସମଗ୍ର କନିଷ୍ଠ ଶିକ୍ଷକମାନଙ୍କ ପ୍ରତି ବୈମାତୃକ ମନୋଭାବ ବୋଲି ଦାବିପତ୍ର ପ୍ରଦାନ ବେଳେ ଶିକ୍ଷକ ନେତା ବିଜୟାନନ୍ଦ ଗିରି, ପ୍ରଫୁଲ୍ଲ ଜେନା, କଳ୍ପନା ପାତ୍ର, ଜୟଶ୍ରୀ ସେନାପତି, ମନାଲିସା ବ୍ରହ୍ମ, ଲିପିକା ଧଳ ପ୍ରମୁଖ କହିଛନ୍ତି। ବିଧାୟକ ଏ ସମ୍ପର୍କରେ ବିଧାନସଭାରେ ଦୃଢ ଭାବେ ପ୍ରସଙ୍ଗ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି।

# ବୃଦ୍ଧାଙ୍କୁ ମୃତ ଦର୍ଶାଇ ଭୋଟର ତାଲିକାରୁ କାଟିଦେଲେ ନାଁ

ବାଲିଆପାଳ, ୨୧।୮ (ସମିସ): ଭୋଟର ତାଲିକାରୁ ନାମ ବାଦକୁ ନେଇ ସାରା ଦେଶ ଏବେ ଉଠୁଛି ପଡୁଛି। ବିହାରରେ ୬୫ ଲକ୍ଷ ଭୋଟରଙ୍କୁ ଭୋଟ ତାଲିକାରୁ ବାଦ ଦିଆଯାଇଥିବା ନେଇ ନିର୍ବାଚନ କମିଶନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରୁ ମଧ୍ୟ କଥା ଶୁଣିବାକୁ ପଡ଼ିଛି। ଜଣେ ୯୬ ବର୍ଷୀୟା ବୃଦ୍ଧାଙ୍କୁ ମୃତ ଦର୍ଶାଇ ଭୋଟର ତାଲିକାରୁ ତାଙ୍କ ନାମକୁ ବାଦ ଦିଆଯିବା ଏବଂ ଭୋଟର ତାଲିକାରେ ନାମ ନଥିବା ଯୋଗୁଁ ସମ୍ପୃକ୍ତ ବୃଦ୍ଧା ପାଉଥିବା ବାର୍ଦ୍ଧକ୍ୟ ଭତ୍ତାକୁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଦୀର୍ଘ ଆଠ ମାସ ଧରି ବନ୍ଦ କରିଦେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ।

ମିଳିଥିବା ସୂଚନା ଅନୁଯାୟୀ ଏହି ବ୍ଲକ ଅସ୍ତି ପଞ୍ଚାୟତ ଅନ୍ତର୍ଗତ ଡାଲୁଆ ୧ ଗ୍ରାମର ସ୍ୱର୍ଗତ ଗଜେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ନିଆସି ପ୍ରଧାନ (୯୬) ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ। ସରକାର ୮୦ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ୨୦୨୫ ଜାନୁଆରୀ ମାସ ଠାରୁ ୩୫ଶହ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଲେ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ବୃଦ୍ଧା ନିଆସିଙ୍କ ପାଇଁ ଅଭିଶାପ ପାଲଟିଗଲା। ଭତ୍ତା ପାଉଥିବା ହିତାଧିକାରୀଙ୍କ ବୟସ ଯାଞ୍ଚ ବେଳେ ନିଆସି ପ୍ରଧାନଙ୍କ ନାମ ଭୋଟର ତାଲିକାରେ ନ ଥିବା ଜଣାପଡ଼ିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇଥିବା ନିଆସି ପ୍ରଧାନ ଜାନୁଆରୀ ୨୦୨୫ ମସିହା ଠାରୁ ଆଉ ଭତ୍ତା ପାଇ ନାହାଁନ୍ତି। ପରିବାର ଲୋକେ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି

**■ ୮ ମାସ ହେଲା ପାଉନାହାନ୍ତି ବାର୍ଦ୍ଧକ୍ୟ ଭତ୍ତା**

ନୟାନ୍ତ ହୋଇଛନ୍ତି ହେଲେ ତାଙ୍କ କଥା କେହି ଶୁଣି ନାହାନ୍ତି। ଜାନୁୟାରୀ ମାସଠାରୁ ବାଲିଆପାଳ ବ୍ଲକରେ ତିନି ଜଣ ବିଡିଓ ବଦଳି ଥିଲେ ମଧ୍ୟ ନିଆସିଙ୍କ ଭାଗ୍ୟ ବଦଳି ପାରି ନାହିଁ। ଏ ସମ୍ପର୍କରେ ଜାଣିବା ପରେ ସାମ୍ବାଦିକ ପ୍ରତାପ କୁମାର ପାତ୍ର ବର୍ତ୍ତମାନର ବିଡିଓ ରାଧା ରଞ୍ଜନ ଦାସଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଏହା ମଧ୍ୟରେ ଏକ ମାସରୁ ଅଧିକ ସମୟ ଅତିବାହିତ ହୋଇସାରିଛି। ମାତ୍ର ନିଆସିଙ୍କ ଭତ୍ତା ସମସ୍ୟାର ସମାଧାନ ହୋଇ ପାରିନାହିଁ। ନିଆସି ବର୍ତ୍ତମାନ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ। ଔଷଧ ଖାଇବାକୁ ପାଖରେ ସମ୍ବଳ ନାହିଁ। ତାଙ୍କ ପରିବାର ଦିନ ମଜୁରିଆ। ପୁଅ ମାନେ ପର ଘରେ ମୂଲ ମଜୁରୀ ଲାଗି ପରିବାର ଚଳାନ୍ତି। ନିଆସି ପ୍ରଧାନଙ୍କ ବୟସ ଶହେ ଟପିଥିଲେ ମଧ୍ୟ ଆଧାର କାର୍ଡ ଓ ଭୋଟ ପରିଚୟପତ୍ରରୁ ତାଙ୍କର ବୟସ ୯୬ ବର୍ଷ ବୋଲି ଜଣାପଡ଼ୁଛି। କେତେବେଳେ କ'ଣ ଅଘଟଣ ଘଟିଯିବ କହି ହେବ ନାହିଁ। ଏ ସମ୍ପର୍କରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କୁ ପଚାରିବାରୁ ସେ ବର୍ତ୍ତମାନ ନୂତନ ବୁଥ କାର୍ଯ୍ୟ ଚାଲିଥିବା ଯୋଗୁଁ ଭୋଟର ତାଲିକାରେ ନାମ ଯୋଡିବା କାର୍ଯ୍ୟ ବିଳମ୍ବ ହେଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଜଣେ ଜୀବିତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଲା କିପରି। ଆପଣାଛାଏଁ ଭୋଟର ତାଲିକାରୁ ନାମ ବାଦ ପଡ଼େନାହିଁ। ବିଏଲଓ ଚଞ୍ଚକତା କରି ତାଙ୍କ ନାମ ବାଦ ଦେଇଛନ୍ତି ନା ଅନ୍ୟ କୌଣସି କାରଣ ଅଛି। ବୃଦ୍ଧା ଜଣକ ଜୀବିତା ଅବସ୍ଥାରେ ତାଙ୍କ ଭତ୍ତା ଆଉ ପାଇବେ କି ନାହିଁ ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

# ସଂକୁଳସ୍ତରୀୟ ଶିକ୍ଷା ପରିଷଦ ବୈଠକ



କାଳିପଦା, ୨୧।୮ (ସମିସ): ବାଲିଆପାଳ ବ୍ଲକ ଖପରାପଦାସ୍ଥିତ କ୍ଷୀରୋଦା ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ମିଳନୀ କକ୍ଷରେ ଗୁରୁବାର ସଂକୁଳ ସ୍ତରୀୟ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସଂକୁଳ ପ୍ରମୁଖ ଶରତ କୁମାର ପରିଡ଼ା, ସଂଯୋଜକ ରବୀନ୍ଦ୍ର କୁମାର ପଣ୍ଡା, ଡ. ସୁକାନ୍ତ କୁମାର ଗିରି, ପରିଚାଳନା ସମିତି ସଭାପତି ଅମୂଲ୍ୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ବୈଠକର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲିଆପାଳ ଆଦି ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ, ଗୁରୁମା ପ୍ରମୁଖ ଯୋଗଦେଇ ବିଷୟ ଭିତ୍ତିକ ପ୍ରସଙ୍ଗ ସମ୍ପର୍କ ଉପରେ ଆଲୋଚନା, ତର୍ଜମା, ସମୀକ୍ଷା କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ଗୁରୁମା କୃଷ୍ଣା ସୁର, ବିଦ୍ୟୁତ ପ୍ରଭା ଦେ, ଝୁନାରାଣୀ ଦାସ, ଗୁରୁଜୀ ଜଳଧର ଦେ, ସୁକାନ୍ତ କୁମାର ପ୍ରଧାନ, ରାଜେଶ କୁମାର ଦେ, ଗୁରୁମା ଲତିକା ସାହୁ, ଚିନ୍ମୟୀ ଦେ, ବିଷ୍ଣୁପ୍ରିୟା କୁହ୍ଲାରୀ, ସସ୍ମିତା ପ୍ରଧାନ, ଅନ୍ନପୂର୍ଣ୍ଣା ବିଶ୍ୱାଳ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୫୨ ୟୁନିଟ୍ ସଂଗୃହୀତ

କାଳିପଦା, ୨୧।୮ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ଯୁବ ରେଡ କ୍ରସ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଗୁରୁବାର କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ଉଦ୍‌ଘାଟନ କରି ରକ୍ତଦାନର ମହତ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପକ ସଂଗ୍ରାମ କେଶରୀ ନାୟକ, ଦେବବ୍ରତ ଦାସ, ଡ. ଶିବ ନାରାୟଣ ମହାପାତ୍ର, ଡ. ସୁକାନ୍ତ କୁମାର ଗିରି, ନିର୍ମଳ କୁମାର ସାମଲ, ଅଧ୍ୟାପକ ତାପସ ତନୟ ନନ୍ଦୀ, ପ୍ରଭାତ ରଞ୍ଜନ ଦାସ, ଅଜିତ କୁମାର ଭୂୟାଁ, ଅଧ୍ୟାପିକା ତନୁଶ୍ରୀ ନାୟକ, ସ୍ୱାଗତିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ବ୍ଲଡ ବ୍ୟାଙ୍କ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ଟେକନିସିଆନ ସବନମ ଦାସ, ପଲ୍ଲବୀ ମହାପାତ୍ର, ମନୋଜ କୁମାର ଗନ୍ତାୟତ, ହେମଲତା ସେଠୀ ପ୍ରମୁଖ ଦାତାମାନଙ୍କଠୁ ରକ୍ତ ସଂଗ୍ରହ କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ମହିଳା ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିତାରାଣୀ ଜେନା, ୟୁଥ ରେଡକ୍ରସ ସଂଯୋଜକ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୈକାପ, ଅଧ୍ୟାପକ ଆଶୁତୋଷ ଯତି ପ୍ରମୁଖ ଏହାକୁ ପରିଚାଳନା କରିଥିବାବେଳେ ଲିପିକା ମାନ୍ନା, ବଂଶୀଧର ନାୟକ, ଅଧ୍ୟାପକ ପର୍ଶୁରାମ ଗିରି, ଶିବ ପ୍ରସାଦ ଦାସ, ମୟୁଖ କୁମାର ମଣ୍ଡଳ, ଦେବେନ୍ଦ୍ର କୁମାର ଘୋଷ, ମୃତ୍ୟୁଞ୍ଜୟ ଜେନା, ମହେନ୍ଦ୍ର କୁମାର ସିଂ, ଲିଜାରାଣୀ ସାହୁ, ପ୍ରକାଶ ମୈକାପ, ଶ୍ରୀକାନ୍ତ ମହାପାତ୍ର, ସଞ୍ଜୟ କୁମାର ଦେ, ଗୋପୀନାଥ ପଣ୍ଡା, ପ୍ରଶାନ୍ତ କୁମାର ଗିରି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ୫୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।



# ବିଜେଡିର ସାଂଗଠନିକ ବୈଠକ



ଜଳେଶ୍ୱର, ୨୧।୮ (ସମିସ) : ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳର କାଳିକ କଲ୍ୟାଣ ମଣ୍ଡପରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ବୁଧବାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ରାଇବଣିଆ ଅଞ୍ଚଳର ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ବୁଥ ସ୍ତରରେ କମିଟି ଗଠନ କରିବା ସହିତ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ୀକରଣ କରିବା ଲାଗି ପ୍ରଚେଷ୍ଟା କରିବାକୁ କୁହାଯାଇଥିଲା। ଏହା ସହିତ ବିଧାୟକ ହାତ ପାଣ୍ଠୀର ସଠିକ୍ ବିନିଯୋଗ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଅନୁରୂପ ଭାବେ ଜଳେଶ୍ୱର ମ୍ୟୁନିସିପାଲିଟିସ୍ଥିତ ଭଞ୍ଜ ମଣ୍ଡପରେ ୯ ନମ୍ବର୍ ଓ ୧୦ ନମ୍ବର୍ ଜୋନ ଏବଂ ପୌରପାଳିକାର ନେତୃମଣ୍ଡଳୀ କର୍ମକର୍ତ୍ତାଙ୍କୁ ନେଇ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ, ନଗର ପାଳ ପ୍ରତିପ୍ କୁମାର ପ୍ରଧାନ, ଅଜୟ ମହାନ୍ତ, ଗଙ୍ଗାଧର ଦାସ, ତପନ ଦାସ, ମଧୁସୁଦନ ସେନାପତି, ଯୁବ ନେତା ଗୌତମ ପାତ୍ର, ଯୁବ ସଭାପତି ନିମାଇଁ ଘୋଷ, ଛାତ୍ର ସଭାପତି ଗୌରବ ଦାସ, ଆନନ୍ଦ କର, ସୁରଜ୍ ଚୌରାଶିଆ, ମନୋରଞ୍ଜନ ଦାସ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ସାରସ୍ୱତ କାର୍ଯ୍ୟକ୍ରମ




ଭୋଗରାଇ, ୨୧।୮ (ସମିସ): ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ 'ବିବୁଧାମୋଦିନୀ' ସମିତି ପକ୍ଷରୁ ସାପ୍ତାହିକ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ତଥା ପ୍ରାକ୍ତନ ଛାତ୍ର ପରିଷଦର ସଭାପତି ନଟରଞ୍ଜନ ଘରାଇ, ମୁଖ୍ୟବକ୍ତା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶମ୍ଭୁନାଥ ସାହୁ, ସମ୍ମାନିତ ଅତିଥି ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାମନସ୍କ ହେବା ସହିତ ନିଜ ଦକ୍ଷତାର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିବୁଧାମୋଦିନୀ ସମିତିର ଉପଦେଷ୍ଟା ଅଧ୍ୟାପକ ପଦ୍ମଲୋଚନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସମୀର କୁମାର ନନ୍ଦ, ବିନୋଦ ବିହାରୀ ଜେନା, ଦେବବ୍ରତ ମିଶ୍ର, ଅଧ୍ୟାପିକା ଗାୟତ୍ରୀ ହେମ୍ବ୍ରମ୍, ବନସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମିତିର ସମ୍ପାଦିକା ଛାତ୍ରୀ ଶୁଚିସ୍ମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କେବେ

ଜଳେଶ୍ୱର, ୨୧।୮ (ସମିସ)



ଜଳେଶ୍ୱର ଷ୍ଟେସନ ବଜାରସ୍ଥିତ କାଳୀ ମନ୍ଦିରର ସମ୍ମିଳନୀ କକ୍ଷରେ ଜଳେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଶୋକ କୁମାର ଜେନା ଏବଂ ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନଙ୍କ ଆହ୍ୱାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରୀୟ ବିଦ୍ୟାଳୟ କ୍ରିୟା ଅନୁଷ୍ଠାନର କମିଟିର ସଭାପତି ଦିଲ୍ଲୀପ କୁମାର ଗିରି ବକ୍ତବ୍ୟରେ କହିଥିଲେ କି ଆଜକୁ ଦୀର୍ଘ ଦଶବର୍ଷ ଧରି ଜଳେଶ୍ୱରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନିମନ୍ତେ ଜଳେଶ୍ୱରବାସୀ ଯଥାର୍ଥ ଦାବି କରିଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଶିକ୍ଷାର ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଜଳେଶ୍ୱରରେ ଆବଶ୍ୟକତାକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଅବଗତ କରାଇଥିଲେ। ଅନୁଷ୍ଠାନର ସମ୍ପାଦକ ସମୀର କୁମାର ପାତ୍ର ବକ୍ତବ୍ୟରେ କହିଥିଲେ ଉନ୍ନତ ଶିକ୍ଷାର ବିକାଶ କ୍ଷେତ୍ରରେ ଜଳେଶ୍ୱର ବାସୀଙ୍କୁ ବଞ୍ଚିତ କରାଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲେଇବ ବୋଲି ଚେତାବନୀ ଦେଇଥିଲେ। ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଏବଂ ଜଳେଶ୍ୱର ମ୍ୟୁନିସିପାଲିଟିର ଅଧ୍ୟକ୍ଷ ପ୍ରତିପ କୁମାର ପ୍ରଧାନ ବୈଠକରେ ଯୋଗଦେଇ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡ. ଲଳିତ ରଞ୍ଜନ ସେନାପତି, ଅଜିତ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ସେନାପତି, ଭାଗବତ ପରିଡ଼ା, ସୁଧୀର ମହାନ୍ତି, କାଳୀଚରଣ ପୃଷ୍ଟି, ଶରତ ପରିଡ଼ା, ବିକାଶ ଧର, ଆଶିଷ ସିଂ, ପ୍ରଶାନ୍ତ ପାତ୍ର, ସୁବ୍ରତ ବେରା, ଶ୍ରୀମନ୍ତ ଘୋଷ, ନିରୋଜ ବେହେରା, ଦୁର୍ଗାଙ୍କର ଗିରି, ସୁଶାନ୍ତ କୁମାର ପ୍ରଧାନ, ବିରେନ୍ଦ୍ର ସାମଲ, ଭାସ୍କର ମିଶ୍ର, ଜଗନ୍ନାଥ ଗୋଛାୟତ ଅର୍ଜୁନ ସିଂହ ପ୍ରମୁଖ ଜଳେଶ୍ୱରରେ ସେଣ୍ଟ୍ରାଲ ସ୍କୁଲ ଖୋଲିବା ପାଇଁ ଦାବିକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ନିବେଦନ କରିଥିଲେ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୮୪୮ - ଆମେରିକା ନ୍ୟୁମେକ୍ସିକୋ ସହ ବୁଝାମଣା କଲା।
- ୧୯୧୦- ଜାପାନ କୋରିଆ ଉପରେ କବ୍‌ଜା କଲା।
- ୧୯୬୯ - ଆମେରିକାରେ ଆସିଥିବା ତୋଫାନ ଯୋଗୁଁ ୨୫୫ ଜଣଙ୍କ ମୃତ୍ୟୁ।
- ୧୯୭୯ - ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀ ଲୋକସଭା ଭଙ୍ଗ କଲେ।
- ୧୯୯୬- ମାଡ୍ରାସ ନାମ ବଦଳାଯାଇ ଚେନ୍ନାଇ ରଖାଗଲା।
- ୨୦୧୨- କେନିଆରେ ହୋଇଥିବା ହିଂସାରେ ୫୨ ଜଣଙ୍କ ମୃତ୍ୟୁ।

# ସୁଖୀ ଦାମ୍ପତ୍ୟ ପାଇଁ
## ବରର ତଳିପାଦରେ ମାଡ଼ ମାରନ୍ତି ସମ୍ପର୍କୀୟ



ବିବାହକୁ ନେଇ ବିଶ୍ୱର ବିଭିନ୍ନ ସ୍ଥାନରେ ଅନେକ ରୀତନୀତି ରହିଛି। କେଉଁଠି ବରର ଜୋତାକୁ କନିଆର ଭଉଣୀମାନେ ଲୁଚାଇ ରଖି ଟଙ୍କା ମାଗନ୍ତି ତ ଆଉ କେଉଁଠି କନିଆ ପିତା ବରକନିଆଙ୍କୁ ଛେପ ପକାଇ ଆଶୀର୍ବାଦ ଦିଅନ୍ତି। ହେଲେ ବିଶ୍ୱରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ବିବାହ ପାଇଁ ବରକୁ ମାଡ଼ ଖାଇବାକୁ ପଡ଼ିଥାଏ। ଦକ୍ଷିଣ କୋରିଆରେ ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ରିସେପସନ୍ ଦିନ ବରକୁ ମାଡ଼ ସହିବାକୁ ହୁଏ। ଏଥିପାଇଁ ସାଙ୍ଗସାଥୀ ତଥା ବନ୍ଧୁ ପରିଜନ ବରର ଦୁଇ ପାଦକୁ ରଶିଦ୍ୱାରା ଏକ କାଠରେ ବାନ୍ଧି ଦିଅନ୍ତି। ବରକୁ ଓଲଟା ଲଟକାଇ ସାଙ୍ଗମାନେ ବାଡ଼ିରେ କିମ୍ବା ଜୋତାରେ ପିଟିବା ଆରମ୍ଭ କରିଦିଅନ୍ତି। ପରମ୍ପରା ଅନୁଯାୟୀ, ବରର ତଳିପାଦରେ ହିଁ ପିଟାଯାଇଥାଏ। ଏହି ପରମ୍ପରାରେ କନିଆଘର ପକ୍ଷରୁ କେହି ସାମିଲ ରୁହନ୍ତିନି। ମାନ୍ୟତା ରହିଛି ଯେ, ଯଦି ବର ଏହି ମାଡ଼ ଖାଇବା ପରମ୍ପରାରେ ପାସ୍ ହୋଇଯାଏ, ତେବେ ତାର ବୈବାହିକ ଜୀବନ ସୁଖମୟ ହୋଇଥାଏ। ତେଣୁ ଏହି ଦୃଷ୍ଟିରୁ ଏହି ପରମ୍ପରାକୁ ଆଜି ବି ସ୍ଥାନୀୟ ଲୋକେ ବେଶ୍ ଉତ୍ସାହର ସହ ପାଳନ କରିଆସୁଛନ୍ତି।

# ଆସିଲା 'ଥାମା'ର ଟିଜର୍



ମ୍ୟାଡକ୍ ଫିଲ୍ମସ୍ ତା'ର ହରର୍ କମେଡି ଫିଲ୍ମ ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି। 'ସ୍ତ୍ରୀ', 'ସ୍ତ୍ରୀ ୨', 'ଭେଡିୟା' ପରେ ଏବେ ଏହା 'ଥାମା' ଫିଲ୍ମ ନେଇ ଆସୁଛି। ଏଥିରେ ଲିଡ୍ ରୋଲରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନା ଦେଖାଯିବେ। ଇତିମଧ୍ୟରେ ଏହାର ଟିଜର୍ ଜାରି ହୋଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏକ ରକ୍ତାକ୍ତ ପ୍ରେମ କାହାଣୀକୁ ଏଥର ଦେଖିବାକୁ ମିଳିବ ବୋଲି ଟିଜର୍‌ରେ କୁହାଯାଇଛି। ୧.୪୯ ସେକେଣ୍ଡର ଏହି ଟିଜର୍‌ରେ ଆୟୁଷ୍ମାନ ଏବଂ ରଶ୍ମିକା ଭୂତପ୍ରେତ ଜାଲରେ ଫସି ରହିଥିବାର ଦେଖାଯାଇଛନ୍ତି। ଏଥିରେ ମଲାଇକା ଅରୋରାଙ୍କର ଏକ ଡ୍ୟାନ୍ସ ଆଇଟମ୍‌ର ମଧ୍ୟ ଝଲକ ଦେଖିବାକୁ ମିଳିଛି। ସେହିଭଳି ନୱାଜୁଦ୍ଦିନ୍ ସିଦ୍ଦିକିଙ୍କୁ ଏଥିରେ ବାଦୁଡ଼ି ଭଳି ଲୁକ୍‌ରେ ଦେଖିବାକୁ ମିଳିଛି। ଫୈଜଲ ମଲିକ ଓ ପରେଶ ରାୱଲଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟିଜର୍‌ରୁ ଫିଲ୍ମରେ ରୋମାନ୍ସ ସହ ହରର୍, ଆକ୍ସନ୍ ଓ ଥ୍ରିଲର୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ସ୍ପଷ୍ଟ ହୋଇଛି। ଆଦିତ୍ୟ ସରୋପତଦାର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ତେବେ ଏହା ଆସନ୍ତା ଦୀପାବଳି ଅବସରରେ ମୁକ୍ତିଲାଭ କରିବ।

# ମଣିଷକୁ ସଫା କରିବ ମେସିନ୍

ଆଗକୁ ଗାଧୋଇବା କାମ ପୁରୁଣା ହେବାକୁ ଯାଉଛି। ଏହାର ଅର୍ଥ ହେଉଛି ଲୋକେ ଆଉ ଗାଧୋଇବେ ନାହିଁ, ବରଂ ନିଜକୁ ମେସିନ୍‌ରେ ସଫା କରିବେ। ଜାପାନ ଏମିତି ଏକ ନିଆରା ଓ ଉନ୍ନତମାନର ମେସିନ୍‌କୁ ପରିଚିତ କରାଇବାକୁ ଯାଉଛି। ଏଠାକାର ସାଇନ୍ସ କୋ କମ୍ପାନି ମିରାଇ ନିନ୍‌ଜେନ ସେଣ୍ଟାକୁକି ବା ହ୍ୟୁମାନ ୱାଶିଂ ମେସିନ୍‌କୁ ଲଞ୍ଚ କରିଛି। ୱାଶିଂ ମେସିନ୍ ଯେମିତି ଲୁଗାପଟା ସଫା କରିଥାଏ, ଠିକ୍‌ସେମିତି ହ୍ୟୁମାନ ୱାଶିଂ ମେସିନ୍ ମଣିଷକୁ ସଫା କରିବ। ତେବେ ଏହି ମେସିନ୍ ଏଆଇ ଦ୍ୱାରା ପରିଚାଳିତ ଏକ ସାୱାର କ୍ୟାପସୁଲ। ଏଥିରେ ଜଣେ ବ୍ୟକ୍ତି ମାତ୍ର ୧୫ ମିନିଟ୍‌ରେ ଗାଧୋଇବା ସହ ପୂରା ଶୁଖି ଯାଇ ଫ୍ରେସ୍ ହୋଇ ବାହାରକୁ ବାହାରିବେ। ତେବେ ଗାଧୋଇବା ପାଇଁ ଯେଉଁମାନଙ୍କ ପାଖରେ ଖୁବ୍ କମ୍ ସମୟ ଥାଏ, ଏହା ସେମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି। ସେହିପରି ଏହାକୁ ବ୍ୟବହାର କରୁଥିବା ଲୋକଙ୍କୁ ଏହି କ୍ୟାପସୁଲ ଭିତରେ ଥିବା ଏକ ଆରାମଦାୟକ ସିଟ୍ ଉପରେ ବସିବାକୁ ହେବ। ଏହାପରେ ୧୫ ମିନିଟ୍‌ର ହାଇଟେକ୍ ସଫେଇ ପ୍ରକ୍ରିୟା ଆରମ୍ଭ ହୁଏ। ଅବଶ୍ୟ କ୍ୟାପସୁଲ୍‌ର ଅଧା ଗରମ ପାଣିରେ ଭର୍ତ୍ତି ହୋଇଥାଏ। ଏହାପରେ ବିଶେଷ ପ୍ରକାର ମାଇକ୍ରୋ ଏୟାର ବବଲସ୍ ଯୁକ୍ତ ୱାଟର ଜେଟ୍ ଦ୍ୱାରା ମଇଳା ସଫା




କରିଥାଏ। ଏହା କେବଳ ଶାରୀରିକ ସଫେଇ ପର୍ଯ୍ୟନ୍ତ ସୀମିତ ନୁହେଁ, ଏଥିରେ ଲାଗିଥିବା ସେନସର୍ ବ୍ୟବହାରକାରୀଙ୍କ ହୃଦ୍ ସ୍ପନ୍ଦନର ଗତି, ତାପମାତ୍ରା ଏବଂ ଅନ୍ୟ ଜୈବିକ ସଙ୍କେତ ଉପରେ ଦୃଷ୍ଟି ଦିଏ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏହି ତଥ୍ୟକୁ ବିଶ୍ଳେଷଣ କରି ପାଣିର ତାପମାତ୍ରାକୁ ସ୍ଥିର କରେ। କେବଳ ସେତିକି ନୁହେଁ, ବ୍ୟବହାରକାରୀଙ୍କ ଭାବନାତ୍ମକ ସ୍ଥିତି ଆଧାରରେ କ୍ୟାପ୍‌ସୁଲ ଭିତରେ ମନକୁ ଶାନ୍ତି ପ୍ରଦାନ କରୁଥିବା ଭିଡିଓ ଓ ଅଡିଓର ବ୍ୟବସ୍ଥା ହୋଇଛି। ସେହିପରି ଏହି ଉପକରଣ କେବଳ ଶରୀରକୁ ନୁହେଁ, ମନକୁ ମଧ୍ୟ ସତେଜ କରିଥାଏ ବୋଲି ଉକ୍ତ କମ୍ପାନି ଦାବି କରିଛି। ଅନ୍ୟପଟେ ଏହି ମେସିନ୍‌ର ପ୍ରେରଣା ୧୯୭୦ ମସିହା ଜାପାନ ୱାର୍ଲ୍ଡ ଏକ୍ସପୋରୁ ମିଳିଛି। ଅବଶ୍ୟ ଏବେ ସୁଦ୍ଧା ଏହାର ଦାମ୍ ଏବଂ ବ୍ୟାପକ ବ୍ୟବହାର ବାବଦରେ କିଛି ସୂଚନା ମିଳିନାହିଁ। ତେବେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।



# ସଞ୍ଜୀବନୀ

# ପୁରୁଷଙ୍କ ଜରୁରି ସ୍ୱାସ୍ଥ୍ୟ ପରୀକ୍ଷା

**ପୁରୁଷମାନେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଗମ୍ଭୀରତାର ସହ ଗ୍ରହଣ କରନ୍ତିନି। ସେଥିପାଇଁ ସେମାନଙ୍କ ମଧ୍ୟରେ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ତନ୍ମଧ୍ୟରୁ ପ୍ରୋଷ୍ଟେଟ କ୍ୟାନ୍‌ସର ସାଧାରଣ କର୍କଟ ଭାବେ ବିବେଚନା କରାଯାଏ। ତେଣୁ ସୁସ୍ଥ ଜୀବନଯାପନ ପାଇଁ ପୁରୁଷ ନିୟମିତ କିଛି ଜରୁରି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ୪୦ ବର୍ଷ ପରେ ପୁରୁଷମାନେ ନିୟମିତ ବର୍ଷକୁ ଥରେ ପ୍ରୋଷ୍ଟେଟ୍ ସ୍ପେସିଫିକ୍ ଆଣ୍ଟିଜେନ୍ ଟେଷ୍ଟ (ପିଏସ୍ଏ) ରକ୍ତ ପରୀକ୍ଷା କରାଇବା ଆବଶ୍ୟକ। ଏହି ପରୀକ୍ଷାରୁ ପ୍ରୋଷ୍ଟେଟ କ୍ୟାନ୍‌ସରର ପ୍ରାରମ୍ଭିକ ଅବସ୍ଥା ବିଷୟରେ ଜଣାପଡ଼ିଥାଏ। ଅଧୁନା ଉଚ୍ଚ ରକ୍ତଚାପ ନୀରବ ଘାତକ ସାଜି ହୃଦଜନିତ ସମସ୍ୟା, ଷ୍ଟ୍ରୋକ୍, ବୃକ୍‌କ ଅଚଳର କାରଣ ସାଜୁଛି। ତେଣୁ ପ୍ରତି ଛଅମାସରେ ଥରେ ନିୟମିତ ରକ୍ତଚାପ ପରୀକ୍ଷା କରିବା ଆବଶ୍ୟକ।

ବୟସ ବଢ଼ିବା ସହ କୋଲେଷ୍ଟ୍ରଲ ଏବଂ ରକ୍ତ ଶର୍କରା କମ୍ ବେଶୀ ହୋଇଥାଏ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶକ୍ରମେ ଲିପିଡ୍ ପ୍ରୋଫାଇଲ୍ ଓ ରକ୍ତ ଶର୍କରା ପରୀକ୍ଷା କରାଇନେବା ଆବଶ୍ୟକ। ଲିପିଡ୍ ପ୍ରୋଫାଇଲ୍‌ରୁ କୋଲେଷ୍ଟ୍ରଲ, ଏଲ୍‌ଡିଏଲ, ଏଚ୍‌ଡିଏଲ୍ ଏବଂ ଟ୍ରାଇଗ୍ଲିସରାଇଡ୍‌ସ୍ତରର ସୂଚନା ମିଳିଥାଏ। ସେହିପରି ରକ୍ତ ଶର୍କରା, ମଧୁମେହ କିମ୍ବା ପ୍ରାକ୍-ମଧୁମେହ ଚିହ୍ନଟ କରିବାରେ ଏଚ୍‌ବିଏ୧ସି ପରୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ପରୀକ୍ଷା କରାଇବା ଆବଶ୍ୟକ। ବର୍ଷକୁ ଥରେ ଯକୃତ ଏବଂ ବୃକ୍‌କ ଫଙ୍କସନ୍ ଟେଷ୍ଟ କରିପାରିବେ। ବିଶେଷ କରି ମଦ୍ୟପାନ କରୁଥିବା ବ୍ୟକ୍ତି, ରକ୍ତଚାପ, ମଧୁମେହପୀଡ଼ିତ କିମ୍ବା ଦୀର୍ଘ ସମୟ ଧରି ଔଷଧ ସେବନ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ପରୀକ୍ଷା କରାଇନେବା ଆବଶ୍ୟକ।

**କୋଲୋନ କ୍ୟାନ୍‌ସର ଯାଞ୍ଚ:** ୫୦ ବର୍ଷ ପରେ କୋଲନ କ୍ୟାନ୍‌ସର ଚିହ୍ନଟ କରିବାର ଆବଶ୍ୟକତା ଥାଏ। ପେଟର ଅଲଟ୍ରାସାଉଣ୍ଡ ବର୍ଷକୁ ଥରେ କରିବା ଦ୍ୱାରା ଯକୃତ, ଗଲ୍‌ବ୍ଲାଡର, ବୃକ୍‌କ ଏବଂ ପ୍ରୋଷ୍ଟେଟ ସ୍ଥିତି ଜଣାପଡ଼ିଥାଏ।

**ଡେକ୍ସା ସ୍କାନ:** ଅସ୍ଥି ଶକ୍ତ ବା ଏହାର ଘନତ୍ୱ ଜାଣିବାକୁ ବୋନ୍ ଡେନ୍‌ସିଟି ଟେଷ୍ଟ (ଡେକ୍ସା ସ୍କାନ) ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ୪୦ ବର୍ଷ ପରେ ପୁରୁଷଙ୍କ ଅସ୍ଥି ଦୁର୍ବଳ ହୋଇଥାଏ। ତେଣୁ ଷ୍ଟେରଏଡ ନେଉଥିବା ବ୍ୟକ୍ତି, କମ୍ ଓଜନର ଲୋକ ଏହି ପରୀକ୍ଷା କରିବା ଆବଶ୍ୟକ। ଅନ୍ୟପଟେ କିଛି ଜଣଙ୍କଠାରେ ବୟସ ବଢ଼ିବା ସହ ଟେଷ୍ଟୋଷ୍ଟେରୋନସ୍ତର ହ୍ରାସ ପାଇଥାଏ। ତେଣୁ ଟେଷ୍ଟୋଷ୍ଟେରୋନ ପରୀକ୍ଷା କରିପାରିବେ।

# ରୋଗକୁ ଡାକୁଛି ଆଧୁନିକ ଜୀବନଶୈଳୀ



**ଅନିୟନ୍ତ୍ରିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ, କାର୍ଯ୍ୟଚାପ, ନିଶା ସେବନ ଆଦି କାରଣରୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି। ଏହାକୁ ସାଧାରଣତଃ ଜୀବନଶୈଳୀଜନିତ ବିକାର ବୋଲି କୁହାଯାଇଥାଏ। ବର୍ତ୍ତମାନ ସମୟରେ ଏହା ଶରୀର ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ତେଣୁ ଜୀବନଶୈଳୀ ଜନିତ ବିକାରର ପ୍ରମୁଖ କାରଣ, ଏହାର ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା।**



ଡା. ତନୁଜା ମାଝୀ

ଜୀବନଶୈଳୀଜନିତ ବିକାର ହୃଦ୍‌ରୋଗ, କର୍କଟ, ମଧୁମେହ, ଉଚ୍ଚ ରକ୍ତଚାପ, ମାନସିକ ଅବସାଦ, ମୋଟାପା, ନିଦ ସମସ୍ୟା, ହରମୋନ ଅସନ୍ତୁଳନ ପରି ଗମ୍ଭୀର ରୋଗ ଆଶଙ୍କାକୁ ଅଧିକ ବଢ଼ାଇଥାଏ। ଏହି ରୋଗଗୁଡ଼ିକ ଅଧିକ ସମୟ ଧରି ଓ ଧୀରେ ଧୀରେ ଶରୀରକୁ କ୍ଷତି ପହଞ୍ଚାଇଥାନ୍ତି। ଶରୀରରେ ଏହି ରୋଗ ସୃଷ୍ଟିହେଲେ ସାଧାରଣତଃ ଅତ୍ୟଧିକ ଥକ୍କାପଣ, ମୁଣ୍ଡବ୍ୟଥା, ଓଜନ ବୃଦ୍ଧି ଓ ହ୍ରାସ, ହୃଦସ୍ପନ୍ଦନ ଅସମାନତା, ଚିଡିଚିଡାପଣ, ଅନିଦ୍ରା ବା ଅତ୍ୟଧିକ ଶୋଇବା ଆଦି ଲକ୍ଷଣଗୁଡ଼ିକ ଦେଖିବାକୁ ମିଳିଥାଏ।

**କାହିଁକି ବଢ଼ୁଛି:** ଅନିୟମିତ ଓ ବ୍ୟସ୍ତ ଜୀବନଶୈଳୀ, ଖାଦ୍ୟାଭ୍ୟାସ, ଫାଷ୍ଟଫୁଡ, ଅତ୍ୟଧିକ ଚିନି, ତେଲ, ରାଗ ଓ ଚର୍ବିଯୁକ୍ତ ଖାଦ୍ୟ ଖାଇବା ଆଦି ମୁଖ୍ୟ କାରଣ। ସେହିପରି ଶାରୀରିକ କ୍ରିୟାକଳାପର ଅଭାବ, ନିଦ ପୂରା ନ ହେବା, ଘଣ୍ଟା ଘଣ୍ଟା ଧରି ମୋବାଇଲ୍ ଓ ସ୍କ୍ରିନ୍ ଦେଖିବା ଅଭ୍ୟାସ ଦ୍ୱାରା ନିଦ ଓ ମାନସିକ ଅସନ୍ତୁଳନ ସୃଷ୍ଟି ହୋଇଥାଏ। ସେହିପରି ବର୍ତ୍ତମାନ ସମୟରେ ଯୁବପିଢ଼ି ନିଶା କବଳରେ ଛନ୍ଦି ହୋଇପଡ଼ିଛନ୍ତି। ମଦ୍ୟପାନ ଓ ଧୂମପାନ ଏହି ଦୁଇଟି ବାସ୍ତବରେ ହୃଦ୍‌ରୋଗ, କର୍କଟ ଓ ଅନେକ ଗମ୍ଭୀର ରୋଗ ସୃଷ୍ଟି ହେବାର ମୂଳ କାରଣ।

**ପ୍ରତିକାର:** ଆଧୁନିକ ଜୀବନଶୈଳୀରୁ ସୃଷ୍ଟି ରୋଗ ସମସ୍ୟାକୁ ହ୍ରାସ କରିବା ନିମନ୍ତେ ପ୍ରତିଦିନ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ଖାଇବା ଅଭ୍ୟାସ ସହ ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ। ଦିନକୁ ୩୦ ମିନିଟ୍ ବ୍ୟାୟାମ, ଯୋଗ ଓ ପ୍ରାଣାୟମ କରିବା, ମାନସିକ ଶାନ୍ତି ପାଇଁ ଧ୍ୟାନ, ମନ୍ତ୍ର ଉଚ୍ଚାରଣ ଓ ପରିବାର ଓ ବନ୍ଧୁଙ୍କ ସହିତ ସମୟ ବିତାଇବା ନିହାତି ଆବଶ୍ୟକ। ନିଶା ସେବନଠାରୁ ଦୂରେଇବା ଭଲ। ପ୍ରଦୂଷଣମୁକ୍ତ ସୁସ୍ଥ ବାୟୁ ଗ୍ରହଣ କରିବା, ଦୈନିକ ୭ରୁ ୮ ଘଣ୍ଟା ଶୋଇବା, ଚାପମୁକ୍ତ ଆଦି ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ରୋଗମୁକ୍ତ ହୋଇପାରିବା।

ହୋମିଓପାଥି ଚିକିତ୍ସକ, ଝାରବନ୍ଧ, ବରଗଡ଼

# ବ୍ରାଜିଲ୍ ନଟ୍

**ଡ୍ରାଏଫ୍ରୁଟ୍ସ କହିଲେ କାଜୁ, ବାଦାମ, କିସ୍‌ମିସ୍, ଅଖରୋଟ, ପିସ୍ତା ବୋଲି ସମସ୍ତେ ଭାବନ୍ତି। ହେଲେ ପୋଷକତତ୍ତ୍ୱରେ ଭରପୁର ବ୍ରାଜିଲ୍ ନଟ୍ ଏବେ ଡାଏଟରେ ଅଂଶବିଶେଷ ହୋଇଛି। ଦୈନିକ ଏହାକୁ ଖାଇବା ଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ।**



ସ୍ୱାସ୍ଥ୍ୟ ଉପକାରୀ

ବ୍ରାଜିଲ୍ ନଟ୍‌ରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ସେଲେନିୟମ ଭରପୁର ମାତ୍ରା ଥାଏ। ତେଣୁ ଏହା ଥାଇରଏଡ୍ ହରମୋନ୍‌ସ୍ତରର ଉନ୍ନତି ପାଇଁ କାର୍ଯ୍ୟ କରେ। ବ୍ରାଜିଲ୍ ନଟ୍ ଖାଇବା ଦ୍ୱାରା ହୃଦ୍‌ରୋଗ ଆଶଙ୍କା ହ୍ରାସ କରିଥାଏ।

ଖାଦ୍ୟ ହଜମ କରିବାରେ ଏହା ବେଶ୍ ସହାୟକ। ଏହାକୁ ଖାଇବା ଦ୍ୱାରା ଭୋକ କମ୍ କରୁଥିବାରୁ ଓଜନ ହ୍ରାସ ହୁଏ। ତେଣୁ ଦୈନିକ ନିର୍ଦ୍ଦିଷ୍ଟମାତ୍ରାରେ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ବ୍ରାଜିଲ୍ ନଟ୍‌ରେ ଏଲାଜିକ୍ ଏସିଡ୍ ଏବଂ ସେଲେନିୟମ୍ ଥାଏ, ଏହା ମସ୍ତିଷ୍କକୁ ସକ୍ରିୟ ରଖେ। ପ୍ରଜନନ କ୍ଷମତା ବୃଦ୍ଧି ପାଇଥାଏ। ଶରୀରକୁ ଶକ୍ତି ଯୋଗାଏ।

# ବର୍ଷାଦିନିଆ ଆଖି ସଂକ୍ରମଣ

**ବର୍ଷାଦିନେ ବାତାବରଣ ଆର୍ଦ୍ରତା ଯୋଗୁଁ ବିଭିନ୍ନ ସଂକ୍ରମଣ ଜନିତ ସମସ୍ୟା ଦେଖାଯାଇଥାଏ। ଏହି ଦିନେ ଆଖି ସଂକ୍ରମଣ, ଆଖି ଧରିବା, ଆଖି ଲାଲ୍ ହେବା, କୁଣ୍ଡାଇ ହେବା, ଆଖିରୁ ପାଣି ବାହାରିବା ଆଦି ସମସ୍ୟା ଅଧିକ ଦେଖିବାକୁ ମିଳେ। ତେଣୁ ବର୍ଷାଦିନେ କିପରି ଆଖିର ଯତ୍ନ ନେବେ ଜାଣନ୍ତୁ।**

ବର୍ଷାଦିନେ ସବୁଠୁ ଅଧିକ ଆଖିଧରା ସମସ୍ୟା, ଆଲୁଅ ହେବା, ଆଲର୍ଜି କିମ୍ବା ଆଖି ଶୁଷ୍କ ସମସ୍ୟା ଦେଖାଯାଏ। ଆଖିଧରାର ପ୍ରାଥମିକ ଲକ୍ଷଣରେ ଆଖି କୁଣ୍ଡାଇ ହୁଏ। ପରେ ଆଖି ଧଳା ଅଂଶ ଲାଲ୍ ଦେଖାଯିବା, ଆଖିରୁ ପାଣି ବୋହିବା, ଲେଞ୍ଜରା ବାହାରିବା, ଆଖି ଯନ୍ତ୍ରଣା ହୋଇ ଆଖି ଫୁଲିଯାଏ। ଆଖିରୋଗ ସଂକ୍ରାମକ ହୋଇଥିବାରୁ ଅନ୍ୟମାନଙ୍କୁ ସହଜରେ ବ୍ୟାପିଥାଏ। ତେଣୁ ଏହି ଦିନେ ମଇଳା ପାଣିକୁ ଆଖି ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି। ଓଦା ତଉଲିଆରେ ଆଖି ପୋଛିଲେ ସଂକ୍ରମଣ ଆଶଙ୍କା ଅଧିକ ଥାଏ। ତେଣୁ ସଫା ଓ ଶୁଖିଲା ରୁମାଲ କିମ୍ବା ଟିସୁ ବ୍ୟବହାର କରିବା ଆବଶ୍ୟକ। ଆଖିକୁ ବାରମ୍ବାର ହାତ ନ ଲଗାଇ ହାତର ସ୍ୱଚ୍ଛତାକୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଗୋଟିଏ ରୁମାଲ କେବଳ ଜଣେ ବ୍ୟବହାର କରିବା ଉଚିତ। ବର୍ଷାରେ ଭିଜିଗଲେ ଆଖିକୁ ସଫା ପାଣିରେ ଧୁଅନ୍ତୁ। କଣ୍ଟାକ୍ଟ ଲେନ୍ସ ପିନ୍ଧିବା ପୂର୍ବରୁ ହାତକୁ ଭଲ ଭାବେ ସଫା କରିବା ଜରୁରି। ଆଖି ସଂକ୍ରମଣ ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କୁ ସମ୍ପର୍କ କରିବା ନିହାତି ଆବଶ୍ୟକ।

### ଏସିଆ କପ୍ ମହିଳା ହକି

# ଭାରତୀୟ ଦଳରେ ସୁନେଲିତା ଏକମାତ୍ର ଓଡ଼ିଆ

ବେଙ୍ଗାଲୁରୁ, ୨୧।୮ (ଏଜେନ୍ସି):

ଏସିଆ କପ୍ ମହିଳା ହକିର ଏକାଦଶ ସଂସ୍କରଣ ସେପ୍ଟେମ୍ବର ୫ରୁ ଚାଇନାର ହାଙ୍ଗଝୋଉରେ ଆରମ୍ଭ ହେବ। ଏଥିଲାଗି ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଝାଡ଼ଖଣ୍ଡର ସାଲିମା ଟେଟେଙ୍କୁ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଯୁବ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଗତକାଲି ପୁରୁଷ ଦଳ ଘୋଷଣା ହୋଇଥିବାବେଳେ ଅମିତ୍ ରୋହିଦାସ ଓ ଶିଳାନନ୍ଦ ଲାକ୍ରାଙ୍କୁ ମିଶାଇ ରିଜର୍ଭ ତାଲିକାରେ ନୀଲମ ସଞ୍ଜୀପ ଖେସ୍ ସ୍ଥାନ ପାଇଥିଲେ। କିନ୍ତୁ ମହିଳା ଦଳରେ ଜଣେ ମାତ୍ର ଓଡ଼ିଆ ଖେଳାଳି ସ୍ଥାନ ପାଇବା ରାଜ୍ୟ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଛି।

ଚାଇନାରେ ଖେଳାଯିବାକୁ ଥିବା ଏହି ମେଗା ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ ପୁଲ୍-ବି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଭାରତ ସମେତ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ରହିଛନ୍ତି। ସେପ୍ଟେମ୍ବର ୫ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ସେହିଭଳି ପୁଲ୍-ଏ'ରେ ଆୟୋଜକ ଚାଇନା ସହ ୩ଥରର ବିଜେତା ଦକ୍ଷିଣ କୋରିଆ, ମାଲେସିଆ ଓ ଚାଇନିଜ ତାଇପେଇ ସ୍ଥାନ ପାଇଛି। ପ୍ରତି ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳକୁ ନେଇ ସେପ୍ଟେମ୍ବର ୧୦ରୁ ସୁପର୍-୪ ଆରମ୍ଭ ହେବ। ଏଥିରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ଦୁଇ ଶ୍ରେଷ୍ଠ ଦଳକୁ ନେଇ ସେପ୍ଟେମ୍ବର ୧୪ରେ ଫାଇନାଲ ଅନୁଷ୍ଠିତ ହେବ। ଏସିଆ କପ୍‌ରେ ଯେଉଁ ଦଳ ଚାମ୍ପିଅନ ହେବ ୨୦୨୬ରେ ହେବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଟିକଟ୍ ହାସଲ କରିବ। ତେଣୁ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ଲାଗି ଏହି ଟୁର୍ଣ୍ଣାମେଣ୍ଟ ବେଶ୍ ଗୁରୁତ୍ୱବହନ କରୁଛି।

ଏସିଆ କପ୍ ଇତିହାସରେ ଭାରତୀୟ ମହିଳା ଦଳ ୨ଥର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ୨୦୦୪ରେ ଦଳ ପ୍ରଥମଥର ଟ୍ରଫି ଜିତିଥିଲା। ଏହାର ୧୩ ବର୍ଷ ପରେ ଶେଷ ଓ ଦ୍ୱିତୀୟଥର ଲାଗି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ତେଣୁ ୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏଥର ଟ୍ରଫି ଜିତିବା ବୋଲି ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ଆଶାବାଦୀ ରହିଛନ୍ତି। 'ଏହା କେବଳ ଏକ ସମ୍ମାନଜନକ ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ନୁହେଁ ବରଂ ୨୦୨୬ ମହିଳା ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ସୁବିଧା ରହିଛି। ତେଣୁ ପ୍ରତ୍ୟେକ ମ୍ୟାଚ୍ ଆମ ପାଇଁ ପରୀକ୍ଷା ସଦୃଶ ହେବ' ବୋଲି ହରେନ୍ଦ୍ର କହିଛନ୍ତି।





ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଏସିଆ କପ୍ (ପୁରୁଷ) ଟ୍ରଫି ପହଞ୍ଚିବା ପରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଟ୍ରଫିକୁ ସ୍ୱାଗତ କରାଯାଇଥିଲା

**ଭାରତର କାର୍ଯ୍ୟସୂଚୀ**

| ସେପ୍ଟେମ୍ବର ୫ | ସେପ୍ଟେମ୍ବର ୬ | ସେପ୍ଟେମ୍ବର ୮ |
|---|---|---|
| ଭାରତ ବନାମ ଥାଇଲାଣ୍ଡ, ଅପରାହ୍ଣ ୨ଟା ୩୦ | ଭାରତ ବନାମ ଜାପାନ, ରାତି ୭ଟା | ଭାରତ ବନାମ ସିଙ୍ଗାପୁର, ଅପରାହ୍ଣ ୨ଟା ୩୦ |

**ଘୋଷିତ ଭାରତୀୟ ଦଳ**

**ଗୋଲ୍‌ରକ୍ଷକ:** ବନସାରୀ ସୋଲାଙ୍କି, ବିଚ୍ଛୁ ଦେବୀ ଖାରିବାମ୍

**ଡିଫେଣ୍ଡର:** ମନିଷା ଚୌହାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୌଦାମ, ନିକ୍କି ପ୍ରଧାନ, ଇଶିକା ଚୌଧୁରୀ

**ମିଡ୍‌ଫିଲ୍ଡର:** ନେହା, ବୈଷ୍ଣବୀ ଭିଉଲ ଫାଲକେ, ସାଲିମା ଟେଟେ, ଶର୍ମିଳା ଦେବୀ, ଲାଲରେମସିଆମି, ସୁନେଲିତା ଟପ୍ପୋ

**ଫରୱାର୍ଡ:** ନବନୀତ୍ କୌର, ଋତୁଜା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ମୁମତାଜ ଖାନ, ଦୀପିକା, ସଙ୍ଗୀତା କୁମାରୀ।

## ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଖେଳିବ ଭାରତ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି। 'ନିରପେକ୍ଷ ଭେନ୍ୟୁରେ ମଧ୍ୟ ପାକିସ୍ତାନ ସହ ଆମେ ଦ୍ୱିପାକ୍ଷିକ ସିରିଜ ଖେଳିବୁ ନାହିଁ। ଏହି ନୀତି ଭାରତକୁ ଅଧିକ ଆକ୍ରମଣାତ୍ମକ କରିବ। ଆମକୁ ଉଭୟ ସୀମା ଓ କ୍ରୀଡ଼ାରେ ପାକିସ୍ତାନକୁ ପରାସ୍ତ କରିବାକୁ ପଡ଼ିବ। କିନ୍ତୁ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଯେଉଁଥିରେ ପାକିସ୍ତାନ ଦଳ ଓ ଖେଳାଳି ରହିଥିବେ ସେଥିରେ ଭାରତୀୟ ଆଥଲେଟଙ୍କୁ ଖେଳିବାକୁ ଅନୁମତି ଦିଆଯିବ। ତେବେ ପୂର୍ବଭଳି ପାକିସ୍ତାନରେ କୌଣସି ମ୍ୟାଚ୍ ଖେଳିବ ନାହିଁ କି ଦ୍ୱିପାକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ନାହିଁ' ବୋଲି କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ କୁହାଯାଇଛି। ଏହା ସହିତ ଭିସା ନୀତିକୁ ଖେଳାଳି, ଦଳର ଅଧିକାରୀ, ବୈଷୟିକ ଅଧିକାରୀ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରଶାସକ ସଂସ୍ଥାର ପଦାଧିକାରୀଙ୍କ ପାଇଁ ସର୍ବାଧିକ ୫ ବର୍ଷ ପାଇଁ ସରଳୀକୃତ କରାଯିବ ବୋଲି ଜଣାପଡ଼ିଛି।

କ୍ରୀଡ଼ା ବିଭାଗର ଏହି ନିଷ୍ପତ୍ତି ଫଳରେ ଆଗାମୀ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସେପ୍ଟେମ୍ବର ୧୪ରେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବା ନେଇ ରାସ୍ତା ଫିଟିଯାଇଛି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଓ ଏହାପରେ ଭାରତର 'ଅପରେସନ ସିନ୍ଦୁର'କୁ ନେଇ ଦୁଇ ପଡ଼ୋଶୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଥିଲା। ଯେଉଁଥି ପାଇଁ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଖେଳିବ ନାହିଁ ବୋଲି ଆଲୋଚନା ହେଉଥିଲା। ଯାହାର ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏଥିପୂର୍ବରୁ ଇଂଲଣ୍ଡରେ ଅନୁଷ୍ଠିତ ୱାର୍ଲ୍ଡ ଲିଜେଣ୍ଡସ ଲିଗ୍‌ରେ ପାକିସ୍ତାନ ବିପକ୍ଷରେ ଭାରତୀୟ ଭେଟେରାନ ଦଳ ଦୁଇ ଦୁଇଥର ମ୍ୟାଚ୍ ଖେଳି ନଥିଲା।

## ବର୍ଷେ ବଢ଼ିବ ଅଗରକରଙ୍କ କାର୍ଯ୍ୟକାଳ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଏସିଆ କପ୍ ଦଳ ଚୟନକୁ ନେଇ ବିବାଦରେ ଥିବା ବିସିସିଆଇ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ୧ ବର୍ଷ ବଢ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଜୁନ ୨୦୨୩ରେ ଅଧ୍ୟକ୍ଷ ପଦ ସମ୍ଭାଳିଥିବା ଅଗରକର ଗତ ଦୁଇ ବର୍ଷ ମଧ୍ୟରେ ଦଳ ଚୟନକୁ ନେଇ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ଏହାସତ୍ତ୍ୱେ ସେ ସଫଳତାର ସହିତ ଏସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରିବାରେ ସଫଳ ହୋଇଛନ୍ତି। ତାଙ୍କରି କାର୍ଯ୍ୟକାଳ ମଧ୍ୟରେ ଭାରତ ଟି-୨୦ ବିଶ୍ୱକପ୍ ଓ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ ହୋଇଥିଲା। ଯେଉଁଥି ପାଇଁ ବିସିସିଆଇ ତାଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ବୃଦ୍ଧି କରିବା ଲାଗି ଅଫର ଦେଇଥିଲା। ମୁମ୍ବାଇର ଏହି ପୂର୍ବତନ ଦ୍ରୁତ ବୋଲର ଏହାକୁ ଗ୍ରହଣ କରିଥିବା ଜଣାପଡ଼ିଛି। ଏବେ ତାଙ୍କ କାର୍ଯ୍ୟକାଳ ୨୦୨୬ ଜୁନ ପର୍ଯ୍ୟନ୍ତ ବୃଦ୍ଧି ହେବ। ତେବେ ବିସିସିଆଇ ପକ୍ଷରୁ ଏନେଇ ଅଫିସିଆଲି କୌଣସି ସୂଚନା ଦିଆଯାଇନାହିଁ।

## ମୁମ୍ବାଇ ରଣଜୀ ଦଳର ନେତୃତ୍ୱ ଛାଡ଼ିଲେ ରାହାଣେ

ମୁମ୍ବାଇ, ୨୧।୮ (ଏଜେନ୍ସି): ଅଭିଜ୍ଞ ବ୍ୟାଟର ଆଜିଙ୍କ୍ୟ ରାହାଣେ ଗୁରୁବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବା ପୂର୍ବରୁ ସେ ମୁମ୍ବାଇ ରଣଜୀ ଟ୍ରଫି ଦଳର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୩୭ ବର୍ଷୀୟ ରାହାଣେ ଏହି ସୂଚନା ଦେଇଛନ୍ତି। ରାହାଣେ ଏଥିରେ ଉଲ୍ଲେଖ କରିଛନ୍ତି, 'ମୁମ୍ବାଇ ଦଳର ନେତୃତ୍ୱ ନେବା ଓ ଟ୍ରଫି ଜିତିବା ସମ୍ପୂର୍ଣ୍ଣ ଭାବେ ସମ୍ମାନର ବିଷୟ। ଆଗକୁ ନୂଆ ଘରୋଇ ସିଜନ ଆସୁଛି। ମୁଁ ଭାବୁଛି ଜଣେ ଯୁବ ନେତୃତ୍ୱଙ୍କୁ ସୁଯୋଗ ଦେବାର ଏହା ଉପଯୁକ୍ତ ସମୟ। ତେଣୁ ମୁଁ ଅଧିନାୟକ ପଦ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି। ଏବେ ଜଣେ ଖେଳାଳି ଭାବେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଓ ଟ୍ରଫି ଜିତିବାକୁ ଦଳ ସହ ଯାତ୍ରା ଜାରି ରଖିବି।'



ରାହାଣେଙ୍କ ନେତୃତ୍ୱରେ ମୁମ୍ବାଇ ୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ୨୦୨୩-୨୪ ସିଜନରେ ରଣଜୀ ଟ୍ରଫି ଚାମ୍ପିଅନ ହୋଇଥିଲା। ଯାହାକି ମୁମ୍ବାଇର ୪୨ତମ ରଣଜୀ ଟାଇଟଲ୍ ଥିଲା। ରାହାଣେଙ୍କ ପରେ ଏବେ ଶାର୍ଦ୍ଦୁଳ ଠାକୁର ମୁମ୍ବାଇ ଦଳର ନେତୃତ୍ୱ ନେବା ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।

## ଇଂଲଣ୍ଡ ବିଶ୍ୱକପ୍ ଦଳରେ ସ୍ଥାନ ପାଇଲେନି କେଟୀ

ଲଣ୍ଡନ, ୨୧।୮ (ଏଜେନ୍ସି): ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟ ଲାଗି ଗୁରୁବାର ୪ଥରର ବିଜେତା ଇଂଲଣ୍ଡ ପକ୍ଷରୁ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ନାତାଲୀ ସ୍କିଭର-ବ୍ରଣ୍ଟଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଇଂଲଣ୍ଡର ସବୁଠୁ ଅଭିଜ୍ଞ ଦ୍ରୁତ ବୋଲର୍ କେଟୀ କ୍ରସ୍ ବିଶ୍ୱକପ୍ ଦଳରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି। ୩୩ ବର୍ଷୀୟା କେଟୀ ୭୬ ଏକଦିବସୀୟ ମ୍ୟାଚ୍ ଖେଳି ୪.୪୫ ଇକୋନୋମୀରେ ୧୦୧ଟି ୱିକେଟ୍ ନେଇଛନ୍ତି। ଅପରପକ୍ଷରେ ପୂର୍ବତନ ଅଧିନାୟିକା ହେଥର ନାଇଟ୍, ସାରା ଗ୍ଲେନ ଓ ଡାନି ୱାଟ-ହୋଡଗେଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ମାଂଶପେଶୀରେ ଆଘାତ ଲାଗି ହେଥର ଗତ ମେ'ରୁ ଦଳରୁ ଦୂରେଇ ରହିଥିଲେ। ସେହିଭଳି ଗତ ଭାରତ ବିପକ୍ଷ ସିରିଜରେ ଗ୍ଲେନ ଓ ଡାନିଙ୍କୁ ସୁଯୋଗ ମିଳି ନ ଥିଲା। ଅକ୍ଟୋବର ୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଇଂଲଣ୍ଡ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ୨୦୨୨ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠୁ ହାରି ଇଂଲଣ୍ଡ ଉପବିଜେତା ରହିଥିଲା।

**ଇଂଲଣ୍ଡ ଦଳ:** ନାତାଲୀ ସ୍କିଭର-ବ୍ରଣ୍ଟ (ଅଧିନାୟିକା), ଇମା ଆର୍ଲୋଟ୍‌, ତାମି ବିଉମଣ୍ଟ, ଲୌରେନ ବେଲ୍, ଆଲିସେ କାପସୀ, ଚାର୍ଲି ଡିନ, ସୋଫିଆ ଡଙ୍କଲୀ, ସୋଫି ଇକଲେଷ୍ଟୋନ, ଲୌରେନ ଫିଲର୍, ସାରା ଗ୍ଲେନ, ଆମି ଜୋନ୍ସ, ହେଥର ନାଇଟ୍, ଇମା ଲାମ୍ବା, ଲିନସୀ ସ୍ମିଥ ଓ ଡାନି ୱେଟ-ହୋଡଗେ।

### ■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବ

## ରଶ୍ମିତାଙ୍କୁ ସ୍ୱର୍ଣ୍ଣ, ନରିମ୍‌ଙ୍କୁ ରୌପ୍ୟ





କଟକ,୨୧।୮ (ସମିସ): ଶ୍ରୀନଗରରେ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ପୁରୁଷ ବର୍ଗର କାୟାକିଂ-୧ ଏକ ହଜାର ମିଟର ଇଭେଣ୍ଟରେ ନରିମ ଯମେଶ ସିଂହ ରୌପ୍ୟ ଜିତିଥିଛନ୍ତି। ସେହିଭଳି କାନୋଇଂ-୧ ମହିଳା ୨୦୦ ମିଟର ଇଭେଣ୍ଟରେ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ୧୫ଜଣ ଖେଳାଳି ଭାଗ ନେଇଛନ୍ତି। ମୋଟ ୧୨ଟି ଯାକ ଇଭେଣ୍ଟରେ ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବେ। ଦଳର ପଦକ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ ବୋଲି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ସୂଚନା ଦେଇଛନ୍ତି।

## ୬ଷ୍ଠ ଆନ୍ତଃସ୍କୁଲ ଟେବଲ୍ ଟେନିସ ଚାମ୍ପିଅନସିପ୍ ଶେଷ


କଟକ,୨୧।୮ (ସମିସ): ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମରେ ଖେଳାଯାଉଥିବା ୬ଷ୍ଠ ଆନ୍ତଃସ୍କୁଲ ଟେବଲ ଟେନିସ ଚାମ୍ପିଅନସିପ ଶେଷ ହୋଇଛି। ସିନିଅର ବାଳିକା ବର୍ଗରେ କଟକର ଗୁରୁ ନାନକ ପବ୍ଲିକ ସ୍କୁଲ, ବାଳକ ବର୍ଗରେ ଭୁବନେଶ୍ୱରର ପିଏମ ଶ୍ରୀ କେଭି ନଂ-୧ ସ୍କୁଲ, ଜୁନିଅର ବାଳକ ବର୍ଗରେ କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲ, ବାଳିକା ବର୍ଗରେ ସିଡିଏ ଡିଏଭି ପବ୍ଲିକ ସ୍କୁଲ ଚାମ୍ପିଅନ ହୋଇଛି। ଏଠାରେ ୩୦ତମ ୱାଇଜିଟିଟିଏ ରାଜ୍ୟ ର୍‌ୟାଙ୍କିଂ ଟେବଲ ଟେନିସ୍ ଚାମ୍ପିଅନସିପ ଶୁକ୍ରବାରଠାରୁ ଆରମ୍ଭ ହେବ।

ସିନିୟର ବାଳିକା ବର୍ଗର ଫାଇନାଲରେ ଗୁରୁ ନାନକ ପବ୍ଲିକ ସ୍କୁଲ ୩-୦ ଗେମରେ ଷ୍ଟିୱାର୍ଟ ସ୍କୁଲକୁ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଶ୍ୱେତା ବର୍ମା, ଉର୍ଜ୍ଜା ବର୍ମା ଉଭୟ ସିଙ୍ଗିଲ୍ସ ଓ ଡବଲ୍ସ ଇଭେଣ୍ଟରେ ଏକତରଫା ଭାବେ ଜିତି ନିଜ ସ୍କୁଲକୁ ଚାମ୍ପିଅନ କରାଇଥିଲେ। ସେହିପରି ସିନିୟର ବାଳକ ବର୍ଗର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ପିଏମ ଶ୍ରୀ କେଭି ନଂ-୧ ୩-୦ ଗେମ୍‌ରେ ଖ୍ରୀଷ୍ଟ କଲିଜିଏଟ ସ୍କୁଲକୁ ହରାଇଥିଲା। ରୁଦ୍ର ଗୌଡ ଓ ରତିକାନ୍ତ ଗୌଡ ଦଳ ପାଇଁ ବିଜୟୀ ପଏଣ୍ଟ ହାସଲ କରିଥିଲେ। ଜୁନିୟର ବାଳକ ବର୍ଗର ଫାଇନାଲରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ୩-୧ ଗେମ୍‌ରେ ଡିପିଏସ୍ କଳିଙ୍ଗକୁ ହରାଇଥିଲା। ଡିପିଏସ୍ କଳିଙ୍ଗ ପକ୍ଷରୁ ହିତେଶ ଅଗ୍ରୱାଲ ଏକମାତ୍ର ଗେମ୍ ପଏଣ୍ଟ ହାସଲ କରିଥିବା ବେଳେ ବିଜୟୀ ନ୍ୟୁ ଷ୍ଟିୱାର୍ଟର ସୟଦ ଅର୍ଶ ଅଲ୍ଲୀ ଏକୁଟିଆ ୩ ଗେମ୍ ପଏଣ୍ଟ ଜିତିଥିଲେ। ଜୁନିୟର ବାଳିକା ବର୍ଗର ଫାଇନାଲରେ ସିଡିଏ ଡିଏଭି ପବ୍ଲିକ ସ୍କୁଲ ୩-୧ ଗେମ୍‌ରେ ପୁରୀ ଜିଲ୍ଲା ସ୍କୁଲକୁ ପରାସ୍ତ କରିଥିଲା। ପୁରୀର ଶ୍ରୀତିଜା ଚୌଧୁରୀ ଗୋଟିଏ ଗେମ୍‌ରେ ବିଜୟୀ ହୋଇଥିବା ବେଳେ ଅନ୍ୟ ୩ଟି ଗେମ୍‌ରେ ଡିଏଭିର ନିଳାକ୍ଷୀ ବସ୍ତିଆ ଓ ଆରାଧ୍ୟା ସାହୁ ବିଜୟୀ ହୋଇଥିଲେ।



## ଜାତୀୟ ଅଶୀଚାଳନା ମହାସଂଘ କୋଷାଧ୍ୟକ୍ଷ ହେଲେ ଦେବେନ୍ଦ୍ର

କଟକ,୨୧।୮ (ସମିସ): ଜାତୀୟ ଅଶୀଚାଳନା ମହାସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ନୈନିତାଲରେ ଜାତୀୟ ମହାସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଦେବେନ୍ଦ୍ରଙ୍କୁ ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ, କାର୍ଯ୍ୟକାରୀ ସଭାପତି ଡଃ ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ, ଶଶୀକାନ୍ତ ନାୟକ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉକି, ସତ୍ୟେଜ ଦ୍ୟାନଦେଓ ପାଟିଲ ସଭାପତି ଓ ରାଜୀବ ମେହଟା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।



### ଜାତୀୟ ଜୁନିଅର ପୁରୁଷ ହକି

# ପଞ୍ଜାବକୁ ହରାଇ ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୨୧।୮ (ସମିସ):

ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ୧୫ତମ ଜାତୀୟ ଜୁନିଅର ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଓଡ଼ିଶା ଦଳ ୩-୨ ଗୋଲ୍‌ରେ ଘରୋଇ ପଞ୍ଜାବକୁ ମାତ୍ ଦେଇ ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି। ପ୍ରତାପ ଟପ୍ପୋ ୨ଟି ଗୋଲ୍ ଦେଇ ବିଜୟରେ ନାୟକ ସାଜିଥିଲେ। ଓଡ଼ିଶା ଏବେ ସ୍ୱର୍ଣ୍ଣ ପଦକ ଲାଗି ହରିୟାଣା ସହ ଶନିବାର ମୁକାବିଲା କରିବ। ଅନ୍ୟ ଏକ ସେମିଫାଇନାଲରେ ହରିୟାଣା ୩-୦ ଗୋଲରେ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ସେହିଭଳି ସେମିଫାଇନାଲର ଦୁଇ ପରାଜିତ ଦଳ ପଞ୍ଜାବ ଓ ଉତ୍ତରପ୍ରଦେଶ ମଧ୍ୟରେ କାଂସ୍ୟ ପଦକ ଲାଗି ଲଢ଼େଇ ହେବ।

ଗୁରୁବାର ଅପରାହ୍ଣରେ ଘରୋଇ ପଞ୍ଜାବ ଓ ଓଡ଼ିଶା ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ପ୍ରଥମ ମିନିଟରେ ହିଁ ଓଡ଼ିଶାକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ପ୍ରତାପ ଏହାର ଭରପୁର ଫାଇଦା ଉଠାଇ ବଲ୍‌କୁ ପଞ୍ଜାବ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଏହାପରେ ସେହି ପ୍ରଥମ କ୍ୱାର୍ଟରରେ ହିଁ ପଞ୍ଜାବ ଗୋଲଟି ଶୁଝାଇ ଦେଇଥିଲା। ୧୨ତମ ମିନିଟରେ ଗୁରଶେୱାକ ସିଂହ ଏହି ଗୋଲ୍‌ଟି ଦେଇଥିଲେ। ଏହାର ୩ ମିନିଟ୍ ପରେ ପ୍ରତାପଙ୍କ ଷ୍ଟିକ୍‌ରୁ ଏକ ଫିଲ୍ଡ ଗୋଲ୍ ବାହାରିଥିଲା। ଯାହା ଫଳରେ ପ୍ରଥମ ୧୫ ମିନିଟ୍‌ରେ ଓଡ଼ିଶା ୨-୧ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ୩ୟ କ୍ୱାର୍ଟରରେ ପଞ୍ଜାବ କମବ୍ୟାକ୍ କରିଥିଲା। ୪୪ତମ ମିନିଟରେ ମନମିତ୍ ସିଂହ ରାଲ୍‌ଙ୍କ ଗୋଲ୍ ମ୍ୟାଚକୁ ୨-୨ର ବରାବର୍‌ସ୍ଥିତିକୁ ଆଣିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ ଶେଷ ହେବାକୁ ୨ ମିନିଟ୍ ବାକି ଥିବାବେଳେ କରନ ଲାକ୍ରା ଓଡ଼ିଶା ପାଇଁ ବିଜୟ ସୂଚକ ୩ୟ ଗୋଲଟି ଦେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS